# ଏବ୍ରୀ, ଅଧ୍ୟାୟ ଚାରି

...ଆମର ଆଶୀଷିତ ପ୍ରଭୁଙ୍କ ବିଷୟରେ ଅଧିକ ଜାଣିବା ଅଟେ। ଏବଂ ତାହାହିଁ ଆମର—ଆମର ଏଠାରେ ଏକତ୍ରିତ ହେବାର ଉଦ୍ଦେଶ୍ୟ, ସେହି ଉଦ୍ଦେଶ୍ୟ ପାଇଁ ଅଟେ, ଏବଂ, ତେବେ, ଏବଂ ପରମେଶ୍ୱରଙ୍କ ଅସୁସ୍ଥ ପିଲାମାନଙ୍କ ପାଇଁ ପ୍ରାର୍ଥନା କରିବା ଅଟେ। ଏବଂ ଆଜି ସକାଳେ ଆମର ଶାସ୍ତ୍ରାଂଶରୁ ଏକ—ଏକ ଅଦ୍ଭୁତ ଆଶୀର୍ବାଦ ରହିଥିଲା।

2 ଆମେମାନେ ସେବାର ପ୍ରତ୍ୟେକ ଥର, ଏକ ଏକ ଅଂଶ, ନେବାକୁ ଚେଷ୍ଟା କରୁଛୁ...ମୁଁ ଏବ୍ରୀ ପୁସ୍ତକରେ ଶିକ୍ଷା ଦେଉଅଛି, ବର୍ତ୍ତମାନ ଗତ କେତେକ ସପ୍ତାହରୁ, କରି ଆସୁଛି। ଏବଂ ବର୍ତ୍ତମାନ, ଯଦି ପ୍ରଭୁ ଇଚ୍ଛା କରନ୍ତି, ଆମେ ବୁଧବାର ରାତିରେ ଜାରି ରଖିବା, ତାହାପରେ ରବିବାର ସକାଳେ ଏବଂ ରବିବାର ରାତିରେ, ଆଗକୁ, ଯେପର୍ଯ୍ୟନ୍ତ ମୁଁ ଏହି ଥରକ ଏଠାରେ ରହିଅଛି। ଏକ ଉଦ୍ଦୀପନା ନୁହେଁ, ମାତ୍ର ଏହା ଉଦ୍ଦୀପନା ଅଟେ, ଆମର ନିୟମିତ ରାତିରେ ଏକ ସଭା ଅଟେ। ଏବଂ ତେଣୁକରି ଆମେମାନେ ଏହି ସହରର ଆଖପାଖରେ ଏବଂ ଏଠାରେ ଏହି ଫଲ ସହରର ଆଖପାଖରେ ଥିବା, ଉତ୍ତମ ବନ୍ଧୁମାନଙ୍କ ସହିତ ସାକ୍ଷାତ କରିବା ନିମନ୍ତେ, ଏହି ସମୟ ପାଇଥିବା ହେତୁ ଆମେ ଅତ୍ୟଧିକ ଭାବେ ଅତ୍ୟନ୍ତ ଆନନ୍ଦିତ ଅଟୁ। ଏବଂ ଯଦି—ଯଦି ଆମର ଏକ ବାତିଲ୍ କିମ୍ବା ସେପରି କିଛି ହେବାକୁ ଯାଏ, ତେବେ ବୋଧହୁଏ ଏହା ହେବ ଯେ ପ୍ରଭୁ ହୁଏତ ଆମକୁ କଢାଇ ନେଇପାରନ୍ତି, ଖୁବ୍ ଶୀଘ୍ର, ସେଥିରେ...ହୋଇପାରେ ଯେ ଆମର ଆଉ କିଛି ରାତି ରହିପାରେ, ବୋଧହୁଏ, କିଛି ସମୟ ପରେ, ବ୍ୟାୟାମଶାଳାରେ କିମ୍ବା ସେପରି କିଛି ସ୍ଥାନରେ, ଯଦି ପ୍ରଭୁ ସେହି ମାର୍ଗକୁ କଢେଇ ନେଇ ଯାଉଥିବାର ପରି ଦିଶିଥାଏ, ଏପରି ଏକ ସ୍ଥାନକୁ ଯେଉଁଠାରେକି ଆମେ ଆମର ଲୋକମାନଙ୍କୁ ଏକତ୍ର କରିପାରିବା।

ଏବଂ ଆମେ ଉପରକୁ ଆସୁଥିବାବେଳେ, ଲୋକମାନଙ୍କୁ ଫେରି ଯାଉଥିବାର ଦେଖିଲୁ, କହୁଥିଲେ, "ଭିତରକୁ ଯିବାରେ—ରେ କୌଣସି ସ୍ଥାନ ନାହିଁ।" ଅବଶ୍ୟ, ଆରାଧନାଳୟଟି ଅତିଶୟ ଛୋଟ ଅଟେ। ଏଥିରେ କେବଳ ଅଳ୍ପ, ଅତି ଅଳ୍ପ ଲୋକମାନେ ହିଁ ବସିପାରିବେ, ଏବଂ ଆମେମାନେ ଏତେ ଆନନ୍ଦିତ ଅଟୁ ଯେ ଆପଣମାନେ ପ୍ରଭୁଙ୍କର ବାକ୍ୟକୁ ଶୁଣିବା ପାଇଁ, ବାହାରକୁ ଆସି ଏତେ ଗରମରେ ସୁଦ୍ଧା ବସିବା ପାଇଁ ଇଚ୍ଛୁକ ଅଟନ୍ତି। ଏବଂ ଆମେମାନେ ପ୍ରାର୍ଥନା କରୁଛୁ ଯେ ପରମେଶ୍ୱର ଆପଣଙ୍କୁ ଅତ୍ୟଧିକ ଭାବେ, ପ୍ରଚୁର ଭାବେ ଆଶୀର୍ବାଦ କରିବେ ଏବଂ ଆପଣଙ୍କୁ ସାହାଯ୍ୟ କରିବେ।

3 ଏବଂ ତେବେ, ଆଜି ରାତିରେ, ଆମେମାନେ ଚାହୁଁ, ଆମେମାନେ ଆରମ୍ଭ କରୁଛୁ ସେହି 4ର୍ଥ ପ-...ଆଜି ସକାଳେ ଏଠାରେ କେତେଜଣ ଥିଲେ? ଆସନ୍ତୁ ଆମେମାନେ ଆପଣଙ୍କର ହାତଗୁଡିକୁ ଦେଖିବା। ଓଃ, ଏହା ଅଦ୍ଭୁତ, ପ୍ରାୟତଃ ଆପଣମାନଙ୍କ ମଧ୍ୟରୁ ସମସ୍ତେ ଥିଲେ। ଏବଂ ଆମେମାନେ, ଏବ୍ରୀ ପୁସ୍ତକର ସେହି 4ର୍ଥ ପର୍ବରୁ, ଆରମ୍ଭ କରୁଅଛୁ। ଓଃ, କି ଏକ

ଚମତ୍କାର ପୁସ୍ତକ ଅଟେ! କଅଣ ଆପଣମାନେ ଏହାକୁ ଉପଭୋଗ କରୁଛନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ଏବଂ ଏହା ଶାସ୍ତ୍ର ଦ୍ଵାରା ଶାସ୍ତ୍ରକୁ ତୁଳନା କରୁଅଛି।

4 ଏବଂ ପାଉଲ, ଏହା ପୂର୍ବେକି ସେ କଦାଚ ତାଙ୍କର ଅଭିଜ୍ଞତାର ସାକ୍ଷ୍ୟ ଦିଅନ୍ତେ, ତାଙ୍କୁ ପ୍ରଥମେ ଆରବକୁ ଯିବାକୁ ପଡିଥିଲା ଏବଂ ବାକ୍ୟ ଦ୍ଵାରା, ଏହା ଖୋଜିବାକୁ ପଡ଼ିଥିଲା ଯେ ତାହା ସତ୍ୟ ଅଟେ କି ନାହିଁ। ମୁଁ ତାହା ପସନ୍ଦ କରେ। ଏବଂ ଆଜି ସକାଳର ଶିକ୍ଷା, ଆମେମାନେ ଆଜି ସକାଳେ ଶିକ୍ଷାଦାନରେ, ଏହା ଜାଣିବାକୁ ପାଇଲୁ, ଯେ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। ଏବଂ ପାଉଲ ପାଇଥିଲେ ଯେ ସେହି ସମାନ ଅଗ୍ନିସ୍ତମ୍ଭ ଯାହାକି ଇସ୍ରାଏଲ ସନ୍ତାନମାନଙ୍କୁ କଢେଇ ନେଇଥିଲା, ତାଙ୍କୁ ଦମ୍ମେସକ ଯିବାର ମାର୍ଗରେ ଭେଟିଥିଲେ। ଆମେମାନେ ପାଉ ଯେ ସେହି ଅଗ୍ନିସ୍ତମ୍ଭ, ଯାହାକି ଇସ୍ରାଏଲ ସନ୍ତାନମାନଙ୍କୁ ପ୍ରାନ୍ତରରୁ ବାହାର କରି, ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢେଇ ନେଇଥିଲା, ଦମ୍ମେସକର ମାର୍ଗରେ ପାଉଲଙ୍କୁ ଭେଟିଥିଲେ, ଓ ଆପଣାକୁ, "ଯୀଶୁ" ବୋଲି ପରିଚୟ ଦେଇଥିଲେ।

5 ତାହାପରେ ଆମେମାନେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକୃତ ସର୍ବୋଚ୍ଚ ଈଶ୍ଵରତ୍ତ୍ଵକୁ ଜାଣିଲୁ। ଏଠାରେ ଥିବା ସମଗ୍ର ପୁସ୍ତକଟି କେବଳ ଯୀଶୁ ଖ୍ରୀଷ୍ଟଙ୍କର ଏକ ପ୍ରକାଶନ ଅଟେ। ଏବଂ ସେ ଆସନ୍ତି, ଆମେମାନେ ପାଇଲୁ ଯେ, "ପୁରାକାଳରେ ଏବଂ ବିବିଧ ପ୍ରକାରେ, ପରମେଶ୍ଵର ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ ପିତୃପୁରୁଷମାନଙ୍କ ସହିତ କଥା କହି; ଏହି ଶେଷ ଦିନରେ ତାହାଙ୍କ ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ଦେଇ, ସେ ଆପଣାକୁ ପ୍ରକାଶ କରିଅଛନ୍ତି।" ଏବଂ ଆଦିପୁସ୍ତକରୁ ନେଇ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ ସେହି ପୁସ୍ତକଟି ପ୍ରଭୁ ଯୀଶୁଙ୍କର ଏକ ନିରନ୍ତର, ଚିରନ୍ତନ, ପ୍ରକାଶନ ଛଡା ଆଉ ଅନ୍ୟ କିଛି ନୁହେଁ।

6 ଏବଂ ଆମେମାନେ ପାଉ ଯେ ସେ ହିଁ ସେହି ଜଣକା ଥିଲେ ଯିଏକି ଜ୍ଵଳନ୍ତ ବୁଦା ଭିତରେ ଥିଲେ। ଆମେମାନେ ପାଉ ଯେ ସେ ହିଁ ସେହି ଜଣକା ଥିଲେ ଯିଏକି ଜଗତ ପତ୍ତନାବଧି ପୂର୍ବରୁ ପରମେଶ୍ଵରଙ୍କ ସହିତରେ ଥିଲେ। ଏବଂ ଆମେମାନେ ପାଇଲୁ ଯେ, ନୂତନ ନିୟମରେ, ସେ ଏକତ୍ର ଭାବେ, ପରମେଶ୍ଵର ଏବଂ ମନୁଷ୍ୟ ଥିଲେ। ଏବଂ ଯେତେବେଳେ ସେ ସ୍ଵର୍ଗକୁ ଯିବା ପାଇଁ, ନୂତନ ନିୟମକୁ ଛାଡିଲେ, ସେ କହିଲେ, "ମୁଁ ପରମେଶ୍ଵରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ଵରଙ୍କ ନିକଟକୁ ଫେରିଯାଏ।"

7 ଏବଂ ତାହାପରେ ଯେତେବେଳେ ପାଉଲ ତାହାଙ୍କୁ ଭେଟିଲେ, ସେ ସେହି ସମାନ ରୂପରେ ଥିଲେ ଯେଉଁ ରୂପରେ ସେ ସେତେବେଳେ ଥିଲେ ଯେତେବେଳେ ସେ ଇସ୍ରାଏଲକୁ କଢେଇ ନେଇଥିଲେ, ଏକ ଅଗ୍ନିସ୍ତମ୍ଭରେ। ଏବଂ ପାଉଲ ଅବିଶ୍ଵାସୀ ହୋଇ, ସୀଧାସଳଖ ତାହାଙ୍କୁ ମୁଖକୁ ଚାହିଁଥିଲେ, ଏବଂ ଏହା ଯୋଗୁଁ ତାଙ୍କର ଅବଶିଷ୍ଟ ଦିନ ତାଙ୍କୁ ଆଖିରେ ଅସୁବିଧାର ସମ୍ମୁଖିନ ହେବାକୁ ପଡିଥିଲା। ସେ ଅନ୍ଧ ହୋଇଗଲେ, ଏବଂ ଅନେକ ଦିନ ପର୍ଯ୍ୟନ୍ତ ସେ ଆଦୌ କିଛି ଦେଖିପାରି ନ ଥିଲେ। ତାଙ୍କୁ ସଳଖ ନାମକ ଏକ ମାର୍ଗରେ କଢେଇ ନିଆଯିବାକୁ ପଡିଥିଲା।

8 ଏବଂ ସେଠାରେ ପରମେଶ୍ୱରଙ୍କର, ହନନୀୟ ନାମରେ, ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଯାହାଙ୍କ ସହିତ ସେ କଥା ହୋଇଥିଲେ, ଯିଏକି ଏକ ଦର୍ଶନ ଦ୍ୱାରା, ଭିତରକୁ ଆସିଥିଲେ, ଏବଂ ପାଉଲଙ୍କ ଉପରେ ନିଜର ହାତ ରଖି, କହିଥିଲେ, "ଶାଉଲ ଭାଇ, ଆପଣା ଦୃଷ୍ଟି ଗ୍ରହଣ କର।"

9 ଏବଂ ଆମେମାନେ ପାଇଲୁ ଯେ, ତେବେ, ସେହି ସମାନ ପବିତ୍ରଆତ୍ମା, ସେହି ସମାନ ପ୍ରଭୁ ଯୀଶୁ, ଏକ ଜ୍ୟୋତି ରୂପରେ ପିତରଙ୍କ ନିକଟକୁ ଆସିଲେ ଓ ତାଙ୍କୁ କାରାଗାରରୁ ଉଦ୍ଧାର କଲେ।

10 ଏବଂ ଆମେମାନେ ପାଉ ଯେ ସେହି ସମାନ ପ୍ରଭୁ ଯୀଶୁ, ଏହି ଦିନ ମାନଙ୍କରେ, ଏବେ ସୁଦ୍ଧା ସେହି ଅଗ୍ନିସ୍ତମ୍ଭ (ଜ୍ୟୋତି)ରେ ଅଛନ୍ତି ଯାହାକି ତାହାଙ୍କର ଲୋକମାନଙ୍କୁ (ତାହାଙ୍କର ମଣ୍ଡଳୀକୁ) କଢେଇ ନେଉଛନ୍ତି, ସେହି ସମାନ କାର୍ଯ୍ୟ ସାଧନ କରୁଛନ୍ତି, ଦର୍ଶନମାନ ଦେଉଛନ୍ତି; ଏକ ଦର୍ଶନ ଦ୍ୱାରା ଭିତରକୁ ଆସି, ଲୋକମାନଙ୍କ ଉପରେ ହାତ ରଖୁଛନ୍ତି। ସେହି ପ୍ରଭୁ ଯୀଶୁ, ଯିଏକି ଗତ ରବିବାର ସକାଳେ ଘରେ ସାକ୍ଷାତ କରିଥିଲେ, ଏବଂ କହିଥିଲେ ଯେ ସେଠାରେ ଜଣେ ବ୍ୟକ୍ତି ଆସୁଛନ୍ତି, ଯିଏକି କଳା-କେଶବିଶିଷ୍ଟ, ମାତ୍ର ଧୂସର ହେଉଥିବ। ସେ ଜଣେ ଗ୍ରୀକ୍ ଲୋକ ହେବେ। ତାଙ୍କ ପତ୍ନୀ ମଧ୍ୟ-ବୟସ୍କା ଥିବେ, ଏବଂ ଯଜ୍ଞବେଦୀରେ କାନ୍ଦି ରହିବେ।

11 ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏହା କହିଥିଲୀ, ଏବଂ ଏହା ଘଟୁଅଛି ବୋଲି ଜାଣିଥିଲେ। ସେ ଉଭୟେ ଅପଙ୍ଗ ଥିଲେ, ତାଙ୍କ ମସ୍ତିଷ୍କରେ ଥିବା ସେହି—ସେହି ସନ୍ତୁଳନ ସ୍ନାୟୁ ଦୁର୍ବଳ ହୋଇ ଯାଇଥିଲା। ଏପରିକି ସେ ତାଙ୍କର ପାଦ କିମ୍ବା ହାତ ଉପରେ ସୁଦ୍ଧା ନିୟନ୍ତ୍ରଣ କରିପାରୁ ନ ଥିଲେ। ଏବଂ ସେ ଅନ୍ଧ ଥିଲେ। ଏବଂ ଏହାକୁ ଦ୍ୱିଗୁଣ ପ୍ରମାଣସିଦ୍ଧ କରିବା ପାଇଁ: ପ୍ରଥମେ, ମୁଁ ଜଣେ ଏକ ସାନ ମହିଳାକୁ ଅସୁସ୍ଥତା ପାଇଁ ପ୍ରାର୍ଥନା କରାଇବା ହେତୁ ଡାକିଲି, ତାହାପରେ ପଛକୁ ବୁଲି ପଡ଼ିଲି ଏବଂ ଭାଇ ଥୋମ୍‌ଙ୍କୁ ଆସି ପ୍ରାର୍ଥନା କରିବା ପାଇଁ କହିଇଲି। ଏବଂ ଆମେମାନେ, ଏଠାରେ ବସି ରହି, ଏହାକୁ ବିକାଶ ପାଉଥିବାର ଦେଖୁଥିଲୁ। ଏବଂ ତାହାପରେ ମୁଁ ଯାଇ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କଲି, ଏବଂ ପଛକୁ ଚାଲିଆସିଲି। ଏବଂ ସେହି ମହିଳା, ଅବିକଳ ଠିକ୍ ଦର୍ଶନ ଅନୁଯାୟୀ ଆସିଲେ, ଏବଂ ମୋତେ ବାହୁରେ ଧରି କାନ୍ଦିବାକୁ ଲାଗିଲେ, ଏବଂ କହିଲେ ଯେ ଡାକ୍ତର ଆକ୍କର୍ମନ୍ ସେମାନଙ୍କୁ ଏଠାକୁ ପଠାଇଅଛନ୍ତି। ଡାକ୍ତର ଆକ୍କର୍ମନ୍ ମୋର ଜଣେ ଅନ୍ତରଂଗ ବନ୍ଧୁ, ଜଣେ କ୍ୟାଥୋଲିକ୍। ତାଙ୍କ ପୁଅ ଏଠାରେ ତଳେ ଇଣ୍ଡିୟାନାରେ, ସେଣ୍ଟ ମେନ୍ରାଡଠାରେ—ଠାରେ ଥିବା ମଠରେ ଜଣେ ପୁରୋହିତ ଅଟନ୍ତି। ଏବଂ ଏହି ବ୍ୟକ୍ତିଜଣକ ଜାସ୍ପରରୁ ଥିଲେ। ଏବଂ ପ୍ରଭୁ ତାଙ୍କୁ, ସେହି ଆସନରୁ ସୁସ୍ଥ କଲେ। ସେ ଉଠି ଚାଲିବାକୁ ଲାଗିଲେ। ସେ ଅନ୍ୟ ଯେକୌଣସି ବ୍ୟକ୍ତିମାନଙ୍କ ପରି ଅତି ଉତ୍ତମ ଭାବରେ ଦେଖି ପାରୁଥିଲେ। ଏବଂ ସେହି ଭବନରୁ ସାମାନ୍ୟ ଏବଂ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ, ବାହାରି ଗଲେ। ସମସ୍ତ କିଛି ଏକ ଦର୍ଶନ ଦ୍ୱାରା ହୋଇଥିଲା!

12 "ଭାଇ ଶାଉଲ, ପ୍ରଭୁ ଯୀଶୁ, ଯିଏକି ଆପଣଙ୍କୁ ମାର୍ଗରେ ଦେଖା ଦେଇଥିଲେ, ମୋତେ

ପଠାଇଛନ୍ତି ଯେ ମୁଁ ଆପଣଙ୍କ ଉପରେ ହାତ ରଖେ, ଏବଂ ଯେପରିକି ଆପଣ ନିଜର ଦୃଷ୍ଟି ଫେରି ପାଆନ୍ତି ଓ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତି।" ଅଦ୍ଭୁତ।

13 "ତାହାପରେ ଆମେମାନେ ପାଇଲୁ ଯେ, ଏହା ଦେଖି ଯେ ଆମର ଏହି ମହାପରିତ୍ରାଣ ଅଛି, ଆମେ କରିବା ଉଚିତ୍ ନୁହେଁ...ଯଦି ଆମେମାନେ ଏହି ମହାପରିତ୍ରାଣକୁ ଅବହେଳା କରୁ, ତେବେ ଆମେ ପରମେଶ୍ୱରଙ୍କ ଦଣ୍ଡ ଏବଂ କ୍ରୋଧରୁ ରକ୍ଷା ପାଇପାରିବା ନାହିଁ।"

14 ବର୍ତ୍ତମାନ ଆମେମାନେ ଆଜି ରାତି, ସେଠାରୁ, ପାଠ କରିବା ନିମନ୍ତେ ଆରମ୍ଭ କରିବାକୁ ଯାଉଅଛୁ, ଏବଂ ଏବ୍ରୀ ତାର 4ର୍ଥ ପର୍ବକୁ ଆରମ୍ଭ କରିବାକୁ ଯାଉଅଛୁ। ଯଦି କେହି ସଙ୍ଗରେ ଅନୁସରଣ କରିବାକୁ ଚାହାଁନ୍ତି, ତାହାହେଲେ ଏଠାରେ ଆମ ପାଖରେ କିଛି ବାଇବଲମାନ ଅଛି। ଯଦି ସେମାନେ ଗୋଟିଏ ଚାହାଁନ୍ତି, କାହିଁକି, କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଜଣେ ଏହାକୁ ଆପଣଙ୍କ ନିକଟକୁ ଆଣିଦେବେ, ଯଦି ଆପଣ ନିଜର ହାତକୁ ଉଠାଇବେ, ଏହି—ଏହି ବାଇବଲଗୁଡିକୁ। ଯଦି ଏଠାରେ ଥିବା ଜଣେ ଭାଇ ନେବେ...ସେଠାରେ ଦୁଇଟି ବାଇବଲ ରଖାଯାଇଛି, ମୁଁ ଭାବୁଛି।

15 ଏବଂ ବର୍ତ୍ତମାନ ଆମେମାନେ ଶୀଘ୍ର କରିବା, କାରଣ ଏହାର ଟିକେ ପରେ ଆମର ପ୍ରଭୁଭୋଜ ଅଛି। ଏବଂ ଆଜିରାତି ଆମେମାନେ ଯେଉଁଠାରେ ଶେଷ କରିବା, ବୁଧବାର ରାତିରେ ଆମେମାନେ ପୁଣିଥରେ ସେଠାରୁ ଆରମ୍ଭ କରିବା। ବର୍ତ୍ତମାନ, ମୁଁ ବିଶ୍ୱାସ କରେ, ଯେ ଆଜି ସକାଳେ ଆମର ପାଠ କରିବାରେ, ଆମେ 15ତମ ପଦରୁ ଆରମ୍ଭ କରିଥିଲୁ।

16 କେହି କେହି, ବୋଧହୁଏ ଏହା ଜାଣି ନ ଥିବେ ଯେ ମୁଁ ପାଠ କରିବା ପାଇଁ, ଚଷମା ଲଗାଇଥାଏ। ମୁଁ ବୟସଗତ ହେଉଅଛି। ଏବଂ ମୁଁ ତଥାପି ପଢ଼ିପାରେ, ମାତ୍ର ମୁଁ ଏହାକୁ ଶୀଘ୍ର ପଢ଼ିପାରେ ନାହିଁ, ବିଶେଷକରି ଯେତେବେଳେ ମୋ ପାଖରେ ଏଠାରେ ସୂକ୍ଷ୍ମ ପାଠ କରିବାକୁ ଥାଏ, ସୂକ୍ଷ୍ମ ଅକ୍ଷର ଥାଏ।

17 ଏବଂ ମୁଁ ମୋର ଆଖି ପରୀକ୍ଷା କରିବା ପାଇଁ ଯାଇଥିଲି, ଏହା ଦେଖିବା ପାଇଁ ଯେ କଅଣ ମୁଁ ପ୍ରକୃତରେ ଦୃଷ୍ଟି ହରାଉଅଛି କି। ମୋର ଆଖି ଦଶ-ଦଶ ଥିଲା। ସେ କହିଲେ, "କିନ୍ତୁ ତୁମେ ତ ଚାଳିଶ ବର୍ଷ ଅତିକ୍ରମ କରିଅଛ, ପୁଅ।" ତାଙ୍କ ପାଖରେ ମୋତେ ପାଠ କରାଇବା ପାଇଁ ଏକ ଜିନିଷ ଥିଲା, କହିଲେ, "ତାହା ପଢ଼ିବା ଆରମ୍ଭ କର।" ମୁଁ ତାହା ପଢ଼ିଲି। ଏବଂ ମୁଁ ନିକଟତର ହେବାକୁ ଲାଗିଲି, ଏହା ଧୀର ଏବଂ ଧୀର ହୋଇଚାଲିଲା। ଏବଂ ଏହା ଏହିପରି ଭାବରେ ହେଲା, ମୁଁ ଅଟକି ଗଲି। ତାହାପରେ ସେ ସେଠାରେ ଦଶ-ଦଶର ପଟା ଲଗାଇଲେ, ମୁଁ ଏହାକୁ ଯେକୌଣସି ସ୍ଥାନରେ ବି ପଢ଼ି ପାରୁଥିଲି। ମାତ୍ର ସେ କହିଲେ, "ଏହା କଅଣ ଯେ, ଯେତେବେଳେ ତୁମେ ଚାଳିଶ ବର୍ଷ ଅତିକ୍ରମ କର, ତୁମର ଆଖି ପିଣ୍ଡୁଳାଗୁଡିକ ସମତଳ ହୋଇଯାଏ।"

18 ବର୍ତ୍ତମାନ, ମୁଁ ମୋର ଗୋଟିଏ ଆଖିକୁ ବନ୍ଦ କରି ମୋ ନିକଟତର ଥିବା ସେହି ବିଷୟକୁ ପାଠ କରିପାରେ, ମାତ୍ର ଆପଣଙ୍କୁ ଗୋଟିଏ ଆଖି ବନ୍ଦ କରିବାକୁ ଅଛି। ତେଣୁକରି, ସେ ମୋ

ପାଇଁ ଠିକ ଗୋଟିଏ ହଳ ଚଷମା ତିଆରି କରି ଦେଲେ । ଯେତେବେଳେ ଏହା ପ୍ରକୃତରେ ମୋ ନିକଟତର ଥାଏ, ମୁଁ ଏହାକୁ ଯେକୌଣସିଠାରେ ବି, ଦେଖିପାରେ । ତେବେ, ଯେତେବେଳେ ଏହା ମୋ ଠାରୁ ଦୂରେଇ ଯାଏ, ତେବେ ଏହି ଜିନିଷଗୁଡ଼ିକ ସହିତରେ ଆଦୌ ଦେଖିପାରେ ନାହିଁ । ମାତ୍ର ମୁଁ ସେଗୁଡ଼ିକୁ ପାଠ କରେ, ସେହି ଚଷମା ସହିତ ଏତେ ଦୂରରୁ ପାଠ କରେ ।

19 ତେବେ, ଆଜି ସକାଳେ, ଆମ ପାଖରେ ଏବ୍ରୀର ୩ୟ ପର୍ବର ସେହି ଶେଷ ଭାଗ ରହିଥିଲା । ଏବଂ, ଓଃ, ଆମେ କେଉଁ ରତ୍ନ ଭଣ୍ଡାରଗୁଡିକ ପାଇଅଛୁ! ତେବେ ଶୁଣନ୍ତୁ, ମୁଁ ପୁନର୍ବାର ପାଠ କରିବାକୁ ଚାହେଁ, ଯେପରିକି ଆମେମାନେ ବର୍ତ୍ତମାନ ଏକ ପୃଷ୍ଠଭୂମିକୁ ପାଉ । ଏହା ଉପରେ କଥାବାର୍ତ୍ତା ନୁହେଁ, ମାତ୍ର ଏକ ପ୍ରକାରେ ତାହା ଉପର ଦେଇ ଯାଉ ।

> *ଉକ୍ତ ଅଛି, ଆଜି ଯଦି ତୁମ୍ଭେମାନେ…ତାହାଙ୍କର ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା ସେପରି ଆପଣା ଆପଣା ହୃଦୟ କଠିନ ନ କର ।*
>
> *ତେବେ କେଉଁମାନେ,* ସେମାନେ, ସେମାନେ ବାକ୍ୟ ଶୁଣିଲେ, *ଯେତେବେଳେ ସେମାନେ* ବାକ୍ୟ ଶୁଣିଲେ, *ବିରକ୍ତି ଜନ୍ମାଇଲେ: ମୋଶାଙ୍କ ଦ୍ୱାରା ମିସର ଦେଶରୁ ଯେଉଁମାନେ ବାହାରି ଆସିଥିଲେ ସେସମସ୍ତେ କଅଣ ନୁହଁନ୍ତି ।*

20 ତେବେ, ସେଥିରେ, ଆଜି ସକାଳେ, ଆମେମାନେ ପାଉ ଯେ ସେ କହିଲେ, "ବିରକ୍ତି ଜନ୍ମାଇବା ସ୍ଥାନରେ ଯେପରି ଘଟିଥିଲା, ସେପରି ବର୍ତ୍ତମାନ ଆପଣା ଆପଣା ହୃଦୟକୁ କଠିନ ନ କର ।" ସେତେବେଳେ ହିଁ ଥିଲା ଯେତେବେଳେକି ସେମାନେ ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଥିଲେ, କାରଣ ସେ ସେମାନଙ୍କୁ, ତାହାଙ୍କର ଭବିଷ୍ୟଦ୍‌ବକ୍ତା ମୋଶାଙ୍କୁ ଦେଇଥିଲେ, ଏବଂ ଏକ ଚିହ୍ନକୁ ଦେଇଥିଲେ ଯାହା ମୋଶାଙ୍କ ସହିତରେ ଥିଲା । ଆଜି ରାତିରେ, ଶ୍ରେଣୀର କେତେଜଣ ତାହା ଜାଣନ୍ତି, ଯେ ସେହି ଚିହ୍ନଟି କଅଣ ଥିଲା? ଅଗ୍ନିସ୍ତମ୍ଭ, ଏବ୍ରୀ 13 ।

21 ତେବେ, ଆମେମାନେ ଜାଣି ନାହୁଁ ଯେ ମଣ୍ଡଳୀ ସେହି ଚିହ୍ନଟିକୁ ଦେଖିଥିଲା କି ନାହିଁ । କିନ୍ତୁ ମୋଶା ତାହା ଦେଖିଥିଲେ, କାରଣ ମୋଶା ତାହାଙ୍କୁ ପ୍ରଥମେ ଏକ ଜ୍ୱଳନ୍ତ ବୁଦାରେ ଭେଟିଥିଲେ । ସେ ଏକ ଅଗ୍ନି ଥିଲେ । ଏବଂ ଇସ୍ରାଏଲ ସନ୍ତାନଗଣ ମୋଶାଙ୍କର ଆଜ୍ଞାବହ ହୋଇଥିଲେ, ଏବଂ ମିସରକୁ ଛାଡିଥିଲେ । ଏବଂ ସେମାନେ ମିସରରୁ ବାହାରି ଆସିବା ମାତ୍ରେ, ପରମେଶ୍ୱର, ଆମେମାନେ ପାଉ ଯେ, ସେମାନଙ୍କୁ ସୀଧାସଳଖ ଠିକ ଏକ ଫାନ୍ଦ ମଧ୍ୟକୁ କଢାଇ ନେଲେ । ଯେଉଁଠାରେକି, ଫାରୋଙ୍କର ସୈନ୍ୟଦଳ ସେମାନଙ୍କ ପଛରେ ଥିଲା, ଉଭୟ ପାର୍ଶ୍ୱରେ ସୂଫ ସାଗର ଥିଲା, ଏବଂ ପରମେଶ୍ୱର ସେମାନଙ୍କୁ ପରୀକ୍ଷାରେ ପକାଇଲେ; ଏବଂ ସେମାନେ ଭୟଭୀତ ହୋଇଗଲେ । ଏବଂ ଏହା ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଥିଲା । ସେ କହିଲେ, "ତୁମେ ମୋ ଠାରେ କାହିଁକି ଡାକ ପକାଉଅଛ?" କହିଲେ, "କେବଳ ପଦେ କୁହ ଏବଂ ଆଗକୁ ବଢିଯାଅ ।" ମୁଁ ତାହା ପସନ୍ଦ କରେ ।

22 ତେବେ, ସେମାନେ ମୋଶାଙ୍କୁ ଅନୁସରଣ କରୁଥିଲେ, ଯେପରି ମୋଶା ସେହି ସ୍ତମ୍ଭ ଏବଂ ମେଘକୁ ଅନୁସରଣ କରିଥିଲେ, ଏବଂ ସେମାନେ ସେହି ପ୍ରତିଜ୍ଞାତ ଦେଶକୁ ଯିବାର

ସେମାନଙ୍କର ମାର୍ଗରେ ଥିଲେ। ତାହା ଆଜି ରାତି, ମଣ୍ଡଳୀର ସୁନ୍ଦର ଚିତ୍ରଟିଏ ଅଟେ, ଯେ ପ୍ରତିଜ୍ଞାତ ଦେଶକୁ ଯିବାର ଆମର ମାର୍ଗରେ ଅଛୁ, ସେହି ସମାନ ଆତ୍ମାଙ୍କ ନେତୃତ୍ୱରେ, ପୁଣି ସେହି ସମାନ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମମାନ ସହିତରେ ଯେପରିକି ତାହା ବିଷୟରେ ପରମେଶ୍ୱର କହିଥିଲେ।

23 ତେବେ ଧ୍ୟାନ ଦିଅନ୍ତୁ। ତାହାପରେ, ସେମାନେ ସୀନ୍ ପ୍ରାନ୍ତରକୁ ଆସନ୍ତି। ସେହି—ସେହି ଜଳ "ତିକ୍ତ" ଥିଲା, *ମାରା*। ପରମେଶ୍ୱର କାହିଁକି ସେମାନଙ୍କୁ ତିକ୍ତ ଜଳ ମଧ୍ୟକୁ କଢାଇ ନେଲେ? ଏପରି ଦେଖାଯାଏ ଯେ ସେ ତ ସେମାନଙ୍କୁ ଉତ୍ତମ ଜଳ ମଧ୍ୟକୁ କଢାଇ ନେବାର ଥିଲା। ମାତ୍ର ସେ ସେମାନଙ୍କୁ ତିକ୍ତ ଜଳ ଆଡ଼କୁ କଢାଇ ନେଲେ ଯେପରିକି ସେ ସେମାନଙ୍କର ବିଶ୍ୱାସକୁ ପ୍ରମାଣସିଦ୍ଧ କରିପାରିବେ। ସେ ଏହା କରିବାକୁ ପସନ୍ଦ କରନ୍ତି। ସେ ପସନ୍ଦ କରନ୍ତି ଯେ ଆପଣଙ୍କ ଉପରେ କ୍ଲେଶଗୁଡିକୁ ଆସୁ, ଯେପରିକି ସେ ଏହା ଦେଖାନ୍ତି ଯେ ସେ ଆପଣଙ୍କୁ ନିଜର ପ୍ରେମ ଏବଂ ନିଜର ଶକ୍ତିକୁ ଦେଖାଇପାରନ୍ତି। ଆଜି, ଲୋକମାନେ କିପରି, ଯେଉଁମାନେକି ପରମେଶ୍ୱରଙ୍କ ଚମତ୍କାର-ସାଧନ କରିବାରେ ବିଶ୍ୱାସ କରନ୍ତି ନାହିଁ, ଯେତେବେଳେ କ୍ଲେଶ ଆସେ, ସେମାନେ କେବଳ ନିରାଶ ହୋଇ ପଛଘୁଞ୍ଚା ଦିଅନ୍ତି ଓ ଚାଲିଯାଆନ୍ତି? ମାତ୍ର ଆମେମାନେ ଏହା ବିଶ୍ୱାସ କରୁ ଯେ "ପରମେଶ୍ୱର ଚମତ୍କାର ସାଧନ କରନ୍ତି।" ସେ କରିପାରନ୍ତି ନାହିଁ…ପରମେଶ୍ୱରଙ୍କର ଅଛି…

24 ଏହା ଶୁଣନ୍ତୁ। ଯଦି ପରମେଶ୍ୱର ସେହି ସମାନ ଭାବରେ କାର୍ଯ୍ୟ ନ କରିବେ, ଯେତେବେଳେକି ସେହି ସମାନ ପରିସ୍ଥିତିମାନ ଉପୁଜେ, ତାହାହେଲେ ପରମେଶ୍ୱର ତାହାଙ୍କ ଲୋକମାନଙ୍କ ପ୍ରତି ମୁଖାପେକ୍ଷା କରିବାର ଦୋଷୀ ଅଟନ୍ତି। ପରମେଶ୍ୱରଙ୍କ ସାର୍ବଭୌମତ୍ୱ ତାହାଙ୍କଠାରୁ ଏହା ପ୍ରୟୋଜନ କରେ ଯେ ସେ ପ୍ରତ୍ୟେକ କ୍ଷେତ୍ରରେ ଠିକ ସେହିପରି କାର୍ଯ୍ୟ କରନ୍ତୁ ଯେପରିକି ସେ ପ୍ରଥମ କ୍ଷେତ୍ରରେ କରିଥିଲେ, ନତୁବା ସେ ପ୍ରଥମ ମାମଲାରେ ହିଁ କାର୍ଯ୍ୟ କରୁଥିବା ବେଳେ ଭୁଲ୍ ଥିଲେ। ଯଦି ପରମେଶ୍ୱର ସେହି ସମାନ ଭାବରେ କାର୍ଯ୍ୟ ନ କରିବେ ଯେପରିକି ସେ ପ୍ରଥମ ମାମଲାରେ କରିଥିଲେ, ଯଦି ସେ ଦ୍ୱିତୀୟ ମାମଲାରେ ଭିନ୍ନ ଭାବରେ କାର୍ଯ୍ୟ କରିବେ, ତାହାହେଲେ ସେ ପ୍ରଥମ ମାମଲାରେ ହିଁ କାର୍ଯ୍ୟ କରୁଥିବାବେଳେ ଭୁଲ୍ କାର୍ଯ୍ୟ କରିଥିଲେ। ଯଦି ପରମେଶ୍ୱର ପୁରାତନ ନିୟମରେ ରୋଗୀମାନଙ୍କୁ ସୁସ୍ଥ କରିଥିଲେ, ତେବେ ତାହାଙ୍କୁ ନୂତନ ନିୟମରେ ଏବଂ ଆଜି ମଧ୍ୟ ତାହାହିଁ କରିବାକୁ ହେବ, ନତୁବା ସେ ସେତେବେଳେ ଭୁଲ୍ କରିଥିଲେ ଯେତେବେଳେ ସେ ସେମାନଙ୍କୁ ସେଠାରେ ବିଗତ ସମୟରେ ସୁସ୍ଥ କରିଥିଲେ। ତାହାଙ୍କୁ ତ ପ୍ରତ୍ୟେକ ଥର, ସେହି ସମାନ ଭାବରେ କାର୍ଯ୍ୟ କରିବାକୁ ଅଛି। ଏବଂ ସେ ତାହା କରିବେ, ଯେତେବେଳେ ସେହି ସମାନ ବିଶ୍ୱାସ ସେହି ସର୍ତ୍ତକୁ ପୂରଣ କରେ। ଦୋଷଟି ଆମ ଭିତରେ ଅଛି, ପରମେଶ୍ୱରଙ୍କଠାରେ ନୁହେଁ। କାରଣ ଆମେ ତାହାଙ୍କୁ କେତେକ, ଓ ଅନେକ ବିଷୟଗୁଡିକ ଉପରେ, ଅତ୍ୟନ୍ତ ମହାନ ଚମତ୍କାର ବିଷୟମାନ ସାଧନ କରୁଥିବାର ଦେଖିଅଛୁ। ଆମେ ତାହା ଜାଣୁ। ସମାଲୋଚକ କହିପାରନ୍ତି ନାହିଁ, "ଏହା ସେହିପରି ନୁହେଁ।" କାରଣ ଆମେ ଏହାକୁ ତାହା ପ୍ରମାଣ ହୋଇଥିବାର ଦେଖିଅଛୁ, ଏବଂ

ତାହା ସେଠାରେ ଅଛି ।

25 ସେମାନେ କୁହନ୍ତି, "ମୋତେ ଏକ ଚମତ୍କାର ଦେଖାଅ ।" ସେମାନେ ତାହା ଆଉ ଅଧିକ କହିପାରନ୍ତି ନାହିଁ । ବିଜ୍ଞାନ ଏହା ଆଉ ଅଧିକ କହିପାରେ ନାହିଁ । ଆମେ ଏହାକୁ ସମ୍ପୂର୍ଣ୍ଣ ଭାବେ ବୈଜ୍ଞାନିକ ଜଗତକୁ ପ୍ରମାଣ କରିପାରୁ । ଏବଂ ବୈଜ୍ଞାନିକ ଜଗତ ଏହା ସାକ୍ଷ୍ୟ ଦେଇଅଛି ଯେ ଏକ ଅଲୌକିକ ପ୍ରାଣୀ, ଏକ ଅଗ୍ନିସ୍ତମ୍ଭ ରୂପରେ, ଆମ ସହିତରେ ଅଛନ୍ତି । ଏଠାରେ ତାହାଙ୍କର ଚିତ୍ର, ଠିକ୍ ଏଠାରେ ଅଛି, ଏବଂ ଆଉ ଗୋଟିଏ ଆଜି ରାତି, ୱାଶିଂଟନ୍, ଡିସିରେ ଲାଗିଛି । ଏହା ସେହି ସମାନ ଖ୍ରୀଷ୍ଟ ଅଟନ୍ତି ।

26 ତେଣୁକରି, କିଛି ସମୟ ପୂର୍ବେ, ମୋର ସେବକ ଭାଇମାନେ ମୋତେ କହୁଥିଲେ, "ଓଃ, ଭାଇ ବ୍ରାନହାମ୍, ତାହା ଶୟତାନ ଅଟେ । ଆପଣ ତାହା ସହିତ ମୂର୍ଖ ହୁଅନ୍ତୁ ନାହିଁ ।" ମୋତେ ଭୟଭୀତ କରି ଦେଇଥିଲେ ।

27 ଏବଂ ମୁଁ ଏହାକୁ ସେପର୍ଯ୍ୟନ୍ତ ପ୍ରଚାର କଲି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱର ଆସି ଏହାକୁ ପ୍ରକାଶ ନ କଲେ, ଯେ, "ସେ ସେହି ସମାନ ଯୀଶୁ, ସେହି ସମାନ ଅଟନ୍ତି ।" ଓଃ, ତାହାପରେ ଏହାକୁ ମୋ ଠାରୁ ବାହାର କରିବାକୁ ଚେଷ୍ଟା କରନ୍ତୁ? ହୋଇପାରେ ନାହିଁ । କାରଣ, ଏହା ଶାସ୍ତ୍ରାଂଶ ଅଟେ । ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ । ଏହା କେବଳ ଏକ ସେପରି ଅନୁଭୂତି ନୁହେଁ ଯାହାକି ହୁଗୁଳା ଅଟେ । ଏହା ତ ଏପରି ଏକ ଅନୁଭୂତି ଅଟେ ଯାହାକି ପରମେଶ୍ୱରଙ୍କ ବାକ୍ୟ ଏବଂ ପରମେଶ୍ୱରଙ୍କ ଅନନ୍ତ ଧନ୍ୟ ପ୍ରତିଜ୍ଞା ଦ୍ୱାରା ସମର୍ଥିତ ଅଟେ ।

28 ତେବେ, ଆମେମାନେ ଏଠାରେ ଏହା ଲକ୍ଷ୍ୟ କରୁ, ବର୍ତ୍ତମାନ, ଯେ ସେ କୁହନ୍ତି ।

*ତେବେ, କେଉଁମାନେ ଶୁଣି, ବିରକ୍ତି ଜନ୍ମାଇଥିଲେ:...*

ନିଶ୍ଚିତ ଭାବରେ । ସେମାନେ କ୍ଳାନ୍ତ ହୋଇଗଲେ, ପ୍ରତ୍ୟେକ ଥର ଯେତେବେଳେ ସେମାନେ ଏପରି ଏକ ସ୍ଥାନରେ ପହଞ୍ଚନ୍ତି ଯେଉଁଠାରେକି ଏକ ଚରମ ପରାକାଷ୍ଠା ଆସେ । ତେବେ ସେମାନେ କଅଣ କରିଥିଲେ? ସେମାନେ ହୁଗୁଳା ହୋଇ ଯାଇଥିଲେ, ଏବଂ କ୍ଳାନ୍ତ ହୋଇ ଯାଇଥିଲେ, ଏବଂ ଫେରି ଯିବାକୁ ଚାହିଁଥିଲେ, ଏବଂ, "*ଏହା* ମୋ ସହିତ କାହିଁକି ହେଲା?"

29 ବିଚିତ୍ର ବିଷୟ, ଆଜି ସକାଳେ, ସେହି ବିଷୟକୁ ଯଥାସମ୍ଭବ କଠିନ ଭାବରେ ପ୍ରଚାର କରିବା ପରେ ଯେତିକି ମୁଁ କରିପାରିଥାଏ, ସେଠାରେ ଅନେକ ଲୋକମାନେ ଯଜ୍ଞବେଦି ନିକଟକୁ ଆସି ଏହି ପ୍ରଶ୍ନକୁ ପଚାରିଲେ, "ଏହା ମୋ ସହିତ କାହିଁକି ଘଟେ?" ଆପଣ ଦେଖନ୍ତୁ ଯେ ଏହା କିପରି ହୋଇଥାଏ? ଏହା ଲୋକମାନଙ୍କ ମୁଣ୍ଡ ଉପରୁ ଦେଇ ଚାଲି ଯାଇଥାଏ । ହେ ଲୋକମାନେ, ଏହା ଠିକ ସେହି ସମାନ ହିଁ ଅଟେ ।

30 ଯୀଶୁ କହିଲେ, "ତୁମର ଆଖି ଅଛି, କିନ୍ତୁ ତୁମେ ଦେଖିପାରୁ ନାହଁ ।" ସେ ତାହା ଶିଷ୍ୟମାନଙ୍କୁ କହିଲେ ।

31 ସେମାନେ କହିଲେ, “ଦେଖ, ବର୍ତ୍ତମାନ ତୁମେ ସ୍ପଷ୍ଟ ଭାବରେ କଥା କହୁଅଛ। ବର୍ତ୍ତମାନ ଆମେମାନେ ବିଶ୍ୱାସ କରୁଅଛୁ। କୌଣସି ବ୍ୟକ୍ତିକୁ ଆପଣଙ୍କୁ କିଛି କହିବାକୁ ପଡ଼େ ନାହିଁ, କାରଣ ପରମେଶ୍ୱର ଏହାକୁ ଆପଣଙ୍କୁ ଦେଖାଉଥାନ୍ତି।”

32 ସେ କହିଲେ, “ଏହି ସବୁ ସମୟ ପରେ, କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି କି?” ବୁଝିଲେ?

33 ଆପଣଙ୍କୁ ପରମେଶ୍ୱରଙ୍କଠାରେ, କୌଣସି ପ୍ରଶ୍ନ କରିବା ଉଚିତ୍ ନୁହେଁ। “କାରଣ ଧାର୍ମିକର ପାଦଗତି ପ୍ରଭୁଙ୍କ ଆଡ୍ଡ ନିରୂପିତ ଅଟେ।” ଏବଂ ଆପଣଙ୍କ ଉପରେ ପ୍ରତ୍ୟେକ ପରୀକ୍ଷା, ଆପଣଙ୍କୁ ପ୍ରମାଣ କରିବା ପାଇଁ ଅଣାଯାଏ। ଏବଂ ବାଇବଲ କୁହେ, “ସେଗୁଡ଼ିକ ତୁମ ପାଇଁ ସୁବର୍ଣ୍ଣ ଅପେକ୍ଷା ଅଧିକ ମୂଲ୍ୟବାନ।” ତେଣୁକରି ଯଦି ପରମେଶ୍ୱର ଆପଣଙ୍କ ଉପରେ କିଛି ହାଲୁକା ଦୁଃଖକଷ୍ଟ ଆସିବାକୁ ଦିଅନ୍ତି, ମନେରଖନ୍ତୁ, ଏହା ଆପଣଙ୍କର ସଂଶୋଧନ ପାଇଁ ଅଟେ। “ପରମେଶ୍ୱରଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ପୁତ୍ରକୁ ପ୍ରଥମେ ପରମେଶ୍ୱରଙ୍କ ଦ୍ୱାରା ପରୀକ୍ଷିତ, ଏବଂ ପ୍ରମାଣସିଦ୍ଧ, ଶିଶୁ-ତାଲିମପ୍ରାପ୍ତ ହେବାକୁ ଅଛି।” କୌଣସି ବ୍ୟତିକ୍ରମ ନାହିଁ। “ପ୍ରତ୍ୟେକ ପୁତ୍ର ଯିଏକି ଆସନ୍ତି।” ଏବଂ ଏହି ଦୁଃଖଗୁଡିକୁ ଏଇଥି ପାଇଁ ରଖାଯାଏ, ଏହା ଦେଖିବା ପାଇଁ ଅଣାଯାଏ ଯାଏ ଯେ ଆପଣ କେଉଁ ମନୋଭାବ ଗ୍ରହଣ କରିବେ। ବୁଝିଲେ? ତାହା ଏହି ପ୍ରମାଣ-ଭୂମିରେ, ପରମେଶ୍ୱର ଅଟନ୍ତି। ତାହା ତ ସମଗ୍ର ପୃଥିବୀ ଅଟେ, ସେହି ପ୍ରମାଣ-ଭୂମି ଅଟେ, ଏବଂ ଯେଉଁଠାରେ ସେ ଆପଣଙ୍କୁ ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି।

34 ତେବେ ଶୁଣନ୍ତୁ, ଯେତେବେଳେ ଆମେମାନେ ଆଗକୁ ଯାଉ। ଏବଂ ମୁଁ ଏହାର ଶେଷ ଭାଗ ନେବାକୁ ଚାହେଁ।

*ଆଉ କେଉଁମାନଙ୍କ ବିରୁଦ୍ଧରେ ସେ ଶପଥ କରିଥିଲେ ଯେ ସେମାନେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିବେ ନାହିଁ,...*

ତେବେ, ସେହିଠାରେ ହିଁ ଅଟେ ଯେଉଁଠାକୁକି ଆମେମାନେ ଆଜିରାତି, ଆସୁଅଛୁ।

*...ଯେଉଁମାନେ ଆବାଧ୍ୟ ହୋଇଥିଲେ ସେମାନଙ୍କ ବିନା, ତାହାଙ୍କ ବିଶ୍ରାମରେ ପ୍ରବେଶ କରିବେ ନାହିଁ?*

*ଆମ୍ଭେମାନେ ଦେଖୁ ଯେ ଅବିଶ୍ୱାସ ହେତୁ...ସେମାନେ ପ୍ରବେଶ କରିପାରିଲେ ନାହିଁ।*

35 ତେବେ, ପାପ କଅଣ ଅଟେ? ଅବିଶ୍ୱାସ। ପରମେଶ୍ୱର ଏକ ଅଗ୍ନିସ୍ତମ୍ଭରେ, ସେମାନଙ୍କ ନିକଟକୁ ଆସିଥିଲେ; ଆପଣା ଭବିଷ୍ୟଦ୍‌ବକ୍ତାକୁ ପଠାଇଥିଲେ, ଏବଂ ତାଙ୍କୁ ଅଭିଷେକ କରି, ଲୋକମାନଙ୍କ ସମ୍ମୁଖରେ ସାଧନ କରିବା ପାଇଁ ଚିହ୍ନମାନ ଦେଇଥିଲେ। ଏବଂ ତାହାପରେ ସେହି ଅଗ୍ନିସ୍ତମ୍ଭ, ସେହି ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା, ସେମାନଙ୍କୁ ବାହାରକୁ କଢ଼େଇ ଆଣିଥିଲେ। ପ୍ରତ୍ୟେକ ପରିସ୍ଥିତିକୁ ଯାହା ସେମାନେ ଆସିଥିଲେ, ସେମାନେ ବଚସା କରିବାକୁ ଲାଗିଲେ

ଏବଂ ମୋଶାଙ୍କଠାରେ ପାଇଥିବା ପ୍ରତ୍ୟେକ ଛୋଟ ଛୋଟ ଦୋଷକୁ କହିବାକୁ ଲାଗିଲେ, ତାଙ୍କ ବିରୁଦ୍ଧରେ ଭର୍ତ୍ସନା କରି କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ଏବଂ ପରମେଶ୍ୱର ଅପ୍ରସନ୍ନ ହେଲେ, ଯେହେତୁ ସେ କହିଥିଲେ ଯେ ସେମାନେ ପାପ କରୁଛନ୍ତି ।

36 ସେମାନଙ୍କର ଶୁଣିବା ଉଚିତ୍ ଥିଲା । ମାତ୍ର, ଏହା ପରିବର୍ତ୍ତେ, ସେମାନେ ତର୍କବିତର୍କକୁ କର୍ଣ୍ଣପାତ କଲେ, "ଏହା କିପରି ହୋଇପାରେ? ଏହି ଜିନିଷଗୁଡିକ କିପରି ହୋଇପାରେ?" ଯଦି ସେ ପରମେଶ୍ୱର, ତାହାହେଲେ ସବୁକିଛି ବିଷୟ ସମ୍ଭବ ଅଟେ । ଏବଂ ସେ ସେମାନଙ୍କ ପାଇଁ ସମସ୍ତକିଛି ବିଷୟକୁ ମଙ୍ଗଳ ହିଁ ସାଧନ କରାଇବେ ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ।

37 ତେବେ ଆମେମାନେ ଏଠାରେ ଏକ ମହାନ ଅଧ୍ୟୟନକୁ ଯାଉଅଛୁ, ତାହା ହେଉଛି, ସେହି "ବିଶ୍ରାମ," *ବିଶ୍ରାମବାର* ଉପରେ । ତେବେ, ସେମାନେ ନିଜର ଯାତ୍ରାରେ ତୀର୍ଥଯାତ୍ରୀ ଥିଲେ । ବୁଝିଲେ? ସେମାନେ ଚାରି ଶହ ବର୍ଷ କାଳ, ମିସରରେ, ଦାସତ୍ୱରେ ରହିଥିଲେ । ଆଉ ବର୍ତ୍ତମାନ ସେମାନେ ପରମେଶ୍ୱରଙ୍କ ପ୍ରତିଜ୍ଞା ଅନୁଯାୟୀ, ତାହାଙ୍କର ଚମତ୍କାରଗୁଡିକ ଦ୍ୱାରା ବାହାରକୁ ଅଣା ଯାଉଥିଲେ । ଏବଂ ସେମାନେ ପ୍ରତିଜ୍ଞାତ ଦେଶର ସେମାନଙ୍କର ମାର୍ଗରେ ଥିଲେ । ଏବଂ ଏଠାରେ ସେମାନଙ୍କ ମଧ୍ୟରେ, ଏକ ଅଲୌକିକ ପ୍ରକାଶ ଦେଖାଯାଏ, ଏବଂ ସେମାନଙ୍କୁ କଢେଇ ନେବାକୁ ଆରମ୍ଭ କରେ ।

38 ତେବେ, କେହି ଜଣେ କହିବେ, "ବର୍ତ୍ତମାନ, ଏଠାରେ ଦେଖନ୍ତୁ, ଏହି ମୋଶା କିଏ? କିଏ ତୁମକୁ ଆମ ଉପରେ ଜଣେ ଶାସକ କଲା? କଅଣ ତୁମେ ଆମ ମଧ୍ୟରୁ ଜଣେ ନୁହଁ କି? ଆମର ପ୍ରଧାନ ହେବା ପାଇଁ କିଏ ତୁମକୁ ଏଠାରେ ରଖିଲା? ତୁମେ କଅଣ ଭାବୁଛ ଯେ ତୁମେ ଆମ ପାଳକଙ୍କଠାରୁ ଅଧିକ ଜାଣିଛ? ତୁମେ କଅଣ ଭାବୁଛ ଯେ ତୁମେ ଯାଜକଙ୍କଠାରୁ ଅଧିକ ଜାଣିଛ? ତୁମେ କଅଣ ଭାବୁଛ ଯେ ତୁମେ—ତୁମେ ଆଜିର ଦିନର, ଆମର ଧାର୍ମିକ ପୁରୁଷମାନଙ୍କଠାରୁ ଅଧିକ ପ୍ରଖର ବୁଦ୍ଧିର ଅଟ?" ଏହାର ତାହା ସହିତ କୌଣସି ସମ୍ପର୍କ ନ ଥିଲା ।

ଏହା ତ ପରମେଶ୍ୱର, ସେହି ଅଗ୍ନିସ୍ତମ୍ଭରେ ରହି, ଏହା ପ୍ରମାଣ କରୁଥିଲେ ଯେ ସେ ଏହି ପଦକ୍ଷେପରେ ଅଛନ୍ତି । ଏଥିରେ କିଛି ଫରକ୍ ପଡେ ନାହିଁ ଯେ କିଏ ପ୍ରଖର ବୁଦ୍ଧିର ଅଟେ ଏବଂ କିଏ ପ୍ରଖର ବୁଦ୍ଧିର ନୁହେଁ । ଏହା ତ କେବଳ ସେହି ବିଷୟକୁ ଅନୁସରଣ କରିବାର ଧାରଣା ଥିଲା ଯାହା ପରମେଶ୍ୱର ସେମାନଙ୍କ ସମ୍ମୁଖରେ ରଖିଥିଲେ ।

39 କାହିଁକି, ମୋଶା, ଯେତେ ଦୂର ଏହା ଶାରୀରିକ ବିଷୟ ଥିଲା, ସେ ଏକ ମୂର୍ଖାମୀର କାର୍ଯ୍ୟ କରିଥିଲେ ଯେତେବେଳେ ସେ ପରମେଶ୍ୱରଙ୍କ ବାକ୍ୟ ସନ୍ତାନମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ, ଦଳେ ଲୋକମାନଙ୍କୁ ପ୍ରାନ୍ତର ମଧ୍ୟକୁ ବାହାର କରି ନେଇଥିଲେ । ଯେତେବେଳେ ତାଙ୍କ ପାଖରେ ନିଜର ରହିଥିଲା...କାହିଁକି, ସେ ତ ସମସ୍ତକିଛି ବିଷୟ ଉପରେ ଉତ୍ତରାଧିକାରୀ ଥିଲେ ଯାହା ସେମାନଙ୍କ ପାଖରେ ଥିଲା । ତାଙ୍କ ପାଖରେ ସେଠାରେ ସମଗ୍ର ବିଶ୍ୱରେ ରହିଥିବା, ପ୍ରତ୍ୟେକ ସୈନ୍ୟଦଳ ଥିଲା, ଯାହାକୁ ସେ ପରାସ୍ତ କରିଥିଲେ ।

ଏବଂ ସେଠାରେ ସେ, ଜଣେ ମହାନ ସାମରିକ ସୈନ୍ୟାଧ୍ୟକ ଥିଲେ। ଏବଂ ପରବର୍ତ୍ତୀ ପଦକ୍ଷେପଟି, ସେ ମିସରର ଫାରୋ, ରାଜା ହେବାକୁ ଥିଲେ। କାହିଁକି, ସେ ତ କେବଳ ସିଂହାସନ ଉପରକୁ ଆରୋହଣ କରି, ଏହା କହିପାରିଥାନ୍ତେ, "ଠିକ ଅଛି, ପିଲାମାନେ, ନିଜ ନିଜ ଘରକୁ ଫେରିଯାଅ।" ତାହା ଏହାକୁ ସମାଧାନ କରେ; ସେ ଜଣେ ଫାରୋ ଥିଲେ। ମାତ୍ର ମୋଶା…

40 ଓଃ, ତାହା ଏଠାରେ ଅଟେ। ମୋଶା, *ବିଶ୍ୱାସ* ଦ୍ୱାରା, ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଦେଖିଥିଲେ। ଏବଂ ପ୍ରଭୁଙ୍କର ସ୍ୱର୍ଗଦୂତ ତାଙ୍କ ନିକଟକୁ ଆସିଥିଲେ, ଏବଂ ସେ ପାଞ୍ଚ ମିନିଟରେ ସେହି ଦୂତଙ୍କ ଉପସ୍ଥିତିରେ, ପରମେଶ୍ୱରଙ୍କ ବିଷୟରେ ତାହାଠୁ କହିଁ ଅଧିକ ଜାଣି ପାରିଥିଲେ, ଯେତିକି ସେ ମିସରର ଶିକ୍ଷକମାନଙ୍କ ସହିତ ଚାଳିଶ ବର୍ଷ ମଧ୍ୟରେ ଶିଖିଥିଲେ। ସେ ଜାଣିଥିଲେ ଯେ ସେ ଥିଲେ। ସେ ସେହି ଅଲୌକିକ କାର୍ଯ୍ୟ ସଂଘଟିତ ହୋଇଥିବାର ଦେଖିଥିଲେ।

41 ସେ କହିଲେ, "ମୋଶା, ମୁଁ ତୁମ ସହିତରେ ରହିବି। ମୁଁ ତୁମ ଆଗରେ ଆଗରେ ଯିବି।" ଏବଂ ସେମାନେ ତାହା ବୁଝିଗଲେ। ଏବଂ ସେ ତାଙ୍କୁ ଚିହ୍ନଗୁଡ଼ିକୁ ସାଧନ କରିବା ପାଇଁ ଦେଲେ।

42 ତେବେ, ସେମାନେ ବିଶ୍ରାମର ଦେଶର ସେମାନଙ୍କର ମାର୍ଗରେ ଥିଲେ। ପରମେଶ୍ୱର ସେମାନଙ୍କୁ ଏକ ବିଶ୍ରାମ ଦେଇଥିଲେ, ଏପରି ଏକ ସ୍ଥାନ ଯେଉଁଠାରେକି ସେମାନଙ୍କ ଉପରେ…ସେମାନଙ୍କର କୌଣସି କାର୍ଯ୍ୟକାରୀ ମୁନୀବ ରହିବେ ନାହିଁ, ଯେ ସେମାନଙ୍କୁ ଆଦେଶ ଦିଆଯାଏ, ସେମାନଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଏ।

43 ତାହା ଆଜିର କେତେ ଏକ ସୁନ୍ଦର ଚିତ୍ର ଅଟେ, ଯେତେବେଳେକି ଆମେ ମଣ୍ଡଳୀକୁ ଦୃଷ୍ଟି କରିଥାଉ ଏବଂ ମଣ୍ଡଳୀକୁ ତାର ଅବସ୍ଥାରେ ଦେଖିଥାଉ। ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ଜଗତକୁ ଘୃଣା କରିବ, "ଏବଂ ଯଦି ତୁମେ ଜଗତକୁ କିମ୍ବା ଜଗତର ବିଷୟବସ୍ତୁକୁ ପ୍ରେମ କର, ତାହାହେଲେ ଏପରିକି ପରମେଶ୍ୱରଙ୍କ ପ୍ରେମ ସୁଦ୍ଧା ତୁମ ଭିତରେ ନାହିଁ।" ତାହାହିଁ ଅଟେ ଯାହାକି ବାଇବଲ କୁହେ। ଏବଂ ସେହି ପ୍ରକୃତ ତୀର୍ଥଯାତ୍ରୀ, ତାଙ୍କ ମାର୍ଗରେ, ଠିକ ସେହି ଜଗତର ବିଷୟବସ୍ତୁଗୁଡ଼ିକୁ ଘୃଣା କରିଥାଏ। ସେ ପୁରୁଷମାନଙ୍କୁ ମଦ୍ୟପାନ କରୁଥିବାର ଦେଖିବାକୁ ଘୃଣା କରିଥାଏ। ସେ ପୁରୁଷମାନଙ୍କୁ ଧୂମପାନ କରୁଥିବାର ଦେଖିବାକୁ ଘୃଣା କରିଥାଏ। ସେ ସ୍ତ୍ରୀମାନଙ୍କୁ ରାସ୍ତାରେ ସେହି ଛୋଟ ଛୋଟ ପୁରୁଣା, ଅପରିଷ୍କାର ପୋଷାକଗୁଡ଼ିକୁ ପିନ୍ଧିଥବାର ଦେଖିବାକୁ ଘୃଣା କରିଥାଏ। ସେ ଆମୋଦ ପ୍ରମୋଦ ବଙ୍କୋ ଭୋଜଗୁଡ଼ିକୁ ଏବଂ ତାଶ ଖେଳ ଦେଖିବାକୁ ଘୃଣା କରିଥାଏ।

44 ଏବଂ ଗତକାଲି, ଯେତେବେଳେକି ଭାଇ ଟନି…କିମ୍ବା ଭାଇ ଉଡ୍ ଏବଂ ମୁଁ ସେହି ରାସ୍ତା ଦେଇ ଆସୁଥିଲୁ, ଏବଂ ଆଉ କିଛି, କେତେକ ପୁରୁଷମାନେ…ସେଠାରେ ଲୁଇସ୍‌ଭିଲଠାରେ ଜଣେ ସାନ ମହିଳା ଥିଲେ, ଯିଏକି ରାସ୍ତାରେ ଚାଲି ଆସୁଥିଲେ, ଦେଖିବାକୁ ସୁନ୍ଦର ସାନ ସ୍ତ୍ରୀଲୋକଟିଏ, ମାତ୍ର ଏପରି ଭୟଙ୍କର ପୋଷାକ ପିନ୍ଧିଥିଲେ; ସେହି ପଶ୍ଚାତ ଭାଗରୁ ଟିକିଏ

ଉପରକୁ ରହିଥିଲା, ଏବଂ ତାଙ୍କର ପଶ୍ଚାତ ଭାଗର, ଉଭୟ ପାର୍ଶ୍ୱରେ ଏକ ଛୋଟ ରିବନ୍ ବନ୍ଧା ହୋଇଥିଲା, ଏବଂ ତାଙ୍କ ସମ୍ମୁଖସ୍ଥ ଭାଗରେ ଏକ ଛୋଟ ଗୋଲାକାର କପଡା ରହିଥିଲା, ଏବଂ ଏକ ସୂତା ସହିତ ପଛ ପଟରେ ବନ୍ଧା ହୋଇଥିଲା। ରାସ୍ତାରେ ଭୟଙ୍କର ଭାବରେ, ଚାଲି ଆସୁଥିଲେ, ଏବଂ ରାସ୍ତାରେ ଥିବା ପ୍ରତ୍ୟେକ ପୁରୁଷ ତାଙ୍କ ଆଡକୁ ଅନାଇଥିଲେ। ମୁଁ କହିଲି, "ସେ ହୃଦୟଙ୍ଗମ କରନ୍ତି ନାହିଁ ଯେ, ସେ ପରମେଶ୍ୱରଙ୍କ ଦୃଷ୍ଟିରେ, ପ୍ରତ୍ୟେକ ସେହି ପୁରୁଷଙ୍କ ସହିତ ବ୍ୟଭିଚାର କରିବାରେ ଦୋଷୀ ଅଟନ୍ତି ଯେଉଁମାନେକି ତାଙ୍କୁ ସେହି ଭଙ୍ଗିମାରେ ଦେଖିଥିଲେ। ଏବଂ ସେ ବିଚାର ଦିନରେ ସେହି ପୁରୁଷମାନଙ୍କ ସହିତ ବ୍ୟଭିଚାର କରିବା ପାଇଁ ଉତ୍ତର ଦେବେ।"

45 ଯୀଶୁ କହିଲେ, "ଯେକେହି ଜଣେ ସ୍ତ୍ରୀଲୋକକୁ କାମବାସନାର ଲୋଭରେ ଦେଖେ, ତାହା ସହିତ ବ୍ୟଭିଚାର କରିସାରିଛି।" ତାହା ଠିକ୍ ଅଟେ।

46 ତେଣୁକରି, ଆପଣ ଦେଖନ୍ତୁ, ଭାଇ ଉଡ୍ ମୋତେ କହିଲେ, "ଭାଇ ବ୍ରାନହାମ୍, ଏହି ବିଷୟ ସମ୍ବନ୍ଧରେ ଆପଣ କଅଣ କହିବେ?"

47 ମୁଁ କହିଲି, "ଏହା ହୁଏତ ମାନସିକ ଅଭାବ କିଅବା ଶୟତାନ ଦ୍ୱାରା ଆକ୍ରାନ୍ତ ଅଟେ।" ଏହାକୁ କେବଳ ଦୁଇଟି ବିଷୟ ହିଁ କରିପାରେ। ଜଣେ ଶୁଚି, ନିର୍ମଳ ସ୍ତ୍ରୀଲୋକ କେବେବି ସେହିପରି ଜିନିଷ ପିନ୍ଧିବେ ନାହିଁ ଯେପର୍ଯ୍ୟନ୍ତକି ସେ ଶୟତାନ ଦ୍ୱାରା ଆକ୍ରାନ୍ତ ନୋହିଁବେ। ତାହା ଅବିକଳ ସତ୍ୟ ଅଟେ।

48 ତେବେ, ଜଣେ ତୀର୍ଥଯାତ୍ରୀ ଯିଏକି ସ୍ୱର୍ଗକୁ ଯିବାର ତାଙ୍କ ମାର୍ଗରେ ଥାଆନ୍ତି, ସେ ଏକ ଭିନ୍ନ ପରିବେଶରେ ରୁହନ୍ତି। ଆପଣଙ୍କୁ ତାଙ୍କ ସମ୍ବନ୍ଧରେ ସେହି ସ୍ତ୍ରୀଲୋକ ଆଡ଼େ ଅନାଇବା ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ସେ ତ ନିଜର ମୁଣ୍ଡକୁ ବୁଲାଇ ଦେବ ଯଦି ସେ ନିଜ ହୃଦୟରେ ପରମେଶ୍ୱରଙ୍କୁ ପାଇଥାନ୍ତି, କାରଣ ସେ ଏପରି ଏକ ପରିବେଶରେ ବାସ କରୁଛନ୍ତି ଯାହାକି ସେହି ଜିନିଷଠାରୁ ଲକ୍ଷ ଲକ୍ଷ ମାଇଲ ଦୂରରେ ଅଟେ। ତାହା ଠିକ୍। ଆପଣ ବିଚାର ଦିନରେ, ସେହି ବିଷୟ ନିମନ୍ତେ ଦୋଷୀ ହେବାକୁ ଚାହିଁବେ ନାହିଁ। ଅତଏବ ସେ ନିଜର ମୁଣ୍ଡକୁ ବୁଲାଇ ଦିଅନ୍ତି ଓ କୁହନ୍ତି, "ପରମେଶ୍ୱର, ସେହି ସ୍ତ୍ରୀଲୋକ ଉପରେ ଦୟା କର," ଏବଂ ସେ ଆଗକୁ ବଢିଯାଆନ୍ତି। ଆମେମାନେ ଆମର ଯାତ୍ରାରେ ଅଛୁ। ଆମେମାନେ କିଣାନ ଦେଶକୁ ଯିବାର ଆମର ମାର୍ଗରେ ଅଛୁ। ଆମେମାନେ ସେହି ଅନନ୍ତ ଏବଂ ଆଶୀଷିତ ବିଶ୍ରାମକୁ ଯିବାର ଆମର ମାର୍ଗରେ ଅଛୁ ଯାହା ପରମେଶ୍ୱର ଆମକୁ ଦେଇଅଛନ୍ତି। ଏବଂ ସେହି ଯାତ୍ରାୟରେ, ଆମେମାନେ ପ୍ରଲୋଭିତ କରା ଯାଇଥାଉ। ଆମେମାନେ ସମସ୍ତ ପ୍ରକାର ବିଷୟରେ ପ୍ରଲୋଭିତ କରା ଯାଇଥାଉ, ମାତ୍ର ତଥାପି ପାପ ନ କରି ପ୍ରଲୋଭିତ କରା ଯାଇଥାଉ।

49 ତେବେ ଧ୍ୟାନ ଦିଅନ୍ତୁ, ଯେତେବେଳେ ଆମେ ସେହି 4ର୍ଥ ପର୍ବକୁ ଯାଉ, "ଅତଏବ ଆସ ଆମ୍ଭେମାନେ ଭୟ କରୁ।"

> *ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ, ତାହାଙ୍କ ବିଶ୍ରାମରେ* ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା,...*

50 ମୁଁ ଚାହେଁ ଯେ ଆପଣ ଏହା ମନେ ରଖନ୍ତୁ, ଯେ, ଯେପର୍ଯ୍ୟନ୍ତ ଆମେମାନେ ଏହା ନ ଜାଣୁ, ଯେପର୍ଯ୍ୟନ୍ତ ପରମେଶ୍ୱର ଆମକୁ ଏହା ପ୍ରକାଶ ନ କରିଦିଅନ୍ତି! ଯାଏ ଆସେ ନାହିଁ ଯେ ଆମେ କେତେ ଅଧିକ ମଣ୍ଡଳୀକୁ ଯାଉ, ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ । ପରମେଶ୍ୱରଙ୍କୁ ନିଶ୍ଚିତ ଭାବରେ ପ୍ରକାଶନ ଦ୍ୱାରା ଆସି ଆପଣାକୁ ଆମ ନିକଟରେ ପ୍ରକାଶ କରିବା ଉଚିତ୍, ଯାହାକି ଜଗତର ସମସ୍ତ ବିଷୟଗୁଡ଼ିକୁ ବାହାର କରି ନିଏ । "ବର୍ତ୍ତମାନ, ଉକ୍ତ ଅଛି, 'ଆଜି ଯଦି ତୁମ୍ଭେମାନେ...'"

51 ତେବେ ଆସନ୍ତୁ ଆମେମାନେ ସେହି—ସେହି 4ର୍ଥ ପର୍ବକୁ ଆରମ୍ଭ କରିବା ।

> *ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ ତାହାଙ୍କ ବିଶ୍ରାମରେ* ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା,...*

52 ବର୍ତ୍ତମାନ ମନେରଖନ୍ତୁ, ଯେତେବେଳେ ସେମାନେ ବିଶ୍ରାମର ସେହି ମାର୍ଗରେ ଥିଲେ, ଅଗ୍ନିସ୍ତମ୍ଭ ସେମାନଙ୍କୁ କଢ଼େଇ ନେଉଥିଲେ । ତେବେ ଆମେମାନେ ଏହା ଜାଣିବାକୁ ଚାହୁଁ, "ଏହି ବିଶ୍ରାମଟି କଅଣ?"

> *ଅତଏବ ଆସ...ଆମ୍ଭେମାନେ ଭୟ କରୁ, କାଳେ,* ତାହାଙ୍କ *ବିଶ୍ରାମରେ* ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା,* (ଦେଖନ୍ତୁ), *ତୁମ୍ଭମାନଙ୍କ ମଧ୍ୟରୁ କେହି ସେଥିରୁ ବଞ୍ଚିତ ହେଲା ପରି ଦେଖାଯାଏ ।*

53 ବର୍ତ୍ତମାନ, ଏଠାରେ ସେହି ପ୍ରତିଜ୍ଞା ଅଛି । ଏଠାରେ ତାହା ଅଛି ଯାହାକୁ ଆମେ ଭୟ କରିବା ଉଚିତ୍: ଯଦି ସେଠାରେ କୌଣସି ପ୍ରତିଜ୍ଞା ଆମ ପାଇଁ ବାକି ନାହିଁ । ମାତ୍ର ସେଠାରେ ଏକ ପ୍ରତିଜ୍ଞା ଅଛି! ଏବଂ ତାହାପରେ, ପରବର୍ତ୍ତୀ ବିଷୟ, ଏଥିରୁ ବଞ୍ଚିତ ହୁଅନ୍ତୁ ନାହିଁ ।

54 ତେବେ, ସେହି ଚିନ୍ତାଧାରାଟି ହେଉଛି, ଯଦି ଆମେମାନେ ବିଶ୍ରାମକୁ ଯିବାର ଆମର ମାର୍ଗରେ ଅଛୁ, ତାହାହେଲେ ସେହି ବିଶ୍ରାମ କଅଣ ଅଟେ? ଏହା କେଉଁଠାରେ ଅଛି? କଅଣ ଏହା ମଣ୍ଡଳୀରେ ଯୋଗ ଦେବା ଅଟେ କି? କଅଣ ଏହା ଏକ ନିର୍ଦ୍ଦିଷ୍ଟ ଉପାୟରେ ବାପ୍ତିଜିତ ହେବା ଅଟେ କି? କଅଣ ଏହା ସେହି ସହରର ସର୍ବଶ୍ରେଷ୍ଠ ମଣ୍ଡଳୀର ସଦସ୍ୟ ହେବା ଅଟେ କି? କଅଣ ଅଧିକ ଉତ୍ତମ ପୋଷାକ ପିନ୍ଧିବା ଅଟେ କି? କଅଣ ଏହା ଶିକ୍ଷା ଅଟେ କି? କଅଣ ଏହା ଟଙ୍କା ଅଟେ କି, ଯେ ଆମେ କାମ କରିବା ଛାଡି ଦେଇ ଆମର ଅବଶିଷ୍ଟ ଦିନ, କେବଳ ଶୋଇ ରହି ବିଶ୍ରାମ କରିପାରୁ, ଯେପରିକି ଆମେ ଏହାକୁ କହିଥାଉ? ତାହା ଏହା ନୁହେଁ ।

55 ଶୁଣନ୍ତୁ ଯେ ଏହା କଅଣ ଅଟେ ବୋଲି ବାଇବଲ କୁହେ, ଏବଂ ଆମେ ଏହାକୁ କିପରି ପ୍ରାପ୍ତ କରିଥାଉ ।

*ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିବାର ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା, ତୁମ୍ଭମାନଙ୍କ ମଧ୍ୟରୁ କେହି ସେଥିରୁ ବଞ୍ଚିତ ହେଲା ପରି ଦେଖାଯାଏ ।*

*କାରଣ ସେମାନଙ୍କ ନିକଟରେ (ସେଦିନ ଯେପରି ଭାବରେ) ଯେପରି, ଆମ୍ଭମାନଙ୍କ ନିକଟରେ ମଧ୍ୟ ସେହିପରି ସୁସମାଚାର ପ୍ରଚାରିତ ହୋଇଅଛି:...*

ସୁସମାଚାର କଅଣ ଅଟେ? ସେହି ଶୁଭ ଖବର । ମିସରରେ ସେମାନଙ୍କ ନିକଟରେ ଶୁଭ ସମ୍ବାଦ ଆସିଥିଲା, ଯେ, "ପରମେଶ୍ୱର ଏକ ମୁକ୍ତିଦାତାଙ୍କୁ ପଠାଇଅଛନ୍ତି, ଏବଂ ସେ ଆମକୁ ବାହାର କରି ପ୍ରତିଜ୍ଞାତ ଦେଶ ମଧ୍ୟକୁ ନେଇଯିବାକୁ ଯାଉଅଛନ୍ତି ।"

56 ବର୍ତ୍ତମାନ ଆମ ପାଇଁ ସେହି ଶୁଭ ସମ୍ବାଦଟି ହେଉଛି, ଯେ, "ପରମେଶ୍ୱର ଏକ ମୁକ୍ତିଦାତା, ପବିତ୍ରଆତ୍ମାଙ୍କୁ ପଠାଇଅଛନ୍ତି, ଏବଂ ଆମେମାନେ ପ୍ରତିଜ୍ଞାତ ଦେଶକୁ ଯିବାର ସେହି ମାର୍ଗରେ ଅଛୁ ।" ତେବେ ଲୋକମାନେ ଏହାକୁ ବିଶ୍ୱାସମତ ଏବଂ ନାମଧାରୀ ସଂସ୍ଥା କରି ଗଢି ଦେଇଛନ୍ତି, ମାତ୍ର ପରମେଶ୍ୱର ଏବେ ସୁଦ୍ଧା ରହିଅଛନ୍ତି, ଯେ, ଆମର *ବିଶ୍ରାମ* ହେଉଛି "ପବିତ୍ରଆତ୍ମା ।"

57 ଧ୍ୟାନ ଦିଅନ୍ତୁ ।

*...ସେମାନଙ୍କ ନିକଟରେ ଯେପରି ଆମ୍ଭମାନଙ୍କ ନିକଟରେ ମଧ୍ୟ ସେହିପରି...ସୁସମାଚାର* ପ୍ରଚାରିତ ହୋଇଅଛି: *କିନ୍ତୁ ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲା ନାହିଁ,* ସେହି...

ମନେ ରଖନ୍ତୁ:

*...କିନ୍ତୁ ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତ ବାକ୍ୟ ନିଜସ୍ୱ ନ କରିବାରୁ, ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲା ନାହିଁ ।*

58 ହେ, ମୋର ଭାଇମାନେ, ମୋତେ ଏଠାରେ ଗୋଟିଏ ମିନିଟ୍ ପାଇଁ ଅଟକିଯିବାକୁ ଦିଅନ୍ତୁ । ଯାଏ ଆସେ ନାହିଁ ଯେ ସେହି ବାକ୍ୟ କେତେ ଅଧିକ ପ୍ରଚାର କରାଯାଏ, ଆପଣ ଏହାର ପ୍ରଚାରିତ କରାଯିବାର ପଦ୍ଧତିକୁ କେତେ ଅଧିକ ପସନ୍ଦ କରନ୍ତି, ଯେପର୍ଯ୍ୟନ୍ତକି ଆପଣ ନିଜେ ଏହାର ଏକ ଅଂଶୀଦାର ନ ହୋଇଯାଆନ୍ତି, ଏହା ଆପଣଙ୍କୁ ତିଳେ ମାତ୍ର ବି ଲାଭ କରିବ ନାହିଁ ।

*...ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତ ବାକ୍ୟ ନିଜସ୍ୱ ନ କରିବାରୁ ।*

59 ସେମାନେ ମୋଶାଙ୍କ ଚମତ୍କାରଗୁଡିକୁ ଦେଖିଥିଲେ । ସେମାନେ କହିଲେ, "ତାହା ଅତି ଉତ୍ତମ ଅଟେ ।" ଏବଂ ସେମାନେ ଚାଲିଗଲେ । ସେମାନେ—ସେମାନେ ତାଙ୍କୁ ଚମତ୍କାର ସାଧନ କରୁଥିବାର ଦେଖିଥିଲେ । ଏବଂ ସେମାନେ ସେହି ଅଗ୍ନିସ୍ତମ୍ଭକୁ ଦେଖିଥିଲେ, ହୁଏତ, କିମ୍ବା ସେମାନଙ୍କୁ ଏହା ବିଷୟରେ କଥାବାର୍ତ୍ତା କରୁଥିବାର ଶୁଣିଥିଲେ । "ଓଃ, ତାହା ଠିକ୍ ଅଛି ।"

60 ମାତ୍ର ଏହା ବ୍ୟକ୍ତିଗତ ବିଶ୍ୱାସ ସହିତ ମିଶ୍ରିତ ହୋଇ ନ ଥିଲା । କାରଣ ସେମାନେ ଯେତେବେଳେ ପ୍ରାନ୍ତରକୁ ମାତ୍ର ପହଞ୍ଚିଲେ, ସେମାନେ (ପ୍ରତ୍ୟେକ ଜଣ) ଅଭିଯୋଗ କରିବାକୁ ଆରମ୍ଭ କଲେ । ଏବଂ ପରମେଶ୍ୱର କହିଲେ, "ଯେହେତୁ ସେମାନେ ସନ୍ଦେହ କରିଥିଲେ, ଏହା ପାପ ଥିଲା ।" କୌଣସି ବିଷୟକୁ ସନ୍ଦେହ କରନ୍ତୁ ନାହିଁ । ବିଶ୍ୱାସ କରନ୍ତୁ । ସନ୍ଦେହ କରନ୍ତୁ ନାହିଁ, ଯାଏ ଆସେ ନାହିଁ ଯେ ମାମଲାଟି କେତେ କଠିନ ଅଟେ, ଏହାକୁ ବିଶ୍ୱାସ କରନ୍ତୁ ।

61 ତେବେ ସେମାନେ ଅଭିଯୋଗ କରିବାକୁ ଲାଗିଲେ, ଏବଂ ପରମେଶ୍ୱର ସେମାନଙ୍କୁ ପରିତ୍ୟାଗ କଲେ । ଏବଂ ତାହାପରେ ନିଜ କ୍ରୋଧରେ, ସେ ଶପଥ କଲେ, ଯେ, "ସେମାନେ କଦାପି ତାହାଙ୍କ ବିଶ୍ରାମରେ ପ୍ରବେଶ କରିବେ ନାହିଁ ।" ଏବଂ ବାଇବଲ ଏଠାରେ କୁହେ, ମୁଁ ବିଶ୍ୱାସ କରେ ଯେ ଏହା ସେହି—ସେହି ୩ୟ ପର୍ବରେ ଅଟେ, ଯେ, "ସେମାନଙ୍କର ଶବଗୁଡିକ ପ୍ରାନ୍ତରରେ ପଡ଼ି ରହିଥିଲା ।"

62 ସେହି ୩ୟ ପର୍ବ ଏବଂ 17ତମ ପଦ ।

*ଆଉ କେଉଁମାନଙ୍କ ଉପରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ସେ ବିରକ୍ତ ହୋଇଥିଲେ? ଯେଉଁମାନେ ପାପ କରିଥିଲେ, ଯେଉଁମାନଙ୍କ ଶବ ପ୍ରାନ୍ତରରେ ପଡ଼ିଥିଲା କଅଣ ସେମାନଙ୍କ ଉପରେ ନୁହେଁ କି?*

63 ଏବଂ ମିସରରୁ ବାହାରି ଆସିଥିବା ସେସମସ୍ତଙ୍କ ମଧ୍ୟରୁ, କେବଳ ଦୁଇଜଣ ହିଁ ପ୍ରତିଜ୍ଞାତ ଦେଶ ମଧ୍ୟକୁ ଗଲେ । ଜଳପ୍ଲାବନ ସମୟର ସମଗ୍ର ଜଗତ ମଧ୍ୟରୁ, ବିଗତ ଦିନମାନଙ୍କରେ, କୋଟି କୋଟି ଲୋକମାନଙ୍କ ମଧ୍ୟରୁ, ସେଠାରେ ଆଠ ଜଣ ପ୍ରାଣ ରକ୍ଷା ପାଇଥିଲେ । "ସଳଖ ଯେଉଁ ଫାଟକ ଏବଂ ସଂକୀର୍ଣ୍ଣ ଯେଉଁ ମାର୍ଗ, ମାତ୍ର ଅଳ୍ପ ହିଁ ଲୋକ ହେବେ ଯେଉଁମାନେ ଏହାକୁ ପ୍ରାପ୍ତ କରିବେ ।"

64 କେତେକ ଲୋକ କୁହନ୍ତି, "ତାହହେଲେ, ଭାଇ ବ୍ରାନହାମ୍, ଏହି ହଜାର ହଜାର ଲୋକମାନଙ୍କ ବିଷୟରେ କଅଣ ଯାହା ବିଷୟରେ ବାଇବଲ କୁହେ ଯେ ସେମାନେ ସେଠାରେ ରହିବେ?"

କେବଳ ମନେ ରଖନ୍ତୁ ଯେ ପ୍ରତ୍ୟେକ ପୀଢୀରେ କେତେ ଜଣ ମୃତ୍ୟୁବରଣ କରିଛନ୍ତି, ଯେଉଁମାନେକି ଯୁଗ ଯୁଗ ଦେଇ, ଖ୍ରୀଷ୍ଟିଆନ ଅଟନ୍ତି । ସେମାନେ ସମସ୍ତେ ପୁନରୁତ୍ଥିତ ହେବେ । ତାହା ସେହି ଶରୀରକୁ ପ୍ରସ୍ତୁତ କରେ । ଆପଣ ଆଶା କରୁଛନ୍ତି ଯେ ଆଜି ଏହି ଆମେରିକାରେ ଏକ ହଜାର କୋଟି ଲୋକମାନେ, କିମ୍ବା ଅନ୍ୟ କେତେକେ, ଏହି ଜଗତରେ, ବାହାରି ଆସିବେ । ହୋଇପାରେ ଯେ ପଚାଶଟି ଲୋକ ସୁଦ୍ଧା ନ ବାହାରନ୍ତି । ମାତ୍ର ସେହି ମହାନ ମୁକ୍ତିପ୍ରାପ୍ତ ମଣ୍ଡଳୀଟି ଧୂଳିରେ ପଡ଼ି ରହି, ଅପେକ୍ଷା କରୁଅଛି । ସେମାନେ ପରମେଶ୍ୱରଙ୍କ ଅଳଙ୍କାରମାନ ଅଟନ୍ତି ଯେଉଁମାନେକି ଧୂଳିରେ ବିଶ୍ରାମ କରୁଅଛନ୍ତି । ମାତ୍ର ସେମାନଙ୍କର ପ୍ରାଣଗୁଡିକ ପରମେଶ୍ୱରଙ୍କ ଯଜ୍ଞବେଦୀ ତଳେ ଅଛି । ସେମାନେ ସେମାନଙ୍କର

ସଠିକ୍ ଅବସ୍ଥାରେ ନାହାଁନ୍ତି । ସେମାନେ ପ୍ରକୃତରେ, ଏକ ଶରୀରରେ ଅଛନ୍ତି, ମାତ୍ର ଏକ ଥିଓଫାନିରେ । ଏବଂ ସେମାନେ ପରମେଶ୍ୱରଙ୍କ ନିକଟରେ କ୍ରନ୍ଦନ କରନ୍ତି, "କେତେ କାଳ?" ସେମାନେ ପରସ୍ପରକୁ ଦେଖିପାରୁଥିଲେ, ମାତ୍ର ସେମାନେ ପରସ୍ପର ସହିତ ହାତ ମିଶାଇ ପାରୁ ନ ଥିଲେ, ସେହି ପ୍ରକାରର ଏକ ଶରୀର ।

65 ଆଜି ରାତି ଯଦି ଆପଣ ମହିମାକୁ ଚାଲିଯାଆନ୍ତି, ତେବେ ଆପଣ ନିଜର ମାଆଙ୍କୁ ସେଠାରେ ଭେଟିବେ, ଆପଣ ତାଙ୍କ ସହିତ ହାତ ମିଶାଇ ପାରିବେ ନାହିଁ କାରଣ ତାଙ୍କ ପାଖରେ ସେହିପରି ଏକ ହାତ ନ ଥିବ । ଆପଣ ଏହାକୁ ସେହିପରି ଭାବରେ ଅନୁଭବ କରିପାରିବେ ନାହିଁ ଯେପରିକି ଆପଣ ଏହାକୁ ବର୍ତ୍ତମାନ ଅନୁଭବ କରନ୍ତି । କାରଣ, ପାଞ୍ଚଟି ଇନ୍ଦ୍ରିୟ ତାହା ଅଟେ ଯାହାକି ଏହି ଶରୀରରେ ରଖାଯାଇଛି, ଯେ ଏହାକୁ ନିୟନ୍ତ୍ରଣ କରା ଯାଇପାରେ । ତାଙ୍କର ଉପସ୍ଥିତିକୁ ଏକ ଭିନ୍ନ ପରିବେଶରେ ଅନୁଭବ କରାଯାଏ ।

66 ତାହା ଏକ ସ୍ୱାମୀ ଏବଂ ସ୍ତ୍ରୀ ପରି ଅଟେ । ସେଠାରେ ସ୍ୱର୍ଗରେ, କୌଣସି ବିବାହ ହେବ ନାହିଁ, କିମ୍ବା ବିବାହରେ ଦେବା ବିଷୟ ହେବ ନାହିଁ । କାରଣ ସେଠାରେ ଏକ ଭିନ୍ନ ପ୍ରକାରର ପ୍ରେମ ଅଟେ । ସେଠାରେ କୌଣସି ଯୌନ ଇଚ୍ଛା ରହେ ନାହିଁ । ସେହି ସବୁ ବିଷୟ ତ ଅତିକ୍ରମ ହୋଇଯାଇଛି । ଆପଣ ପରିଷ୍କୃତ ଏବଂ ବିଶୁଦ୍ଧ କରାଯାଇଛନ୍ତି ।

ମାତ୍ର ଆପଣ କେବେବି ସେହି ସ୍ଥିତିରେ ରହିଲେ ନାହିଁ, ଅତଏବ ଆପଣ ସେହି ସ୍ଥିତି ପାଇଁ ସୃଷ୍ଟି କରା ଯାଇ ନ ଥିଲେ । ଆପଣ ତ କେବଳ ସେଠାରେ ଅପେକ୍ଷା କରୁଅଛନ୍ତି । ମାତ୍ର ଆପଣ ସେହି ଅବସ୍ଥାକୁ ଫେରି ଆସିବାକୁ ଇଚ୍ଛା କରୁଛନ୍ତି ଯେଉଁଠାରେ ଆପଣ ଜଣେ ପୁରୁଷ ଏବଂ ସ୍ତ୍ରୀ ଭାବରେ ସୃଷ୍ଟି କରା ଯାଇଥିଲେ, ଏବଂ ସେଠାରେ ପରମେଶ୍ୱର ସେହି ଶରୀରକୁ ପୃଥିବୀର ଧୂଳିରୁ ଉତ୍ଥିତ କରିବେ ଏବଂ ଗୌରବାନ୍ୱିତ କରିବେ । ତାହାପରେ ଆପଣ ଦେଖିବେ, ଆସ୍ୱାଦନ କରିବେ, ଅନୁଭବ କରିବେ, ଘ୍ରାଣ କରିବେ ଏବଂ ଶ୍ରବଣ କରିବେ, ଏବଂ ସହଯୋଗ କରିବେ । ଆମେମାନେ କଦାପି ଜାଣିବା ନାହିଁ...

ଆମେମାନେ କଦାପି ଜଣେ ସ୍ୱର୍ଗଦୂତର ଜୀବନକୁ ଉପଭୋଗ କରିପାରିବା ନାହିଁ । ଆମେମାନେ ଦୂତ ଭାବରେ ସୃଷ୍ଟି କରାଯାଇ ନ ଥିଲୁ । ପରମେଶ୍ୱର ସ୍ୱର୍ଗଦୂତମାନଙ୍କୁ ସୃଷ୍ଟି କଲେ । ମାତ୍ର ସେ ଆପଣଙ୍କୁ ଏବଂ ମୋତେ, ପୁରୁଷ ଓ ସ୍ତ୍ରୀକୁ ସୃଷ୍ଟି କରିଥିଲେ । ସେହି ଅବସ୍ଥା ହିଁ ଅଟେ ଯେଉଁଥିରେକି ଆମେମାନେ, ସଦାକାଳ ପାଇଁ, ତାହାଙ୍କ ଆଶୀଷିତ ଆଗମନର ସମୟରେ ରହିବା ।

67 ତେବେ, ଦେଖନ୍ତୁ ଯେ ସେମାନେ କିପରି ଭାବରେ ବଞ୍ଚିତ ହୋଇଥିଲେ, କାରଣ ସେମାନେ ପାପ କରିଥିଲେ ଏବଂ ମହିମାରୁ ବଞ୍ଚିତ ହୋଇଥିଲେ । ପରମେଶ୍ୱର ସେମାନଙ୍କୁ ଅଗ୍ନିସ୍ତମ୍ଭକୁ ଦେଖାଇଲେ । ସେ ସେମାନଙ୍କୁ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମ ଦେଖାଇଲେ । ସେ ସେମାନଙ୍କୁ କଢାଇ ନେଲେ । ସେ ସେମାନଙ୍କୁ ପରୀକ୍ଷା କରିବା ପାଇଁ ଏବଂ ପ୍ରମାଣସିଦ୍ଧ କରିବା ପାଇଁ, ପ୍ରଲୋଭନକୁ ଆଣିଥିଲେ ।

68 ତେବେ, କଅଣ ଆପଣଙ୍କର ବହୁତ ପ୍ରଲୋଭନ ରହିନାହିଁ କି? ସେ ବିଷୟରେ ଅଭିଯୋଗ କରନ୍ତୁ ନାହିଁ। ଆନନ୍ଦ କରନ୍ତୁ। ପରମେଶ୍ୱର ଆପଣଙ୍କ ସହିତରେ ଅଛନ୍ତି। ସେ ଆପଣଙ୍କର ବିଶ୍ୱାସକୁ ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି। ପୁରାତନ ନିୟମରେ ଆୟୁବକୁ ଦେଖନ୍ତୁ, ଯେତେବେଳେ ସେ କହିଥିଲେ, "କଅଣ ତୁମେ ମୋର ଦାସ ଆୟୁବକୁ, ଯିଏକି ଜଣେ ଧାର୍ମିକ ବ୍ୟକ୍ତି, ଜଣେ ସିଦ୍ଧ ବ୍ୟକ୍ତି ଅଟେ, ବିବେଚନା କରିଅଛ କି? ପୃଥିବୀରେ ତାହା ପରି କେହି ହେଲେ ନାହାଁନ୍ତି।"

69 "ଓଃ," ସେ କହିଲା, "ନିଶ୍ଚିତ, ତୁମେ ତାଙ୍କୁ ଚାରିଆଡୁ ସୁରକ୍ଷା ଘେରାରେ ରଖିଅଛ: କୌଣସି ଅସୁବିଧା ନାହିଁ, କୌଣସି ଚିନ୍ତା ନାହିଁ। ତାର କୌଣସି ଆର୍ଥିକ ସମସ୍ୟା ନାହିଁ, ସବୁକିଛି ବିଷୟ ଠିକ ଅଛି। ତାର କୌଣସି ଅସୁସ୍ଥତା, କୌଣସି ଯନ୍ତ୍ରଣା ନାହିଁ। ମୋତେ ତାକୁ ଅଧିକାର କରିବାକୁ ଦିଅ। ମୁଁ ତାକୁ ତୁମ ମୁହଁ ଉପରେ, ଅଭିଶାପ ଦେବାକୁ ବାଧ୍ୟ କରି ଦେବି।"

70 ସେ କହିଲେ, "ସେ ତୁମ ହାତରେ, କିନ୍ତୁ ତୁମେ ତାର ପ୍ରାଣ ନେବ ନାହିଁ।"

71 ଓଃ! ସେ ତାର ଜୀବନକୁ ନେବା ବ୍ୟତୀତ ସବୁକିଛି କଲା, ମାତ୍ର ସେ ଆୟବକୁ ହଲାଇ ପାରିଲା ନାହିଁ। ଆୟୁବ ଜାଣିଥିଲେ ଯେ ସେ ବାକ୍ୟ ଉପରେ ସଠିକ୍ ଭାବରେ ଛିଡା ହୋଇଛନ୍ତି। ତାହା ଠିକ୍ ଅଟେ। ନରକରେ ଥିବା ସମସ୍ତ ଭୂତମାନେ ତାକୁ ହଲାଇ ପାରି ନ ଥିଲେ ନାହିଁ, କାରଣ ସେ ଜାଣିଥିଲେ ଯେ ସେ ସେହି ବଳିଦାନକୁ କରିଅଛନ୍ତି। ସେ ଧାର୍ମିକ ଥିଲେ। ଏବଂ ସେମାନେ ତାଙ୍କୁ ଅଭିଯୋଗ କରି, କହିଲେ, "ଆୟୁବ, ତୁମେ ପାପ କରିଛ, ଏବଂ ପରମେଶ୍ୱର ତୁମକୁ ଦଣ୍ଡ ଦେଉଛନ୍ତି।" ସେ ଜାଣିଥିଲେ ଯେ ପରମେଶ୍ୱର କରି ନ ଥିଲେ…ଯେ ସେ ପରମେଶ୍ୱରଙ୍କ ସମ୍ମୁଖରେ ପାପ କରି ନ ଥିଲେ। ସେ ଜାଣିଥିଲେ ଯେ ସେ ଧାର୍ମିକ ଥିଲେ। ଏହେତୁ ନୁହେଁ ଯେ ସେ ଜଣେ ଭଲ ମଣିଷ ଥିଲେ, ବରଂ ଏହେତୁ କାରଣ ସେ ତାର ବଦଳରେ ହୋମ-ବଳିକୁ ଗ୍ରହଣ କରୁଥିଲେ।

72 ଏବଂ, ଆଜି ରାତି, ଆମେମାନେ ଜାଣୁ ଯେ ତାଙ୍କ ଜୀବନ ଏହା ପ୍ରମାଣିତ କରିଥିଲା ଯେ ସେ ଧାର୍ମିକ ଥିଲେ। ଏବଂ ଯେତେବେଳେ ଆପଣ…ଏହା ଉପରେ ମହିମାରେ ଘରକୁ ଯିବାକୁ ଚେଷ୍ଟା କରନ୍ତୁ ନାହିଁ ଯେହେତୁ ଆପଣ ନିଜର ପଡ଼ୋଶୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଛନ୍ତି; ତାହା ଉତ୍ତମ ଅଟେ। ଏହେତୁ ନୁହେଁ ଯେ ଆପଣ ମଣ୍ଡଳୀରେ ଯୋଗ ଦେଇଛନ୍ତି; ତାହା ଉତ୍ତମ ଅଟେ। ମାତ୍ର ଆପଣ ଏଇଥି ଯୋଗୁଁ ମହିମାରେ ଘରକୁ ଯାଆନ୍ତି କାରଣ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ଧାର୍ମିକତାକୁ ଗ୍ରହଣ କରନ୍ତି, ଏପରି କିଛି ନୁହେଁ ଯାହା ଆପଣ ନିଜେ କରିଛନ୍ତି।

73 ବର୍ତ୍ତମାନ, ଯେତେବେଳେ ଆମେମାନେ ପାଠ କରୁ।

> *କାରଣ ସେମାନଙ୍କ ନିକଟରେ ଯେପରି,…(2ୟ ପଦ)…ଆମ୍ଭମାନଙ୍କ ନିକଟରେ ସେହିପରି ସୁସମାଚାର ପ୍ରଚାରିତ ହୋଇଅଛି: କିନ୍ତୁ ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତ ବାକ୍ୟ ନିଜସ୍ୱ ନ କରିବାରୁ ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲା ନାହିଁ।*

ଯେଉଁମାନେ ସେହି ବାକ୍ୟ ଶୁଣିଥିଲେ ସେମାନଙ୍କ ମଧ୍ୟରେ ବିଶ୍ୱାସ ନ ଥିଲା ।

74 କେବଳ ଭାବି ଦେଖନ୍ତୁ, ଆଜି, ପ୍ରଭୁ ମୋତେ ଦେଇଥିବା ଏହି ଛୋଟ, ନମ୍ର ସେବାକାର୍ଯ୍ୟରେ, ଆଜି ରାତି ଚାରି କୋଟି ଆମେରିକୀୟମାନେ ଉଦ୍ଧାରପ୍ରାପ୍ତ ହୋଇଥିବେ । କଅଣ ଆପଣ ଜାଣନ୍ତି ଯେ ସେମାନେ କଅଣ କୁହନ୍ତି? "କାହିଁକି, ଏହା ତ ମନକୁ ପଢିବାର ବିଦ୍ୟା ଅଟେ । ସେ ଜଣେ ମନକୁ ପଢିବାର ବ୍ୟକ୍ତି ଅଟନ୍ତି । ସେହିପରି କୌଣସି ବିଷୟ ନାହିଁ! କାହିଁକି, ସେ ତ ଆମ ମଣ୍ଡଳୀରେ ସମ୍ପୃକ୍ତ ନୁହଁନ୍ତି ।" ବୁଝିଲେ? ଏହା ନୁହେଁ...ଯାଏ ଆସେ ନାହିଁ ଯେ ଆପଣ କେତେ ଏହାକୁ ବାକ୍ୟ ଉପରେ ରଖନ୍ତି ଏବଂ ପ୍ରମାଣ କରନ୍ତି ଯେ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ, ଏହା ପରମେଶ୍ୱରଙ୍କ ପ୍ରତିଜ୍ଞା ଅଟେ, ବିଜ୍ଞାନ କେତେ ଯେ ତାହା ସତ ବୋଲି ପ୍ରମାଣ କରେ, ସେମାନେ ତଥାପି ବିଶ୍ୱାସ କରିପାରନ୍ତି ନାହିଁ । ବାଇବଲ କୁହେ ଯେ ସେମାନେ କରିପାରିବେ ନାହିଁ ।

75 କୁହେ, "ତାହାହେଲେ ଏହାକୁ ପ୍ରଚାର କରିବାର କି ଲାଭ ଅଟେ?" ପରମେଶ୍ୱରଙ୍କୁ ସେହି ଦିନରେ, ସେମାନଙ୍କୁ ନିନ୍ଦା କରିବା ପାଇଁ, ଏକ ସାକ୍ଷୀ ରଖିବା ଆବଶ୍ୟକ । ସେମାନଙ୍କ ମଧ୍ୟରେ ବାକ୍ୟ ପ୍ରଚାର କରାଯାଇ ପ୍ରମାଣିତ କରା ଯାଇଥିଲା, ଏବଂ ସେମାନେ ତଥାପି ଅଜ୍ଞ ଭାବରେ ଚାଲି ଯାଇଥିଲେ । ସେଠାରେ ଆଉ କିଛି ନୁହେଁ ବରଂ ବିଚାର ବାକି ଅଛି । ପରମେଶ୍ୱର ସେପର୍ଯ୍ୟନ୍ତ ଧାର୍ମିକ ଭାବରେ—ଧାର୍ମିକ ଭାବରେ ଏକ ରାଷ୍ଟ୍ରର ନ୍ୟାୟ କରିପାରିବେ ନାହିଁ ଯେପର୍ଯ୍ୟନ୍ତକି ସେହି ରାଷ୍ଟ୍ର ପାଖରେ ବିଚାର ପୂର୍ବରୁ ଦୟା ନ ଥାଏ । ସେ ପରମେଶ୍ୱର ଅଟନ୍ତି । ସେ ଏହା କରିପାରିବେ ନାହିଁ ।

76 ତେବେ ଆମେମାନେ କଅଣ କହିବା?

*ଯେଣୁ ବିଶ୍ୱାସ କରିଅଛୁ...ଯେ ଆମ୍ଭେମାନେ କେବଳ ଆମ୍ଭେମାନେ ସେହି ବିଶ୍ରାମରେ ପ୍ରବେଶ କରୁ, ସେ ଯେପରି କହିଛନ୍ତି, ଏଣୁ ଆମ୍ଭେ ଆପଣା କ୍ରୋଧରେ ଶପଥ କରୁ, ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ: କିନ୍ତୁ ଜଗତ ପତ୍ତନାବଧି ତ ସମସ୍ତ କର୍ମ ସମାପ୍ତ ହୋଇଥିଲା ।*

*କାରଣ ସପ୍ତମ ଦିନ ସମ୍ବନ୍ଧରେ—ସମ୍ବନ୍ଧରେ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଅଛନ୍ତି,...*

77 ବର୍ତ୍ତମାନ, ମୁଁ ଲୋକମାନଙ୍କର ଧର୍ମ ବିରୁଦ୍ଧରେ, ସେମାନଙ୍କର ଭାବନାଗୁଡିକୁ ଆଘାତ କରିବାକୁ ଚାହେଁ ନାହିଁ । ତାହା ମୋର ଉଦ୍ଦେଶ୍ୟ ନୁହେଁ । ବାହାରେ ପ୍ରଚାର କ୍ଷେତ୍ରରେ, ମୁଁ କେବଳ ନିୟମିତ, ସେହି ମହାନ ସୁସମାଚାର, ମୌଳିକ ସିଦ୍ଧାନ୍ତଗୁଡିକୁ ପ୍ରଚାର କରେ । ମାତ୍ର ଆରାଧନାଳୟରେ, ମୋର ପିଲାମାନଙ୍କ ମଧ୍ୟରେ, ମୁଁ ଅନୁଭବ କରେ ଯେ ମୋ ପାଖରେ ତାହା ପ୍ରଚାର କରିବାର ଏକ ଅଧିକାର ଅଛି ଯାହା ମୁଁ ଭାବେ ଯେ ତାହା ସିଦ୍ଧାନ୍ତ ଏବଂ ସତ୍ୟ ଅଟେ । ବୁଝିଲେ? ମୁଁ ଭାବୁଛି ଯେ ଏହା ଠିକ୍ ଅଟେ ।

78 ତେବେ, ମୋର ହଜାର ହଜାର ଉତ୍ତମ ସାବ୍ବାଟାରିୟାନ ବନ୍ଧୁମାନେ ଅଛନ୍ତି, ଏପରି ଅନେକେ ଯେଉଁମାନେକି ସେଭେନ୍ଥ-ଡ଼େ ଆଡଭେଣ୍ଟିଷ୍ଟ ଅଟନ୍ତି। ମୋର ଥିବା ଏପରି ଅନେକ ପ୍ରିୟତମ ବନ୍ଧୁମାନେ, ସେମାନଙ୍କ ମଧ୍ୟରୁ କେତେକ ସେଭେନ୍ଥ-ଡ଼େ ଆଡଭେଣ୍ଟିଷ୍ଟ ଅଟନ୍ତି।

ଯଦିଓ, ତାହାର ସେହି ମହାନ ପଦକ୍ଷେପ, ଯାହାକୁ କୁହାଯାଏ, ସେହି—ସେହି *ଭଏସ୍ ଅଫ୍ ପ୍ରଫେସି*, ସେମାନେ ଦୃଢ଼ ଭାବରେ ମୋ ବିରୋଧରେ ଅଟନ୍ତି। ସେମାନେ କୁହନ୍ତି ଯେ ମୁଁ ପ୍ରଚାର ମଞ୍ଚରେ ସେହି ବକ୍ତବ୍ୟ ଦେଇଥିଲି, ଏବଂ କହିଥିଲି, "ମୁଁ ପରମେଶ୍ୱର ଅଟେ। ଏବଂ ତାହା—ଏବଂ ତାହା ଯେ ଏହି ଆଲୋକ ଯାହାକି ଅନୁସରଣ କରୁଥିଲା ଏକ ସ୍ୱର୍ଗଦୂତ ଥିଲେ, ଏବଂ ମୁଁ ପରମେଶ୍ୱର ଥିଲି। ଏବଂ ମୁଁ ଏହି ଜଗତକୁ ବଡ଼ ବଡ଼ କାର୍ଯ୍ୟ କରିବା ପାଇଁ, ଲୋକମାନଙ୍କୁ ଏହା ପ୍ରମାଣ କରିବା ପାଇଁ ଆସିଅଛି ଯେ ମୁଁ ପରମେଶ୍ୱର ଅଟେ।" ତେବେ, ତାହାହିଁ ଅଟେ ଯାହାକି ସେଠାରେ କାଲିଫର୍ଣ୍ଣିଆରେ, ସେହି *ଭଏସ୍ ଅଫ୍ ପ୍ରଫେସି* ମୋ ବିଷୟରେ କହିଥିଲା। ଏବଂ ଯିଏକେହି ବି ତାହା କହିଲା, ଆପଣ ଜାଣନ୍ତି, ଏପରି କିଛି କହିଥିଲା, ଯାହାକି ତାହା ନୁହେଁ।

79 ମାତ୍ର ପ୍ରଥମ ସ୍ଥାନରେ, ସେଭେନ୍ଥ-ଡ଼େ ଆଡଭେଣ୍ଟିଷ୍ଟ ମଣ୍ଡଳୀ କିମ୍ୱା ଅନ୍ୟ କୌଣସି ସାବ୍ବାଟାରିୟାନ ମଣ୍ଡଳୀ ବିରୁଦ୍ଧରେ ଅଧିକ ଚିନ୍ତା ନ କରି, ମାତ୍ର କେବଳ ସୁସମାଚାର ନିମନ୍ତେ। ଆମେମାନେ ଅଳ୍ପ କିଛି ମିନିଟ୍ ମଧ୍ୟରେ, ପେଣ୍ଟିକଷ୍ଟକୁ, ମଧ୍ୟ, ଆସିବାକୁ ଯାଉଅଛୁ। ହଁ। ସତ। ବାପ୍ତିଷ୍ମ ଉପରେ, ଆମେମାନେ ତାହା ଉପରେ ଆସିବାକୁ ଯାଉଅଛୁ ଏବଂ ଦେଖାଇବାକୁ ଯାଉଅଛୁ ଯେ ପରମେଶ୍ୱର କୌଣସି ନାମଧାରୀ ସଂସ୍ଥାର ସପକ୍ଷରେ ନୁହଁନ୍ତି। ତାହା ଠିକ୍। ସେ କେବଳ ବ୍ୟକ୍ତିବିଶେଷ ଉପରେ ଅନୁଗ୍ରହ କରନ୍ତି। ଏବଂ ସେ କୌଣସି ନାମଧାରୀ ସଂସ୍ଥା ସହିତ ବ୍ୟବହାର କରନ୍ତି ନାହିଁ, ସେ କେବେବି କରି ନ ଥିଲେ ଏବଂ ତାହାଙ୍କର ବାକ୍ୟ ଅନୁଯାୟୀ, ସେ କେବେବି କରିବେ ନାହିଁ। ମାତ୍ର ସେ ପ୍ରତ୍ୟେକ ନାମଧାରୀ ସଂସ୍ଥାରେ ଥିବା ସେହି ବ୍ୟକ୍ତିବିଶେଷଙ୍କ ସହିତ ବ୍ୟବହାର କରନ୍ତି। ହଁ, ଏହା ସେହି ବ୍ୟକ୍ତିବିଶେଷ ହିଁ ଅଟନ୍ତି ଯାହାଙ୍କ ସହିତ ପରମେଶ୍ୱର ବ୍ୟବହାର କରିଥାଆନ୍ତି।

80 ବର୍ତ୍ତମାନ ଏହାକୁ ପ୍ରକୃତରେ ସ୍ପଷ୍ଟ ଭାବରେ ଶୁଣନ୍ତୁ, ଏବଂ ଯଦି କେବେ, ଯେକୌଣସି ସମୟରେ, ସେହି ପ୍ରଶ୍ନ କେବେ ଆପଣଙ୍କ ପାଖକୁ ଆସେ, ଏହା ସମାଧାନ ହୋଇଯିବ। ତେବେ, ପ୍ରଭୁ ଆମମାନଙ୍କୁ ସାହାଯ୍ୟ କରନ୍ତୁ।

81 ତେବେ, ଅତି ନିକଟରୁ, "କାରଣ…" ସେହି 4ର୍ଥ ପଦ।

> *କାରଣ ସପ୍ତମ ଦିନ ସମ୍ବନ୍ଧରେ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଅଛନ୍ତି,…*

82 ତେବେ ଦେଖନ୍ତୁ। ସେ ବିଶ୍ରାମବାର ବିଷୟରେ କହୁଛନ୍ତି। କେତେଜଣ ଜାଣନ୍ତି ଯେ ସେହି ଶବ୍ଦ *ସ-ବ୍ବ-ତ* ହେଉଛି ଏବ୍ର-…ସେହି ଏବ୍ରୀ ଶବ୍ଦ ଯାହାର ଅର୍ଥ "ବି-ଶ୍ରା-ମ"? କେତେ ଜଣ

ତାହା, ଇଂରାଜୀରେ ଜାଣନ୍ତି? ନିଶ୍ଚିତରେ । କଅଣ *ସବ୍ବତ* ଅର୍ଥାତ୍ ବିଶ୍ରାମବାର ଏକ ମଜାଦାର ଶବ୍ଦ ନୁହେଁ କି? ଏହା ଅଟେ ।

83 କଅଣ *ପବିତ୍ରୀକୃତ* ଏକ ମଜାଳିଆ ଶବ୍ଦ ଭାବେ ଶୁଭାଯାଏ ନାହିଁ କି? *ପବିତ୍ରୀକୃତ* ହେଉଛି ଏକ ଗ୍ରୀକ୍ ଶବ୍ଦ । *ପବିତ୍ରୀକୃତ* ହେବାର ଅର୍ଥ "ପବିତ୍ର କରାଯିବା ।" ଏବ୍ରୀରେ, ତାର ଅର୍ଥ "ପବିତ୍ର କରିବା ।" ଗ୍ରୀକ୍ ଭାଷାରେ, ତାର ଅର୍ଥ "ପବିତ୍ରୀକୃତ ହେବା ।" ଇଂରାଜୀରେ, ତାର ଅର୍ଥ ହେଉଛି "ପରିଷ୍କାର କରାଯିବା ।"

84 *ସବ୍ବତ* ଅର୍ଥ "ବିଶ୍ରାମର ଏକ ଦିନ ।" ତାହାହିଁ ଅଟେ ଯାହାକି ସେହି ପୁରାତନ ବିଶ୍ରାମବାର ଥିଲା, ବିଶ୍ରାମର ଏକ ଦିନ । ଯେତେବେଳେ ଆପଣ *ବିଶ୍ରାମ* ଦେଖନ୍ତି, ଏହାର ଅର୍ଥ ହେଉଛି "ସବ୍ବତ ।" ଏହାକୁ ଆପଣଙ୍କର ମୂଳ ପାଣ୍ଡୁଲିପିରେ ଦେଖନ୍ତୁ, ଯଦି ଆପଣଙ୍କ ପାଖରେ ଏ ଗ୍ରୀକ୍ ବାଇବଲ ରହିଥାଏ, ଏବଂ ଖୋଜି ଦେଖନ୍ତୁ ଯଦି ସେହି ଶବ୍ଦଟି...ଯଦି ଆପଣଙ୍କ ପାଖରେ ଏକ ସ୍କୋଫିଲ୍ଡ ବାଇବଲ ଅଛି, ତାହାହେଲେ ନିଜର ପାର୍ଶ୍ୱ ଧାଡିରେ ରହିଥିବା ପାଠ୍ୟରେ ଏହି "ବିଶ୍ରାମ" ଶବ୍ଦକୁ ଖୋଜନ୍ତୁ ଏବଂ ଦେଖନ୍ତୁ ତାହା ଯଦି ଆପଣଙ୍କୁ *ସବ୍ବତ* ନିକଟକୁ ଫେରାଇ ନ ଆଣେ । *ସବ୍ବତ*ର ଅର୍ଥ "ବିଶ୍ରାମ" ଅଟେ । ଠିକ୍ ଅଛି ।

85 ତେବେ ଦେଖନ୍ତୁ ।

> *ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ ତାହାଙ୍କ* ବିଶ୍ରାମବାରରେ, *ବିଶ୍ରାମରେ* ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା,...*

86 ବର୍ତ୍ତମାନ, ଅନେକ ଲୋକମାନେ ଦିନ ବା ବାର ପାଳନ କରନ୍ତି, ଯେପରିକି *ଶନିବାର* ଦିନକୁ ବିଶ୍ରାମବାର ଭାବରେ ପାଳନ କରନ୍ତି । ଅନ୍ୟମାନେ *ରବିବାର*କୁ ଏକ ପ୍ରତିମା, ଏକ ଉପାସନାର ଦିବସ କରନ୍ତି । ଏବଂ ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଏବଂ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ପରମେଶ୍ୱର ମୋତେ ଆଜି ରାତି ସାହାଯ୍ୟ କରନ୍ତୁ, ମୁଁ ଆପଣଙ୍କୁ ଏହା ପ୍ରମାଣ କରିପାରେ ଯେ ସେମାନେ ଉଭୟ ଭୁଲ୍ ଅଟନ୍ତି । ଉଭୟ ରବିବାର ଉପାସକ ଏବଂ ବିଶ୍ରାମବାର-ପାଳନକାରୀ, ସେମାନେ ଉଭୟ ସମ୍ପୂର୍ଣ୍ଣ ଭାବେ ବାକ୍ୟ ଅନୁଯାୟୀ ଭୁଲ୍ ଅଟନ୍ତି । ଏବଂ ସର୍ବଶେଷରେ, ଏହା ତ ସେହି ବାକ୍ୟ ଅଟେ ଯାହା ଦ୍ୱାରା ଆମକୁ ଯିବାକୁ ଅଛି, ତାହା ଦ୍ୱାରା ନୁହେଁ ଯାହା ଆଡଭେଣ୍ଟିଷ୍ଟମାନେ କୁହନ୍ତି, କିମ୍ବା ତାହା ଦ୍ୱାରା ନୁହେଁ ଯାହା ପ୍ରୋଟେଷ୍ଟାଣ୍ଟ କୁହନ୍ତି, କିଅବା ଯାହା କ୍ୟାଥୋଲିକ୍ କୁହନ୍ତି । ଏହା ତ ତାହା ଅଟେ ଯାହାକି ବାଇବଲ କୁହେ ।

87 ତେବେ, ବର୍ତ୍ତମାନ ଦେଖନ୍ତୁ ।

> *କାରଣ ସପ୍ତମ ଦିନ ସମ୍ବନ୍ଧରେ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଅଛନ୍ତି,...*

ବର୍ତ୍ତମାନ ଆମେମାନେ ଏହିପରି ଭାବରେ କିଛି ଗୋଟାଏ ଉପସ୍ଥାପିତ କରିବାକୁ ଯାଉଅଛୁ, ଏବଂ ଏହାକୁ—ଏହାକୁ, "ପରମେଶ୍ୱରଙ୍କ ବିଶ୍ରାମ," ସେହି ସପ୍ତମ ଦିନ ବୋଲି ଡାକିବାକୁ ଯାଉଅଛୁ ।

88 ତେବେ ଦେଖନ୍ତୁ । "ଏବଂ ପରମେଶ୍ୱର..." ବର୍ତ୍ତମାନ ଏହି ଶାସ୍ତ୍ରାଂଶକୁ ଶୁଣନ୍ତୁ ।

> *...ପରମେଶ୍ୱର ସପ୍ତମ ଦିନରେ ଆପଣାର ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।*

ପରମେଶ୍ୱରଙ୍କର ଏକ ବିଶ୍ରାମବାର ଥିଲା, ଏବଂ ସେହି ସପ୍ତମ ଦିନ ଏକ ହଜାର ବର୍ଷ ଲମ୍ବା ଥିଲା, ସହସ୍ରାବ୍ଦୀର ଏକ ପ୍ରତିରୂପ ଭାବରେ ।

> *କାରଣ ସପ୍ତମ ଦିନ ସମ୍ବନ୍ଧରେ ସେ...ଏହି ପ୍ରକାରେ କହିଅଛନ୍ତି, ପରମେଶ୍ୱର ସପ୍ତମ ଦିନରେ...ଆପଣାର—ଆପଣାର ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।*

ସେହି ବ୍ୟକ୍ତିଗତ ସର୍ବନାମ, "*ଆପଣାର* ସମସ୍ତ କାର୍ଯ୍ୟ ।" ସେ ସପ୍ତମ ଦିନରେ ବିଶ୍ରାମ କଲେ । ତାହା ପରମେଶ୍ୱର ଅଟନ୍ତି ।

> *ଆଉ ଏହି ସ୍ଥାନରେ* (ବ୍ୟବସ୍ଥା ଅନୁଯାୟୀ) *ସେ ପୁନଶ୍ଚ କହିଅଛନ୍ତି, ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ ।*

89 ପରମେଶ୍ୱରନ ଶାରୀରିକ ଭାବରେ, ବିଶ୍ରାମ କଲେ, କାରଣ ସେ ଛଅ ଦିନରେ ଆକାଶ ଓ ପୃଥିବୀ ସୃଷ୍ଟି କରିଥିଲେ, ଏବଂ ସପ୍ତମ ଦିନରେ ସେ ଆପଣାର ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ । ସେ ଏକ ହଜାର ବର୍ଷ ପାଇଁ ବିଶ୍ରାମ କଲେ । ଯେହେତୁ ବାଇବଲ କୁହେ, ଯେ, "ପୃଥିବୀରେ ଗୋଟିଏ ଦିନ ସ୍ୱର୍ଗରେ ଏକ ହଜାର ବର୍ଷ ଅଟେ; ସ୍ୱର୍ଗରେ ଏକ ହଜାର ବର୍ଷ ପୃଥିବୀରେ ଗୋଟିଏ ଦିନ ଅଟେ ।" କେତେଜଣ ଜାଣନ୍ତି ଯେ ଶାସ୍ତ୍ର ଦ୍ୱିତୀୟ ପିତରରେ ତାହା କହିଥାଏ? ଠିକ୍ ଅଛି । "ପରମେଶ୍ୱର ସପ୍ତମ ଦିନରେ ବିଶ୍ରାମ କଲେ । ଏବଂ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଥିଲେ ।"

90 ତେବେ ଧ୍ୟାନ ଦେଇ ଶୁଣନ୍ତୁ ।

> *କାରଣ ସପ୍ତମ ଦିନ ସମ୍ବନ୍ଧରେ ସେ କୌଣସି ସ୍ଥାନରେ ଏହି ପ୍ରକାରେ କହିଅଛନ୍ତି, ପରମେଶ୍ୱର ସପ୍ତମ ଦିନରେ...ଆପଣାର—ଆପଣାର ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।*

> *ଆଉ ଏହି ସ୍ଥାନରେ* (ବ୍ୟବସ୍ଥା ଅନୁଯାୟୀ), *ସେ ପୁନଶ୍ଚ କହିଅଛନ୍ତି, ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ ।*

ସେ ଯିହୁଦୀମାନଙ୍କୁ, ପ୍ରତିଜ୍ଞାତ ଦେଶରୁ ସେମାନଙ୍କ ମାର୍ଗରେ, କିମ୍ବା, ମିସରରୁ ପ୍ରତିଜ୍ଞାତ ଦେଶକୁ ଯିବାର ସେହି ମାର୍ଗରେ, ସେହି ସପ୍ତମ-ଦିନର ବିଶ୍ରାମବାରରେ ଦେଇଥିଲେ ।

91 ତେବେ ଶୁଣନ୍ତୁ ।

> *ଅତଏବ କେତେକଙ୍କର ସେଥିରେ ପ୍ରବେଶ କରିବାର ବାକି ଥିବାରୁ, ପୁଣି ଯେଉଁମାନଙ୍କ ନିକଟରେ ସୁସମାଚାର ପୂର୍ବରେ ପ୍ରଚାରିତ ହୋଇଥିଲା...*

ସେହି ବିଶ୍ରାମ! ପରମେଶ୍ୱର ସେମାନଙ୍କୁ ବ୍ୟବସ୍ଥା ଦେଇଥିଲେ, ଏବଂ ବିଶ୍ରାମବାରଟି ଚତୁର୍ଥ ଆଜ୍ଞା ଥିଲା ।

*...ସେମାନେ ଅବାଧ୍ୟତା ହେତୁ ପ୍ରବେଶ ନ କରିଥିବାରୁ:...*

92 ତେବେ ଦେଖନ୍ତୁ। ସେ ବ୍ୟବସ୍ଥା ବିଷୟରେ କହୁଅଛନ୍ତି, ଯେ ସେମାନେ କିପରି ପ୍ରବେଶ କରିଥିଲେ, ବିଶ୍ୱାସ ସହିତ ମିଶ୍ରିତ ନ ଥିଲା। ସେମାନେ ଏହାକୁ ପାଳନ କଲେ ନାହିଁ। ସେମାନେ ବିଶ୍ରାମବାରକୁ ଏକ ସ୍ମାରକୀୟ ଭାବରେ ପାଳନ କରିଥିଲେ, ଯେ ସେମାନେ ଏକ ସଙ୍କତର ଦେଶକୁ ଯାଉଛନ୍ତି, ଯେପରିକି ସେମାନେ ସେମାନଙ୍କର ସମସ୍ତ ଅସୁବିଧା ଏବଂ ସେମାନଙ୍କର ସମସ୍ତ ଚିନ୍ତାରୁ ଅନନ୍ତ ବିଶ୍ରାମ ପାଆନ୍ତି, ଆଉ ଅଧିକ କୌଣସି କାର୍ଯ୍ୟକାରୀ ମୁନୀବ ରହିବେ ନାହିଁ, ଆଉ ଅଧିକ କୌଣସି ଅଶାନ୍ତ ରାତ୍ରି ରହିବ ନାହିଁ। ସେମାନେ ବିଶ୍ରାମର ପ୍ରତିଜ୍ଞାତ ଦେଶର ସେମାନଙ୍କର ମାର୍ଗରେ ଥିଲେ। ଏହା ଦୁଗ୍ଧ ଏବଂ ମଧୁରେ ପ୍ରବାହିତ ହେଉଥିଲା। ସେହି ଅଙ୍ଗୁର ପେଛାଟି ଏତେ ବଡ ଥିଲା ଯେ ଦୁଇଜଣ ବ୍ୟକ୍ତି ସେହି ଗୋଟିଏ ପେଛାକୁ ସେମାନଙ୍କ କାନ୍ଧରେ ବୋହି ନେଇଥିଲେ। ଓଃ, ଆଶୀଷିତ ବିଶ୍ରାମର କି ଏକ ଦେଶ! ମାତ୍ର ସେମାନଙ୍କର ଅବିଶ୍ୱାସ ହେତୁ, ସେମାନେ ସେଠାରେ ପହଞ୍ଚିବା ପରେ ସୁଦ୍ଧା ତାହା ପାଇବାରେ ବିଫଳ ହୋଇଥିଲେ। ସେମାନେ ପ୍ରତିଜ୍ଞାତ ଦେଶକୁ ଯିବାର ମାର୍ଗରେ, ମିସରରୁ ବାହାରିଥିବା ସ୍ଥାନଠାରୁ ମାତ୍ର ଚାଳିଶ ମାଇଲ ଦୂରରେ ହିଁ, ଅନ୍ୟ ପଟକୁ ବୁଲି ପଡ଼ିଥିଲେ। ଏବଂ ସେମାନଙ୍କର ଅବିଶ୍ୱାସ ହେତୁ, ସେମାନଙ୍କୁ ସେଠାରେ ପହଞ୍ଚିବା ପାଇଁ ଚାଳିଶ ବର୍ଷ ଲାଗିଥିଲା। ପରମେଶ୍ୱର ସେମାନଙ୍କୁ ସେମାନଙ୍କର ଭବିଷ୍ୟଦ୍‌ବକ୍ତା ଦେଇଥିଲେ, ତାଙ୍କୁ ତାହାଙ୍କର ଚିହ୍ନ ଦେଇଥିଲେ, ତାଙ୍କୁ ଅଗ୍ନିସ୍ତମ୍ଭ ଦେଇଥିଲେ, ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଦେଖାଇଥିଲେ, ଏବଂ ସେମାନଙ୍କୁ ସୁସମାଚାର ପ୍ରଚାର କରିଥିଲେ। ଏବଂ ସେମାନେ, ମାଛ ଓ ରୋଟୀ ପଛରେ ବାହାରି ଯାଇ, ପ୍ରାନ୍ତର ମଧ୍ୟରେ ପତିତ ହୋଇ ଯାଇଥିଲେ। "ଏବଂ ସେମାନଙ୍କର ଶବଗୁଡିକ ପ୍ରାନ୍ତର ମଧ୍ୟରେ ବିନଷ୍ଟ ହୋଇଥିଲା।"

93 ଯୀଶୁ, ଜଳସ୍ରୋତ ନିକଟରେ, ସେ କହିଥିଲେ।

କହିଲେ, "ଆମମାନଙ୍କ ପିତୃପୁରୁଷମାନେ ଚାଳିଶ ବର୍ଷ, ପ୍ରାନ୍ତରରେ ମାନ୍ନା ଭୋଜନ କରିଥିଲେ।"

94 ସେ କହିଲେ, "**ମୁଁ** ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ ସେହି ଜୀବନର ରୋଟୀ **ଅଟେ**। **ମୁଁ** ଜୀବନର ରୋଟୀ **ଅଟେ**। ମୋଶା ତୁମକୁ ସେହି ରୋଟୀ ଦେଇ ନ ଥିଲେ। ଆମର ପିତା ସେହି ରୋଟୀ ଦେଇଥିଲେ। ଏବଂ **ମୁଁ** ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ ସେହି ଜୀବନର ରୋଟୀ **ଅଟେ**। ଯଦି ଜଣେ ବ୍ୟକ୍ତି ଏହାକୁ ଭୋଜନ କରେ, ତେବେ କେବେବି ମରିବ ନାହିଁ।" ସେଠାରେ ସେହି ପାର୍ଥକ୍ୟ ଅଛି।

95 ତେବେ ଦେଖନ୍ତୁ। ସେମାନେ କହିଥିଲେ ଯେ ସେ... "ସେମାନେ ପ୍ରାନ୍ତରରେ ଥିବା ସେହି ଶୈଳରୁ, *ଏତେ-ଅମୁକ* ବର୍ଷ ପାଇଁ ପାନ କରିଥିଲେ।"

96 ସେ କହିଲେ, "**ମୁଁ** ସେହି ଶୈଳ **ଅଟେ**।" ତାହାଙ୍କ ପବିତ୍ର ନାମର ଧନ୍ୟ ହେଉ! "**ମୁଁ** ସେହି ଶୈଳ **ଅଟେ**।"

ସେ କିପରି ଭାବରେ ସେହି ଶୈଳ ହୋଇପାରିବେ? ସେହି ଶୈଳ ଏକ ଆତ୍ମିକ ଶୈଳ ଥିଲା । ଏହା ଇସ୍ରାଏଲ ସନ୍ତାନଗଣଙ୍କୁ ଅନୁସରଣ କରିଥିଲା । ଏବଂ ମୋଶାଙ୍କ ହାତରେ ଏକ ଯଷ୍ଟି ଥିଲା, ଯାହାକି ପରମେଶ୍ୱରଙ୍କ ବିଚାରର ଏକ ଯଷ୍ଟି ଥିଲା । ଏବଂ ପରମେଶ୍ୱର ତାଙ୍କୁ ସେହି ଶୈଳକୁ ପ୍ରହାର କରିବାକୁ କହିଥିଲେ, ଏବଂ ସେ ସେହି ଶୈଳକୁ ପ୍ରହାର କରିଥିଲେ । ଏବଂ ଯେତେବେଳେ ସେ ତାହା କଲେ, ସେହି ଶୈଳରୁ ଜଳ ନିର୍ଗତ ହୋଇ ଆସିଥିଲା । ଏବଂ ଖ୍ରୀଷ୍ଟ ସେହି ଶୈଳ ଥିଲେ, ଏବଂ ପାପ ନିମନ୍ତେ ଥିବା ଦଣ୍ଡର ପରମେଶ୍ୱରଙ୍କ ବିଚାରକୁ ତାହାଙ୍କ ଉପରେ ଆଘାତ କରାଗଲା । "ପରମେଶ୍ୱର ଆମ ସମସ୍ତଙ୍କର ଅଧର୍ମକୁ ତାହାଙ୍କ ଉପରେ ଲଦି ଦେଇଥିଲେ," ଏବଂ ସେହି ଅଧର୍ମ ତାହାଙ୍କର ହୃଦୟକୁ ବିଦୀର୍ଣ୍ଣ କରି ଦେଇଥିଲା । ଏବଂ ତାହାଙ୍କ ହୃଦୟରୁ ସେହି ପବିତ୍ରଆତ୍ମା, ଜଳର ନଦୀ ପରି, ଏକ ବିନଷ୍ଟ, ମରିଯାଉଥିବା ଲୋକମାନଙ୍କ ଉପରେ ଢାଳି ଦିଆଗଲା ।

"**ମୁଁ** ପ୍ରାନ୍ତରରେ ଥିବା ସେହି ଶୈଳ **ଅଟେ** ।"

"କାହିଁକି," ସେ କହିଲେ, "ତୁମର କହିବାର ଅଭିପ୍ରାୟ…"

97 ସେ କହିଲେ, "ମୋଶା, ସେହି ଜଣକ ଯିଏକି ତୁମମାନଙ୍କୁ ତାହା କହିଥିଲେ, ସେ ମୋର ଦିନ ଦେଖିବାକୁ ବହୁତ ଇଚ୍ଛା କରିଥିଲେ । ଏବଂ ସେ ଏହାକୁ ଅଂଶରେ ଦେଖିଥିଲେ ।"

98 ସେ କହିଲେ, "ତେବେ, କଅଣ ତୁମର କହିବାର ଅଭିପ୍ରାୟ ଏହା ଯେ ତୁମେ ମୋଶାଙ୍କଠାରୁ ଅଧିକ ମହାନ୍ ଅଟ? ଯେ କଅଣ ତୁମେ ମୋଶାଙ୍କୁ ଦେଖିଛ କି? ଏବଂ ମୋଶା ତ ଆଠ ଶହ ବର୍ଷ ହେଲାଣି ମରିଛନ୍ତି ।" କହିଲେ, "ତେବେ ଆମେମାନେ ଜାଣୁ ଯେ ତୁମ ଉପରେ ଏକ ଶୟତାନ ଅଛି," ଅନ୍ୟ ଅର୍ଥରେ, ପାଗଳ ଅଟ । "ଆମେମାନେ ଜାଣୁ ଯେ ତୁମେ ପାଗଳ ଅଟ ।"

99 ସେ କହିଲେ, "ଏହା ପୂର୍ବେକି ଅବ୍ରହାମ ଥିଲେରୁ, **ମୁଁ ଅଟେ** । ମୁଁ **ସେହି ମହାନ ମୁଁ ଅଟେ** ଥିଲି ଯିଏକି ଜ୍ୱଳନ୍ତ ବୁଦା ଭିତରେ ଥିଲା । ମୁଁ ସେହି ଅଗ୍ନି ଅଟେ ଯାହାକି ଜ୍ୱଳନ୍ତ ବୁଦା ଭିତରେ ଥିଲା । ମୁଁ ସେହି ସ୍ୱର୍ଗଦୂତ ଯିଏକି ସେମାନଙ୍କ ଆଗରେ ଆଗରେ ଯାଇଥିଲା ।" ଏବଂ ସେ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ।" ଏବଂ ସେ ପରମେଶ୍ୱରଙ୍କଠାରୁ ଆସିଥିଲେ, ମାଂସମୟ ଦେହ ହୋଇଥିଲେ ଓ ଆତ୍ମମାନଙ୍କ ମଧ୍ୟରେ ବାସ କରିଥିଲେ; ପୁଣି ଥରେ ସେହି ଅଗ୍ନିସ୍ତମ୍ଭ ନିକଟକୁ ଫେରିଗଲେ ।

ଏବଂ ଏଠାରେ ସେ, ଆଜିରାତି, ଦୁଇ ହଜାର ବର୍ଷ ପରେ, "ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି," ସେହି ସମାନ କାର୍ଯ୍ୟ କରୁଛନ୍ତି, ତାହାଙ୍କର ଆଶୀଷିତ ପିଲାମାନଙ୍କୁ ଆଗେଇ ନେଉଛନ୍ତି ।

100 ଏବଂ ଅନେକ ଆସୁଛନ୍ତି…ଅବିଶ୍ୱାସ ହେତୁ । ତେବେ, ସେ କହିଲେ, "ସେ ଗୋଟିଏ ଦିନ ନିରୂପଣ କଲେ," ଗୋଟିଏ ଦିନ ଯେତେବେଳେ ପରମେଶ୍ୱର ତାହାଙ୍କର କାର୍ଯ୍ୟକୁ ସମାପ୍ତ କରିଥିଲେ । ତାହାପରେ, "ସେ 'ଆଉ ଗୋଟିଏ ଦିନ' ନିରୂପଣ କଲେ, ଏବଂ ଏହି

ପ୍ରକାରେରେ, ଯେ ଯଦି ସେମାନେ ଶୁଣିବେ, ଯଦି ସେମାନେ ଆସିବେ, ଯେଉଁମାନେକି ବିଶ୍ରାମବାର ପାଳନ କରନ୍ତି, ସେହି ନୂତନ ଚନ୍ଦ୍ର ଏବଂ ପ୍ରଭୃତି ସବୁ ଦେଇ ଯାଆନ୍ତି।" ସେଠାରେ ହିଁ ଅଟେ ଯେଉଁଠାରେକି ଆଡଭେଣ୍ଟ ଭାଇମାନେ ଆପଣଙ୍କୁ ଫେରାଇ ନେବାକୁ ଚେଷ୍ଟା କରନ୍ତି।

101 ତେବେ ଆସନ୍ତୁ ଆମେମାନେ ପାଠ କରିବା। ଧ୍ୟାନ ଦିଅନ୍ତୁ।

> *ଅତଏବ କେତେକଙ୍କର...ସେଥିରେ ପ୍ରବେଶ କରିବାର ବାକି ଥିବାରୁ, ପୁଣି ଯେଉଁମାନଙ୍କ ନିକଟରେ ସୁସମାଚାର ପୂର୍ବରେ ପ୍ରଚାରିତ ହୋଇଥିଲା ସେମାନେ ଅବାଧ୍ୟତା ହେତୁ ପ୍ରବେଶ ନ କରିଥିବାରୁ।*

102 ତେବେ, ସେହି ସପ୍ତମ ପଦ। ଓଃ, ମୋର ପ୍ରଭୁ! ମୁଁ କହୁଛି, ସେହି ଶାସ୍ତ୍ରଟି ଗାଣିତିକ ଭାବରେ ଅନୁପ୍ରାଣିତ ଅଟେ। ମୁଁ କହୁଛି, ସେହି ଶାସ୍ତ୍ରଟି ଅଛି, ଏବଂ ପ୍ରତ୍ୟେକ ପ୍ରକାରେରେ, ଅନୁପ୍ରାଣିତ ଅଟେ। ବାଇବଲର ଗଣିତଗୁଡିକ ସିଦ୍ଧ ଅଟେ।

103 କଅଣ ଆପଣ ଲକ୍ଷ୍ୟ କରିଛନ୍ତି ଯେ ଏହି ଯୁକ୍ତରାଷ୍ଟ୍ର ତାର ପ୍ରତ୍ୟେକ କାର୍ଯ୍ୟରେ ତେର ସଂଖ୍ୟା ଅଟେ? କଅଣ ଆପଣ ଜାଣନ୍ତି ଯେ ଏହା ତେର ଉପନିବେଶ ଭାବରେ ସ୍ଥାପିତ ହୋଇଥିଲା? କଅଣ ଆପଣ ଜାଣନ୍ତି ଯେ ଏହାର ପତାକାରେ ପ୍ରଥମେ ତେର ତାରକା ଥିଲା? କଅଣ ଆପଣ ଜାଣିଛନ୍ତି ଯେ ଯାହାସବୁ କିଛି ଯୁକ୍ତରାଷ୍ଟ ଆମେରିକା ଯାହା କରେ ତାହା ଏକ ତେର ସଂଖ୍ୟାରେ ଅଟେ? କଅଣ ଆପଣ ଜାଣିଛନ୍ତି ଯେ ଏହା ବାଇବଲରେ ପ୍ରକାଶିତ ବାକ୍ୟ 13 ରେ ଆବିର୍ଭାବ ହୁଏ? ନିଶ୍ଚିତ ଭାବରେ ହୋଇଥାଏ। ସେହି ଛୋଟ ପଶୁଟି, ସେହି ମେଷଶାବକ ଯାହାକି ଜଳରୁ ବାହାରି ଆସେ, ଲୋକମାନଙ୍କର ଜନ ସମାଗମ ଓ ଭିଡ଼ ନୁହେଁ,...ଜଳ ଭିତରୁ ନୁହେଁ, ମାତ୍ର ଭୂମିରୁ ବାହାରି ଆସେ, ଯେଉଁଠାରେକି ଆଉ କେହି ବି ନାହାଁନ୍ତି। ଏହାର ଦୁଇଟି ଛୋଟ ଛୋଟ ଶିଙ୍ଗ ଥିଲା: ସାମାଜିକ ଏବଂ ମାଣ୍ଡଳିକ ଶକ୍ତି। ଏବଂ ସେ ଏକ ମେଷଶାବକ ଥିଲା: ଧର୍ମର ସ୍ୱାଧୀନତା। ଏବଂ କିଛି ସମୟ ପରେ, ସେମାନେ ଏକତ୍ର ଗଲେ ଏବଂ ସେ ଅଜଗର ପରି କଥା ହେଲା, ଏବଂ ସେହି ସମସ୍ତ ଶକ୍ତି କାର୍ଯ୍ୟକାରୀ କଲା ଯାହାକି ରୋମ ତାଙ୍କ ପୂର୍ବରୁ କରୁଥିଲା। ତାହା ଆମ ଦେଶକୁ ଆସୁଛି। ଆପଣ ଏହାକୁ ଚିହ୍ନିତ କରନ୍ତୁ। ଆପଣ ମଣ୍ଡଳୀ ସଂଘ ଏବଂ କ୍ୟାଥୋଲିକକୁ ଏକତ୍ର ଆସୁଥିବାର ଦେଖନ୍ତୁ, ଏବଂ ଲକ୍ଷ୍ୟ କରନ୍ତୁ ଯେ କଅଣ ଘଟୁଅଛି।

104 ଯେଉଁ ଲୋକମାନେ ଅଗ୍ନିସ୍ତମ୍ଭକୁ ଅନୁସରଣ କରନ୍ତି ନିଶ୍ଚିତରେ ସେମାନଙ୍କର ଏକ କଠିନ ସମୟ ରହିବ, ମାତ୍ର ସେମାନେ ସେହି ସମୟରେ ରୂପାନ୍ତରଣ ପାଇଁ ପ୍ରସ୍ତୁତ ଅଟନ୍ତି, ତାହା ଠିକ୍, ଯିବାକୁ ଠିକ ପ୍ରସ୍ତୁତ ଅଟନ୍ତି। "କାରଣ ମେଷଶାବକ ସେମାନଙ୍କୁ ଜୟ ହେଲେ," ବାଇବଲ କୁହେ, "ଏବଂ ସେମାନେ ଯେଉଁମାନେକି ତାହାଙ୍କୁ ଅନୁସରଣ କରୁଥିଲେ, କାରଣ ସେମାନେ ସେହି ମନୋନୀତ ଏବଂ ବିଶ୍ୱସ୍ତ, ପରମେଶ୍ୱରଙ୍କ ମନୋନୀତ ବୋଲି କୁହା ଯାଇଥିଲେ।" ତେବେ ସେହି ଭବିଷ୍ୟତ୍‌ବାଣୀକୁ ଯିବାଠାରୁ ଦୂରେଇ ରୁହେ, ଯେଣୁ ଆମେ ଏହାକୁ ଆଗକୁ

ଯାଇପାରୁ ।

105 ଧ୍ୟାନ ଦେଇ ଶୁଣନ୍ତୁ, ସେହି 7ମ ପର୍ବ, ସେହି...ମୋର ଅଭିପ୍ରାୟ ସେହି 4ର୍ଥ ପର୍ବ, 7ମ ପଦ ଅଟେ । ସାତ ହେଉଛି ସମାପ୍ତିର ସଂଖ୍ୟା । ତିନି ହେଉଛି ଜୀବନର ସଂଖ୍ୟା । ସାତ ହେଉଛି ସମାପ୍ତିର ସଂଖ୍ୟା, ଏବଂ ଏହା ସମ୍ପୂର୍ଣ୍ଣ ବିଶ୍ରାମବାରକୁ ଦେଇଥାଏ ।

"ଏବଂ ପୁଣିଥରେ," ମନେ ରଖନ୍ତୁ, ସେ ଏହି ପ୍ରକାରେ "ପରମେଶ୍ୱର," ବୋଲି କହିଥିଲେ । ତାହାପରେ ସେ ଏହି ପ୍ରକାରେ "ବ୍ୟବସ୍ଥା," ବିଷୟରେ କହିଥିଲେ । ଏବଂ ତାହାପରେ, ପୁଣିଥରେ, "ସେ ଗୋଟିଏ ଦିନ ନିରୂପଣ କଲେ," ତୃତୀୟ ଦିନ, ତୃତୀୟ ଥର ।

> *ସେ ପୁନର୍ବାର, ଆଉ ଗୋଟିଏ ଦିନ, ଅର୍ଥାତ୍ ଆଜି ଦିନ, ନିରୂପଣ କରି ଏତେ କାଳ ପରେ ଦାଉଦଙ୍କରେ ଗ୍ରନ୍ଥରେ କହନ୍ତି, ଯେପରି, ପୂର୍ବରେ କୁହାଯାଇଅଛି;... ଯେପରି, ପୂର୍ବରେ କୁହାଯାଇଅଛି; ଯେପରି କୁହାଯାଇଅଛି, ଆଜି ଯଦି* ତୁମ୍ଭେମାନେ *ତାହାଙ୍କ ବାଣୀ ଶୁଣ, ଆପଣା ଆପଣା ହୃଦୟ କଠିନ ନ କର ।* (ଦେଖନ୍ତୁ ।)

> *...ଯଦି ଯୀଶୁ ସେମାନଙ୍କୁ ବିଶ୍ରାମ ଦେଇଥାଆନ୍ତେ* (ଏକ ସଙ୍କେତ),...*ସେ ପରେ ଅନ୍ୟ ଦିନର କଥା କହି ନ ଥାଆନ୍ତେ ।*

ସେହି ସମୟକାଳ ଯୀଶୁ ଖ୍ରୀଷ୍ଟଙ୍କ ସହିତ ପରିବର୍ତ୍ତନ ହେଲା: ବ୍ୟବସ୍ଥାରୁ ନେଇ ଅନୁଗ୍ରହକୁ, କାର୍ଯ୍ୟରୁ ନେଇ ଅନୁଗ୍ରହକୁ, ଏପରି କିଛି ଯାହା ଆପଣ କରନ୍ତି ତାହାଠୁ ନେଇ ଏପରି କିଛିକୁ ଯାହା ପରମେଶ୍ୱର କରନ୍ତି, ଆପଣଙ୍କର ଯୋଗ୍ୟତା ଉପରେ କିଅବା ତାହାଙ୍କ ଗୁଣସକଳ ଉପରେ । ଏହା ବଦଳି ଗଲା ।

106 ମୋଶା ଯେତେବେଳେ ପ୍ରାନ୍ତରରୁ, ସେହି ବ୍ୟବସ୍ଥା ସହିତ ବାହାରି ଆସିଲେ, ସେ କହିଥିଲେ, "ତୁମ୍ଭେ ବ୍ୟଭିଚାର କରିବ ନାହିଁ । ତୁମ୍ଭେ ଚୋରି କରିବ ନାହିଁ । ତୁମ୍ଭେ ହତ୍ୟା କରିବ ନାହିଁ । ବିଶ୍ରାମବାରକୁ ପବିତ୍ର ବୋଲି ମାନ୍ୟ କରିବ ।" ଯେତେବେଳେ ଯୀଶୁ ପ୍ରାନ୍ତରରୁ ବାହାରି ଆସିଲେ...ଯେତେବେଳେ ମୋଶା ଆସିଲେ, ସେତେବେଳେ ଶୟତାନ ତାଙ୍କୁ ପରୀକ୍ଷା କରିଥିଲା । ଏବଂ ଯେତେବେଳେ ଶୟତାନ ତାଙ୍କୁ ପରୀକ୍ଷା କଲା, ମୋଶା ଏଥିପ୍ରତି ଧ୍ୟାନ ଦେଲେ । ମୋଶାଙ୍କର ଏକ ଦୁର୍ବଳ ସ୍ଥାନ ରହିଥିଲା । କେତେ ଜଣ ଜାଣନ୍ତି ଯେ ଏହା କଅଣ ଥିଲା? କ୍ରୋଧ । ଯେତେବେଳେ ସେ ସେମାନଙ୍କୁ ସୁବର୍ଣ୍ଣ ବାଛୁରୀକୁ ପୂଜା କରୁଥିବା ଦେଖିଲେ, ସେ ସେହି ଆଜ୍ଞାଗୁଡିକୁ ଫିଙ୍ଗି ଭାଙ୍ଗିଦେଲେ, ତାହା ଏହା ଦେଖାଉଥିଲା ଯେ ଯାଜକତ୍ୱ ଭଙ୍ଗା ଯିବ । ଏବଂ ପରମେଶ୍ୱର ପୁନର୍ବାର ତାଙ୍କୁ ସେଗୁଡିକୁ ଦେଲେ ।

107 ମାତ୍ର ଯେତେବେଳେ ଯୀଶୁ ଚାଳିଶ ଦିନ ଉପବାସ କରି, ପ୍ରାନ୍ତରରୁ ବାହାରି ଆସିଲେ, ସେତେବେଳେ ସେ କ୍ଷୁଧିତ ଥିଲେ, ଏକମାତ୍ର ଦୁର୍ବଳ ସ୍ଥାନ ଯାହାକି ତାହାଙ୍କର ରହିଥିଲା । ଏବଂ ଶୟତାନ ତାହାଙ୍କ ନିକଟକୁ ଆସି କହିଲା, "ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ଅଟ, ତାହହେଲେ

ଏହି ପଥରଗୁଡ଼ିକୁ ରୋଟୀରେ ପରିଣତ କରି ଦିଅ । ଏଠାରେ ଏକ ଚମତ୍କାର କର । ମୋତେ ତୁମକୁ ତାହା କରୁଥିବାର ଦେଖିବାକୁ ଦିଅ, ଏବଂ ମୁଁ ତୁମ ଉପରେ ବିଶ୍ୱାସ କରିବି ।"

108 ଯୀଶୁ କହିଲେ, "ଏହା ଲେଖା ହୋଇଛି, 'ମନୁଷ୍ୟ କେବଳ ରୋଟୀ ଦ୍ୱାରା ବଞ୍ଚିବ ନାହିଁ, ମାତ୍ର ପରମେଶ୍ୱରଙ୍କ ମୁଖ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।'" ସେ ଜାଣି ପାଇଲା ଯେ ସେ ସେଠାରେ ମୋଶାଙ୍କୁ ଭେଟୁ ନ ଥିଲା, କାରଣ ସେ ବାକ୍ୟ ନିକଟକୁ ଯାଇଥିଲା ।

109 ତାହାଙ୍କୁ ମନ୍ଦିର ଉପରକୁ, ଶିଖରକୁ ନେଇଗଲା, କହିଲା, "ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ଅଟ, ତେବେ ନିଜକୁ ତଳେ ପକାଇ ଦିଅ ।" ଏବଂ *ଆବୃତ* କଲା, ଉଦ୍ଧୃତ ନୁହେଁ, ବରଂ ଶାସ୍ତ୍ରକୁ ଆବୃତ କଲା । କହିଲା, "ଏହା ଲେଖା ଅଛି, 'ସେ ସ୍ୱର୍ଗଦୂତମାନଙ୍କୁ ତାହା ସମ୍ବନ୍ଧରେ, ଆଜ୍ଞା ଦେବେ, କାଳେ କୌଣସି ସମୟରେ ତୁମର ପାଦ ଯେପରି ପଥର ଉପରେ ଆଘାତ ନ ହୁଏ । ସେ ତୁମକୁ ବହନ କରିନେବେ ।'"

110 ଏବଂ ଯୀଶୁ ସିଧାସଳଖ ବାକ୍ୟ ନିକଟକୁ ଗଲେ, ଓ ତାକୁ ଭର୍ତ୍ସନା କଲେ ।

111 ତାହାଙ୍କୁ ପର୍ବତ ଉପରକୁ ନେଇଗଲା ଓ ତାହାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଜର୍ମାନୀ ଓ ସ୍ୱିଜରଲ୍ୟାଣ୍ଡକୁ, ଏବଂ ଜଗତର ସମସ୍ତ ରାଷ୍ଟ୍ରଗୁଡିକୁ ଦେଖାଇଲା, ଯାହାକି କେବେ ରହିଥାନ୍ତା, କହିଲା, "ସେସବୁ ମୋର ଅଟେ । ମୁଁ ସେମାନଙ୍କ ସହିତ ଯାହା ଇଚ୍ଛା ତାହା କରେ ।" ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମର ଯୁଦ୍ଧ ଏବଂ ସଙ୍କଟମାନ ରହିଛି । କହିଲା, "ମୁଁ ସେମାନଙ୍କ ସହିତ କରେ…" ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସ୍ତ୍ରୀଲୋକମାନେ ସେହିପରି ପୋଷାକ ପିନ୍ଧନ୍ତି… ଏବଂ ଆଇନ ବଳରେ, ତାହା ସହିତ ରକ୍ଷା ପାଇଯାଆନ୍ତି । ସେମାନେ ସବୁ ଶୟତାନ ଦ୍ୱାରା ପରିଚାଳିତ ଅଟନ୍ତି । ତାହାହିଁ ଅଟେ ଯାହାକି ବାଇବଲ କୁହେ । ଶୟତାନ କହିଲା, "ସେମାନେ ମୋର ଅଟନ୍ତି । ମୁଁ ସେମାନଙ୍କ ସହିତ ଯାହା ଚାହେଁ ତାହା କରେ ।" କହିଲା, "ଯଦି ତୁମେ ମୋତେ ଉପାସନା କରିବ, ମୁଁ ତୁମକୁ ମୋ ସଦୃଶ ରାଜା କରି ଦେବି ।"

112 ଯୀଶୁ କହିଲେ, "ଏହା ଲେଖା ହୋଇଛି, 'ତୁମ୍ଭେ କେବଳ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ ଉପାସନା କରିବ, ତାହାଙ୍କୁ ସେବା କରିବ । ଶୟତାନ, ଦୂର ହୁଅ ।"

କାହିଁକି? ଯୀଶୁ ଜାଣିଥିଲେ ଯେ ଏହି ମହାନ ସହସ୍ରାବ୍ଦୀରେ ସେ ସେଗୁଡିକ ଉପରେ ଉତ୍ତରାଧିକାରୀ ହେବେ, ଯେତେବେଳେ ତାହାଙ୍କ ରାଜ୍ୟ ଆସିବ । "ସ୍ୱର୍ଗରେ ଯେପରି ତୁମର ଇଚ୍ଛା ସଫଳ ହୁଏ ସେହିପରି ପୃଥିବୀରେ ତାହା ହେଉ ।" ସେଠାରେ ଆଉ କୌଣସି ସାନ ଜାମା ସର୍ଟ ପିନ୍ଧା ହେବା ବିଷୟ ରହିବ ନାହିଁ । ସେଠାରେ ଆଉ ଅଧିକ କୌଣସି ମଦ୍ୟପାନ ହେବା ବିଷୟ ରହିବ ନାହିଁ । ସେଠାରେ ଆଉ ଅଧିକ କୌଣସି କାମାସକ୍ତ ଭାବନା ରହିବ ନାହିଁ । ସେଠାରେ ଆଉ ଅଧିକ କୌଣସି ବ୍ୟଭିଚାର ବିଷୟ ରହିବ ନାହିଁ । ସେଠାରେ ଆଉ ଅଧିକ କୌଣସି ମୃତ୍ୟୁ ବିଷୟ ରହିବ ନାହିଁ । ସେଠାରେ ଆଉ ଅଧିକ କୌଣସି ଦୁଃଖ ବିଷୟ ରହିବ ନାହିଁ । ସେ ପ୍ରତ୍ୟେକ ଜାତି ଉପରେ ଉତ୍ତରାଧିକାରୀ ହେବେ । ସେଗୁଡିକ ତାହାଙ୍କର ଅଟେ । ତାହା ଠିକ୍ । ସେଗୁଡିକ ତାହାଙ୍କର, ଏବଂ ସେ ଉତ୍ତରାଧିକାରୀ ହେବେ । ମାତ୍ର ଶୟତାନ

ସେଗୁଡିକୁ କିଛି ସମୟ ପାଇଁ ନିଜ ପାଖରେ ରଖିଛି, ଅର୍ଥାତ୍ ଆଜି, ଯେଉଁଥିରେ ଆମେମାନେ ବସବାସ କରୁଅଛୁ ।

113 "କିନ୍ତୁ ସେ ଗୋଟିଏ ଦିନକୁ ନିରୂପଣ କରି, କହିଲେ, 'ଆଜି, ଏତେ ଦିନ ପରେ ।' ଏବଂ କହିଲେ, 'ଆପଣାର ହୃଦୟ କଠିନ କର ନାହିଁ ।'"

> *କାରଣ ଯଦି ଯୀଶୁ* ସେମାନଙ୍କୁ ବିଶ୍ରାମ *ଦେଇଥାଆନ୍ତେ,...ସେ* ପରେ *ଅନ୍ୟ ଦିନର କଥା କହି ନ ଥାଆନ୍ତେ ।*

114 ମୋର ଆଡଭେଣ୍ଟିଷ୍ଟ ଭାଇ, ତାହା ଦେଖନ୍ତୁ । ପାଉଲ ଏଠାରେ, କୁହନ୍ତି । ଏବଂ ପାଉଲ, ଗାଲାତୀୟ 1:8 ରେ କହିଲେ, ଯଦି ଆପଣ ଶାସ୍ତ୍ରଗୁଡ଼ିକୁ ଲେଖୁଛନ୍ତି, ଗାଲାତୀୟ 1:8, "ଯଦି ସ୍ୱର୍ଗରୁ ସୁଦ୍ଧା ଜଣେ ଦୂତ ଆସି ଏହା ବ୍ୟତୀତ ଅନ୍ୟ କୌଣସି ସୁସମାଚାର ପ୍ରଚାର କରେ ଯାହା ମୁଁ ପ୍ରଚାର କରିଅଛି, ତାହାହେଲେ ସେ ଅଭିଶପ୍ତ ହେଉନ୍ତୁ ।" ପାଉଲ କହିଲେ, "ଯଦି ଯୀଶୁ ସେମାନଙ୍କୁ ଏକ ବିଶ୍ରାମ ଦିନ ଦେଇଥାଆନ୍ତେ..."

115 ଦେଖନ୍ତୁ, ଯେତେବେଳେ ସେ ପର୍ବତରୁ ଓହ୍ଲାଇ ଆସିଲେ । ସେ ସେତେବେଳେ ତଳକୁ ଆସିଲେ । ସେ ଶୟତାନକୁ ପରାସ୍ତ କରି ସାରିଥିଲେ । ସେ ଅଭିଷିକ୍ତ ହୋଇ, ଆପଣା ସେବା ପାଇଁ ପ୍ରସ୍ତୁତ ଥିଲେ । ସେ କହିଲେ, "ତୁମେମାନେ ସେମାନଙ୍କୁ ପୁରାତନ ସମୟରେ, ସେମାନଙ୍କୁ କହୁଥିବାର ଶୁଣିଅଛ, 'ତୁମ୍ଭେ ହତ୍ୟା କରିବ ନାହିଁ,' ମାତ୍ର ମୁଁ ତୁମ୍ଭମାନଙ୍କୁ କହୁଅଛି ଯେ ଯେକେହି ଆପଣା ଭାଇ ଉପରେ, କୌଣସି କାରଣ ବିନା କ୍ରୋଧ କରେ, ସେ ହତ୍ୟା କରି ସାରିଲାଣି । ତୁମେମାନେ ସେମାନଙ୍କୁ ସେହି ପୁରାତନ ସମୟରେ, କହୁଥିବାର ଶୁଣିଅଛ," ଏହି ଦିନ, ସେହି ବିଶ୍ରାମବାର-ପାଳନକାରୀମାନଙ୍କୁ । "ତୁମେମାନେ ସେମାନଙ୍କୁ ସେହି ବିଗତ ସମୟରେ, ବ୍ୟବସ୍ଥା ଅଧୀନରେ, ପୁରାତନ ସମୟ ବିଷୟରେ କହୁଥିବାର ଶୁଣିଅଛ, 'ତୁମ୍ଭେ ବ୍ୟଭିଚାର କରିବ ନାହିଁ ।'" ଦୋଷୀ ସାବ୍ୟସ୍ତ ହେବା ନିମନ୍ତେ, ସେହି କ୍ରିୟାରେ ରହିବାକୁ ଥିଲା । "ମାତ୍ର ମୁଁ ତୁମ୍ଭକୁ କହୁଅଛି ଯେ, ଯେକେହି ଜଣେ ସ୍ତ୍ରୀଲୋକକୁ କାମ ବାସନାର ଲୋଭରେ ଦେଖେ ସେ ତାହା ସହିତ ନିଜ ହୃଦୟରେ ବ୍ୟଭିଚାର କରି ସାରିଲେଣି । ଭିନ୍ନ! ଠିକ ସେହି ଚତୁର୍ଥ ଆଜ୍ଞା ଦେଇ ଅତିକ୍ରମ କରି ଗଲେ । ମାତ୍ର କଅଣ ସେ ସେମାନଙ୍କୁ ବିଶ୍ରାମ ଦେଲେ କି?

116 ଆସନ୍ତୁ ଆମେମାନେ ଦେଖିବା ଯେ ସେ କଅଣ କହିଲେ । "ଦାଉଦ କହିଲେ, 'ଏତେ ଦିନ ପରେ, ଏକ ସିଦ୍ଧ ବିଶ୍ରାମ ଆସିବ ।'" ପରମେଶ୍ୱର ସପ୍ତମ ଦିନରେ, ଆପଣା କାର୍ଯ୍ୟରୁ ବିଶ୍ରାମ କଲେ । ପରମେଶ୍ୱର ବିଶ୍ରାମବାର ଦିନକୁ ଆଶୀର୍ବାଦ କଲେ, ଏବଂ ଏହାକୁ ପ୍ରାନ୍ତରରେ ଥିବା ଯିହୂଦୀମାନଙ୍କୁ, ଏହି ପ୍ରକାରେ ଦେଇଥିଲେ । ସେମାନେ ଅବିଶ୍ୱାସ ହେତୁ...ପ୍ରବେଶ କଲେ, 'କାରଣ ସେହି ବାକ୍ୟ ବିଶ୍ୱାସ ସହିତ ମିଶ୍ରିତ ନ ଥିଲା । "ଏବଂ ପୁନର୍ବାର, ସେ ଗୋଟିଏ ଦିନକୁ ନିରୂପଣ କରି, ଦାଉଦଙ୍କଠାରେ କହିଲେ, 'ଏତେ ଦିନ ପରେ ।'"

ଦାଉଦ ମରିବାର ଶହ ଶହ ବର୍ଷ ପରେ, ଦାଉଦଙ୍କ ପୁତ୍ର ଉଠିବେ, ଯିଏକି ଯୀଶୁ ଅଟନ୍ତି,

"ଏବଂ ଯଦି ସେମାନେ ମୋର ରବ ଶୁଣିବେ, ତେବେ ଆପଣା ଆପଣା ହୃଦୟକୁ କଠିନ ନ କର।" ପରମେଶ୍ୱର ହୃଦୟ ସହିତ କଥା କହିବାକୁ ଯାଉଛନ୍ତି।

117 ତେବେ ବର୍ତ୍ତମାନ, ସେହି ୭ମ ପଦକୁ ଦେଖନ୍ତୁ, ସେମାନଙ୍କ ପାଇଁ ଯେଉଁମାନେକି ପାଠ କରୁଛନ୍ତି। "ଯୀଶୁ ସେମାନଙ୍କୁ ବିଶ୍ରାମ ଦେଇଥାଆନ୍ତେ," ସେହି ୫ମ ପଦ, "ସେ ଅନ୍ୟ ଦିନ... ବିଷୟରେ କହିଥାଆନ୍ତେ।"

118 ଯଦି ସେଠାରେ ଏକ ବିଶ୍ରାମବାର ଥାଆନ୍ତା, ଯଦି ସେଠାରେ ଏକ ରବିବାର-ପାଳନ କରାଯିବାର ଥାଆନ୍ତା, ତାହାହେଲେ ସେ ଏହା ବିଷୟରେ କହିଥାଆନ୍ତେ। ଯଦି ସେ କହିଥିଲେ, "ବର୍ତ୍ତମାନ ଆଉ କୌଣସି ବିଶ୍ରାମବାର ନାହିଁ, ଆଉ କୌଣସି ସପ୍ତମ ଦିନ ପାଳନ କରିବାର ନାହିଁ, ମୁଁ ଯାହା ଚାହେଁ ତାହା ହେଉଛି ତୁମେମାନେ ରବିବାର ପାଳନ କର," ତାହାହେଲେ ସେ ଏହାକୁ କହିଥାଆନ୍ତେ। ପାଉଲ କହିଲେ ଯେ ସେ ତାହା କରିଛନ୍ତି। ସେ କହିଥାଆନ୍ତେ, "ତୁମେମାନେ ସମସ୍ତେ ରବିବାର ଦିନ ଉପାସନା କର। ତାହାହିଁ ବିଶ୍ରାମ ଅଟେ।" ତେବେ, ଯଦି ସେ ଚାହାଁନ୍ତେ ଯେ ସେମାନେ ବିଶ୍ରାମବାର ପାଳନ କରନ୍ତୁ, ତାହାହେଲେ ସେ କହିଥାଆନ୍ତେ, "କେବଳ ସପ୍ତମ ଦିନ ପାଳନ କରି ଚାଲିଥାଅ। ମାତ୍ର ବର୍ତ୍ତମାନ ମୁଁ ଚାହୁଁଛି ଯେ ତୁମେମାନେ ରବିବାର, ସେହି ଅଷ୍ଟମ ଦିନକୁ ପାଳନ କର।" ନା। ସେ ଏହା କଦାପି କହିଲେ ନାହିଁ।

119 ସେ କହିଲେ, "ଯଦି ଯୀଶୁ ସେମାନଙ୍କୁ ଗୋଟିଏ ଦିନ ଦେଇଥାଆନ୍ତେ, ତେବେ କଅଣ ସେ ଏହା ବିଷୟରେ କହି ନ ଥାଆନ୍ତେ କି?"

120 ତେବେ ସେହି ୭ମ ପଦ। ପ୍ରସ୍ତୁତ ହୁଅନ୍ତୁ।

> *ଅତଏବ ପରମେଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ବିଶ୍ରାମବାର ଭୋଗ କରିବାର ବାକି ଅଛି, ପରମେଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଏକ ସବ୍ବତ-ପାଳନ କରିବାର ବାକି ଅଛି।*
>
> *ଯେଣୁ ଯେ ତାହାଙ୍କ* (ଖ୍ରୀଷ୍ଟଙ୍କ) *ବିଶ୍ରାମରେ ପ୍ରବେଶ କରିଅଛି, ପରମେଶ୍ୱର ଆପଣା କାର୍ଯ୍ୟରୁ ଯେପରି ବିଶ୍ରାମ କଲେ, ସେପରି ସେ ମଧ୍ୟ ଆପଣା କାର୍ଯ୍ୟରୁ,* ବିଶ୍ରାମ ପ୍ରାପ୍ତ ହୋଇଅଛି।

121 କଅଣ ଏହାକୁ ଦେଖୁଛନ୍ତି କି? ତେବେ ଆସନ୍ତୁ ଆମେମାନେ କିଛି ଶାସ୍ତ୍ରାଂଶକୁ ନେବା ଏବଂ ଏହାକୁ ସମର୍ଥନ କରିବା। ଠିକ୍ ଅଛି। ଯେତେବେଳେ ପରମେଶ୍ୱର ଛଅ ଦିନରେ ଜଗତକୁ ସୃଷ୍ଟି କଲେ, ସେ ସପ୍ତମ ଦିନରେ ବିଶ୍ରାମ କଲେ, ଏବଂ କେବେବି ଆଉ ଅଧିକ କାମ କଲେ ନାହିଁ। ପ୍ରଭୁଙ୍କ ନାମର ଧନ୍ୟ ହେଉ। ସେ ଜଗତ ନିର୍ମାଣ କଲେ, ଏହା ଉପରେ ସୃଷ୍ଟିକୁ ରଖିଲେ, ଏବଂ ବିଶ୍ରାମ କରିବା ପାଇଁ ଚାଲିଗଲେ; ଏବଂ ଆଉ ଅନ୍ୟ କୌଣସି ଜଗତକୁ ନିର୍ମାଣ କରିବା ନିମନ୍ତେ, କଦାପି ଫେରି ଆସିଲେ ନାହିଁ। ସେ କାମ ସମାପ୍ତ କଲେ, ଓ ବିଶ୍ରାମ ନେବାକୁ ଚାଲିଗଲେ। ତେବେ, ଆଗକୁ...ତାହାପରେ, ସେହି ହଜାରେ ବର୍ଷ ପରେ, ତେବେ

ପାପ ଭିତରକୁ ପ୍ରବେଶ କଲା; ତାହାପରେ ଖ୍ରୀଷ୍ଟ ପ୍ରତିନିଧିତ୍ୱ କରା ଗଲେ, ସେହି ମେଷଶାବକ ପ୍ରତିନିଧିତ୍ୱ କରା ଗଲେ। ତେବେ ଯିହୁଦୀମାନଙ୍କୁ ଏହା ସେହି ସପ୍ତମ-ଦିନର ବିଶ୍ରାମର ଏକ ନିଦର୍ଶନ ରୂପେ ଦିଆ ଯାଇଥିଲା।

> *ସେ ପୁନର୍ବାର, ଆଉ ଗୋଟିଏ ଦିନ, ଅର୍ଥାତ୍ ଆଜି ଦିନ,* ନିରୂପଣ *କରି ଏତେ କାଳ ପରେ ଦାଉଦଙ୍କରେ ଗ୍ରନ୍ଥରେ କହନ୍ତି,...ସେଠାରେ* ଆଉ ଏକ ବିଶ୍ରାମ ଆସୁଛି।

122 ତେବେ ସେହି ବିଶ୍ରାମ କଅଣ ଅଟେ? ମୋ ସହିତ ମାଥିଉ, ତାର 11ଶ ପର୍ବକୁ ଆସନ୍ତୁ, ଏବଂ ସାଧୁ ମାଥିଉଙ୍କ 11ଶ ପର୍ବର ଶେଷ ଭାଗ। ତାହା ସେହି ସମୟ ଅଟେ ଯେତେବେଳେକି ଯୀଶୁ ପର୍ବତରେ ତାହାଙ୍କର ଉପଦେଶ ସମାପ୍ତ କରିଥିଲେ, ଏବଂ ଆପଣ ଦେଖିବେ ଯେ ସେ କଅଣ କହିଥିଲେ।

123 ସେ କହିଥିଲେ, "ଯେକେହି ଜଣେ ସ୍ତ୍ରୀକୁ ଦେଖେ, ତାକୁ କାମ ବାସନାରେ ଲୋଭ କରେ, ସେ ନିଜ ହୃଦୟରେ ତାହା ସହିତ ବ୍ୟଭିଚାର କରିସାରିଲାଣି। ଯେକେହି ବିନା କାରଣରେ ନିଜ ଭାଇ ଉପରେ, କ୍ରୋଧ କରେ, ସେ ସେହି ଭାଇକୁ ହତ୍ୟା କରିସାରିଲାଣି।" ଏହି ସମସ୍ତ ବିଷୟଗୁଡିକ, ଏବଂ ସେ ସେହି ଚତୁର୍ଥ ଆଦେଶକୁ, ସେହି ବିଶ୍ରାମବାରକୁ କେବେବି ସ୍ପର୍ଶ କଲେ ନାହିଁ।

124 ବର୍ତ୍ତମାନ ସେ ଶେଷ କରୁଛନ୍ତି। ଏବଂ ସେହି ବିଶ୍ରାମବାର ପରମେଶ୍ୱରଙ୍କ ସେହି ମହାନ ପ୍ରତିଜ୍ଞା ଅଟେ। ଏହା ଏକ ବିଶ୍ରାମ ଅଟେ। ବର୍ତ୍ତମାନ, ତେବେ ଏଠାରେ ଦେଖନ୍ତୁ, ଯେତେବେଳେ ସେ ପାର୍ବତୀୟ ଉପଦେଶଗୁଡିକୁ ସମାପ୍ତ କରି ସାରିଲେ। ଏଠାରେ ସେ କୁହନ୍ତି, ସାଧୁ ମାଥିଉଙ୍କ 11ଶ ପର୍ବର 27ତମ ପଦ। ଯେଉଁଠାରେକି, ସେ 5ମ ପର୍ବରେ ପାର୍ବତୀୟ ଉପଦେଶଗୁଡିକୁ ଶିକ୍ଷା ଦେଉଥିଲେ।

> *ମୋହର ପିତାଙ୍କ କର୍ତ୍ତୃକ ସମସ୍ତ ବିଷୟ,* ମୋ ଠାରେ *ସମର୍ପିତ ହୋଇଅଛି: ଆଉ ପୁତ୍ରଙ୍କୁ କେହି ଜାଣେ ନାହିଁ, କେବଳ ପିତା ଜାଣନ୍ତି;...*

ଦେଖନ୍ତୁ, ଆପଣ ଜଣେ କୁ ନ ଜାଣି ଅନ୍ୟ ଜଣକାକୁ ଜାଣିପାରନ୍ତି ନାହିଁ, କାରଣ ସେ ଶରୀରରେ ପ୍ରକଟିତ ହୋଇଥିବାର ପିତା ଥିଲେ।

> *...ପୁଣି ପିତାଙ୍କୁ କେହି ଜାଣେ ନାହିଁ, କେବଳ ପୁତ୍ର ଜାଣନ୍ତି,...*

125 ଏପରି ଲାଗୁଛି ଯେ ଲୋକମାନେ ତାହା ଦେଖି ଯୁକ୍ତି କରିପାରନ୍ତି ନାହିଁ। ନିଶ୍ଚିତରେ। ପରମେଶ୍ୱର ତିନୋଟି ବ୍ୟକ୍ତି ନୁହଁନ୍ତି। ଯଦି ସେ ତିନୋଟି ପରମେଶ୍ୱର ଅଟନ୍ତି, ତାହାହେଲେ ଆମେମାନେ ପ୍ରତିମାପୂଜକ ଅଟୁ। କେଉଁ ଗୋଟିକ ପରମେଶ୍ୱର ଅଟନ୍ତି? ସେମାନେ, ସମସ୍ତେ ତିନୋଟି ଯାକ, ଗୋଟିଏ ପରମେଶ୍ୱର, ସେହି ସମାନ ପରମେଶ୍ୱରଙ୍କ ତିନୋଟି କାର୍ଯ୍ୟସ୍ଥିତି ଅଟନ୍ତି। ସେ ପ୍ରାନ୍ତରରେ ସେହି ଅଗ୍ନିସ୍ତମ୍ଭରେ, ପବିତ୍ରଆତ୍ମାଙ୍କ ରୂପରେ, ପିତା ଥିଲେ। ସେ ପୁତ୍ର ଥିଲେ, ଯେତେବେଳେ ସେ ପୁତ୍ରତ୍ୱର କାର୍ଯ୍ୟସ୍ଥିତିକୁ ବ୍ୟବହାର କରିଥିଲେ। "ଅଳ୍ପ ସମୟ

ଜଗତ ମୋତେ ଆଉ ଅଧିକ ଦେଖିବ ନାହିଁ; ମୁଁ ଚାଲିଯିବି । ମୁଁ ପୁନର୍ବାର ଆସିବି ଏବଂ ତୁମ ସହିତରେ ରହିବି, ଏପରିକି ଯୁଗାନ୍ତ ପର୍ଯ୍ୟନ୍ତ, ତୁମ ଅନ୍ତରରେ ରହିବି ।" ବୁଝିଲେ? ସେ ସେହି ପିତୃତ୍ୱ, ସେହି ପୁତ୍ରତ୍ୱ, ଏବଂ ପବିତ୍ରଆତ୍ମା, ମଧ୍ୟ ଅଟନ୍ତି । ଏହାସବୁ ଠିକ ସେହି ସମାନ ପରମେଶ୍ୱର ତିନୋଟି ଭିନ୍ନ କାର୍ଯ୍ୟସ୍ଥିତିରେ କାର୍ଯ୍ୟ କରୁଅଛନ୍ତି: ପିତୃତ୍ୱ, ପୁତ୍ରତ୍ୱ, ପବିତ୍ରଆତ୍ମା । କଦାପି ନୁହେଁ...

ପ୍ରଥମ ଯୋହନ 5:7 କୁହେ, "ସ୍ୱର୍ଗରେ ତିନି ଜଣ ସାକ୍ଷ୍ୟ ଦିଅନ୍ତି: ପିତା, ପୁତ୍ର, ପବିତ୍ରଆତ୍ମା । ଏହି ତିନି ଜଣଯାକ ଏକ ଅଟନ୍ତି ।"

126 ଥୋମା ତାହାଙ୍କୁ କହିଲେ, "ପ୍ରଭୁ, ଆମକୁ ପିତାଙ୍କୁ ଦର୍ଶନ କରାନ୍ତୁ ।" ଏହା ତାଙ୍କୁ ସନ୍ତୁଷ୍ଟ କରି ଦେବ ।

127 ସେ କହିଲେ, "ମୁଁ ତୁମ ସହିତରେ ଏତେ ଦିନରୁ ଅଛି, ଏବଂ ତୁମେ ମୋତେ ଜାଣିଲ ନାହଁ?" କହିଲେ, "ଯେତେବେଳେ ତୁମେ ମୋତେ ଦେଖିଥାଅ, ତୁମେ ପିତାଙ୍କୁ ଦେଖିଥାଅ । ଏବଂ କାହିଁକି କହୁଅଛ, 'ଆମକୁ ପିତାଙ୍କୁ ଦର୍ଶନ କରାନ୍ତୁ'?"

128 ତେବେ, ଏକତ୍ୱବାଦୀ ଏହାକୁ ନେଲା, ଲୋକମାନଙ୍କର ସେହି ଏକତ୍ୱବାଦୀ ଗୋଷ୍ଠୀ ଏହାକୁ ଗ୍ରହଣ କରି, ପିତା, ପୁତ୍ର, ଏବଂ ପବିତ୍ରଆତ୍ମା କରିବାକୁ ଚେଷ୍ଟା କଲା, କେବଳ ଗୋଟିଏ କାର୍ଯ୍ୟସ୍ଥିତି ଏବଂ ଗୋଟିଏ ସ୍ଥାନ, ଏବଂ ଯେପରିକି ଆପଣଙ୍କର ଆଙ୍ଗୁଠି ଥାଏ, ଗୋଟିଏ । ତାହା ଭୁଲ ଅଟେ । ପରମେଶ୍ୱର କରିପାରିବେ ନାହିଁ...ଯୀଶୁ ତାହାଙ୍କର ନିଜର ପିତା ହୋଇପାରିବେ ନାହିଁ । ଯଦି ସେ ଥିଲେ, ତାହାହେଲେ ସେ ଜଣେ...ତେବେ, ସେ କିପରି ତାହାଙ୍କର ନିଜର ପିତା ହୋଇପାରିବେ?

129 ଏବଂ ଯଦି ପରମେଶ୍ୱର ପବିତ୍ରଆତ୍ମାଠାରୁ ଅଲଗା, ଜଣେ ବ୍ୟକ୍ତି ଅଟନ୍ତି, ତେବେ ତାହାଙ୍କର ଦୁଇଟି ପିତା ଥିଲେ । ଯେହେତୁ ବାଇବଲ କୁହେ, ଯେ, "ପବିତ୍ରଆତ୍ମା ମରିୟମଙ୍କ ଉପରେ ଛାୟା କଲା ଏବଂ ସେ ଗର୍ଭବତୀ ହେଲେ ।" ଏବଂ ବାଇବଲ, ମାଥିଉ 1:18 ରେ କୁହେ, ଯେ, "ତାଙ୍କ ଭିତରେ ଗର୍ଭଧାରଣ କରିଥିବା ସେହି ବିଷୟଟି ପବିତ୍ରଆତ୍ମାଙ୍କ କର୍ତ୍ତୃକ ଅଟେ ।" ତାହାହେଲେ ତାହାଙ୍କ ପିତା କିଏ ଅଟନ୍ତି, ପବିତ୍ରଆତ୍ମା ନା ପରମେଶ୍ୱର? ଉଭୟ, ସେହି ସମାନ ଆତ୍ମା ଅଟନ୍ତି, ନୋହିଲେ ତାଙ୍କର ଦୁଇଟି ଆତ୍ମା ଦ୍ୱାରା ଏକ ଅବୈଧ ଜନ୍ମ ହୋଇଥିଲା ।

ତାହା ଏକ କ୍ୟାଥୋଲିକ୍ ଧର୍ମମତ ଅଟେ, ଏବଂ ଏହା କଦାପି ଏକ ବାଇବଲ ଶିକ୍ଷା ନ ଥିଲା । ମାର୍ଟିନ୍ ଲୁଥର୍ ଏହାକୁ ଅନ୍ୟାନ୍ୟ କ୍ୟାଥୋଲିକବାଦ ବିଷୟ ସହିତ ବାହାର କରି ଉଦ୍ଧୃତ କରିଥିଲେ, ଯାହାକି ଲୁଥରାନ୍ ମଣ୍ଡଳୀରେ ଥିଲା । ୱେସଲି ଏହାକୁ ଅନୁସରଣ କରିଥିଲେ । ଏବଂ ଏହା ଏବେ ମଧ୍ୟ ଚାଲିଛି, ମାତ୍ର ଏହା ଏକ ତ୍ରୁଟି ଅଟେ । ଏହା ସତ୍ୟ ନୁହେଁ । ଏହା କେବେବି ନ ଥିଲା, ଏହା କେବେବି ଏକ ବାଇବଲ ଶିକ୍ଷା ନ ଥିଲା । ତିନୋଟି ପରମେଶ୍ୱରଙ୍କ ବିଷୟରେ ଶିକ୍ଷା ଦେବା, ଏହା କେବେବି ବାଇବଲରେ ଏକ ଆଦେଶ ନ ଥିଲା ।

ଜଣେ ହିଁ ପରମେଶ୍ୱର ଅଛନ୍ତି । ଯୀଶୁ କହିଲେ, "ହେ ଇସ୍ରାଏଲ, ଶୁଣ, ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର, ଏକ ପରମେଶ୍ୱର ଅଟୁ," ତିନୋଟି ପରମେଶ୍ୱର ନୁହେଁ ।

130 ଆଫ୍ରିକାରେ, ସେମାନେ ପିତାଙ୍କ ପାଇଁ ଥରେ, ପୁତ୍ରଙ୍କ ପାଇଁ ଥରେ, ଏବଂ ପବିତ୍ରଆତ୍ମାଙ୍କ ପାଇଁ ଥରେ ବାପ୍ତିଜିତ କରନ୍ତି । ଏବଂ ତାହାପରେ ସେହି ବେଚାରା ଯିହୁଦୀ ଚାରିପାଖରୁ ଆସନ୍ତି, କୁହନ୍ତି, "ସେମାନଙ୍କ ମଧ୍ୟରୁ କେଉଁଟି ତୁମର ପରମେଶ୍ୱର ଅଟେ? କେଉଁଟି ଅଟେ, ପିତା, ପୁତ୍ର ନା ପବିତ୍ରଆତ୍ମା?" ସେମାନେ, ସମସ୍ତେ ତିନିଜଣ ଯାକ, ଏକ ଅଟନ୍ତି । ବାଇବଲ କୁହେ ଯେ ସେମାନେ ଏକ ଅଟନ୍ତି ।

131 ଯୀଶୁ ଏକ ଘର ଥିଲେ ଯେଉଁଥିରେ ପରମେଶ୍ୱର ବାସ କରିଥିଲେ । ବାଇବଲ ତାହା—ତାହା କୁହେ, ପ୍ରଥମ ତୀମଥି ୩:୧୬, "ବିନା କୌଣସି *ବିବାଦରେ*," (ତାହା "ଯୁକ୍ତି" ଅଟେ) "ଈଶ୍ୱରପରାୟଣତାର ନିଗୂଢତତ୍ତ୍ୱ ଯେ ମହତ ଏହା ସମସ୍ତେ ସ୍ୱୀକାର କରନ୍ତି । କାରଣ ପରମେଶ୍ୱର ଦେହବନ୍ତ ହୋଇ ପ୍ରକାଶିତ ହେଲେ, ସ୍ୱର୍ଗଦୂତମାନଙ୍କ ଦ୍ୱାରା ଦେଖାଗଲେ, ଗ୍ରହଣ କରାଗଲେ...ପ୍ରଚାରିତ ହେଲେ, ବିଶ୍ୱାସପାତ୍ର ହେଲେ, ଏବଂ ଗୌରବରେ ଗୃହୀତ ହେଲେ ।" ପରମେଶ୍ୱର ଥିଲେ । ବାଇବଲ କୁହେ, "ତାହାଙ୍କ ନାମ *ଇମ୍ମାନୁୟେଲ୍* କୁହାଯିବ, ଯାହା ବ୍ୟାଖ୍ୟା ଦ୍ୱାରା, 'ପରମେଶ୍ୱର ଆମ ସହିତରେ ।'" ବାଇବଲ କୁହେ, ଯେ, "ଯୀଶୁ, ତାହାଙ୍କଠାରେ ପରମେଶ୍ୱରତ୍ୱ ଶାରୀରିକ ଭାବରେ ସମ୍ପୂର୍ଣ୍ଣତାରେ ବାସ କରିଥିଲେ ।"

132 ଯେପରିକି ଆମେମାନେ ଅନ୍ୟ ରାତିରେ ଏହା ନେଇଥିଲୁ: ପରମେଶ୍ୱର, ଆରମ୍ଭରେ, ଆତ୍ମା ଥିଲେ । ଏବଂ ତାହାପରେ, ପରମେଶ୍ୱରଙ୍କଠାରୁ, ଲୋଗୋସ୍, କିମ୍ବା ଥିଓଫାନି ବାହାରି ଥିଲା, ଯାହାକି ଜଣେ ମନୁଷ୍ୟର ଏକ ରୂପ ଥିଲା, ପୂର୍ବାକୃତିରେ, ପରମେଶ୍ୱରଙ୍କ ପୁତ୍ର ବୋଲି କୁହା ଯାଇଥିଲା । ସେ ଯୀଶୁ ଖ୍ରୀଷ୍ଟଙ୍କ ରୂପରେ ଆସିବା ପୂର୍ବରୁ, ପୃଥିବୀକୁ, ଏକ ମାଂସମୟ ଶରୀର ଧାରଣ କରି ଆସିଥିଲେ । ତେବେ ଭାଇ, ଏହାକୁ ପ୍ରଥମେ ଥରେ ହଜମ କରି ନିଅନ୍ତୁ । ମୁଁ ଏହାକୁ ଆପଣମାନଙ୍କୁ ପ୍ରମାଣ କରିବି ।

133 ଯେତେବେଳେ—ଯେତେବେଳେ ମୋଶା ତାହାଙ୍କୁ ଦେଖିଲେ । ସେ କହିଲେ, "ହେ ପ୍ରଭୁ, ମୋତେ ତୁମର ରୂପ ଦେଖିବାକୁ ଦିଅ ।" ଏବଂ ପରମେଶ୍ୱର ଆପଣାକୁ ସେହି ଶୈଳରେ ଲୁଚାଇ ନେଲେ । ଏବଂ ଯେତେବେଳେ ସେ ଅତିକ୍ରମ କଲେ, ମୋଶା କହିଲେ, "ଏହା ତ ଜଣେ ମନୁଷ୍ୟର ପୃଷ୍ଠ ଭାଗ ଥିଲା ।" ତାହା ସେହି ଥିଓଫାନି ଥିଲା । ତାହା ଅବିକଳ ଠିକ୍ ।

ତାହାପରେ, ସେହି ଥିଓଫାନିଙ୍କୁ ଦେହବନ୍ତ ହେବାକୁ ପଡିଥିଲା । କୌଣସି ଅନ୍ୟ ଜଣେ ବ୍ୟକ୍ତି ନୁହଁନ୍ତି, ମାତ୍ର ସେହି ସମାନ ବ୍ୟକ୍ତିଙ୍କୁ ହିଁ ଦେହବନ୍ତ ହେବାକୁ ପଡିଥିଲା, ଯେପରିକି ମୃତ୍ୟୁରୁ ନାହୂଡ଼କୁ ବାହାର କରନ୍ତି ।

ଯେପରିକି ଏକ ମହୁମାଛିଟିଏ ଯେତେବେଳେ ସେ ଦଂଶନ କରିଥାଏ, ଏହା ସେହି ନାହୂଡ଼କୁ ସେହି ଭିତରେ ଛାଡି ଦେଇଥାଏ । ଏବଂ ସେ ତାହା କଦାପି ଛାଡି ନ ଥାଏ...ସେ ମନୁଷ୍ୟର ଦେହରେ ଏକ ନାହୂଡ଼ ପୂରାଇ ଦେଇପାରେ କାରଣ ଏହା ପାପ ଅଟେ । ମାତ୍ର,

ଭାଇ, ଯେତେବେଳେ ସେ ଇମ୍ମାନୁୟେଲଙ୍କ ଦେହକୁ ଦଂଶନ କଲା, ସେତେବେଳେ ସେ ନିଜର ନାହୁଡ଼କୁ ହରାଇଲା । ହଁ, ଆଜ୍ଞା । ସେ ଗୁଜବ କରିପାରେ ମାତ୍ର ତାହା ପାଖରେ ଆଉ କୌଣସି ନାହୁଡ଼ ହିଁ ନାହିଁ ।

134 ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ, ପାଉଲ, ଯେତେବେଳେ ସେମାନେ ତାଙ୍କ ମୁଣ୍ଡ କାଟ କରିବାକୁ ଯାଆନ୍ତି, ସେ କହିଥିଲେ, "ରେ ମୃତ୍ୟୁ, କାହିଁ ତୋର ନାହୁଡ଼? ତୁ ଯେତିକି ଚାହୁଁ ସେତିକି ଗୁଜବ କରିପାରୁ ଏବଂ ଗୁଣୁ ଗୁଣୁ କରିପାରୁ । ହେ କବର, କାହିଁ ତୋର ଜୟ? ମାତ୍ର ପରମେଶ୍ୱରଙ୍କର ଧନ୍ୟବାଦ ହେଉ ଯିଏକି ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ବିଜୟ ପ୍ରଦାନ କରନ୍ତି ।" ସେଠାରେ ଆପଣ ଅଛନ୍ତି ।

ଏହା କରିବା ପାଇଁ ପରମେଶ୍ୱରଙ୍କୁ ହିଁ ନିଜେ ଆସିବାକୁ ପଡ଼ିଥିଲା । ସେ ଆସିଲେ ଓ ଶରୀରରେ ପ୍ରକାଶିତ ହେଲେ । ସେ ପୁଣି ଥରେ ଆତ୍ମାକୁ ଫେରିଗଲେ ।

135 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ ଆମକୁ ଏପର୍ଯ୍ୟନ୍ତ ସୁଦ୍ଧା, କେବେବି ଏହା କହି ନାହାଁନ୍ତି, ଯେ ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଆସିବା ପୂର୍ବରୁ ଆଉ କେବେ ଦେହବନ୍ତ ହୋଇଥିଲେ ।"

ଯେତେବେଳେ ଅବ୍ରହାମ ଦିନେ, ନିଜ ତମ୍ବୁ ତଳେ ବସିଥିଲେ, ସେଠାରେ ଦୁଇଟି ସ୍ୱର୍ଗଦୂତ ଏବଂ ପରମେଶ୍ୱର, ମାନବ ଶରୀରରେ, ତାଙ୍କ ପାଖକୁ ଚାଲି କରି ଆସିଥିଲେ, ସେମାନଙ୍କର ପୋଷାକ ଉପରେ ଧୂଳି ଲାଗିଥିଲା ଏବଂ ସେମାନେ କ୍ଲାନ୍ତ ହୋଇ ପଡ଼ିଥିଲେ, ଏବଂ ସେମାନେ ବସି ପଡିଲେ । ଆଉ ଅବ୍ରହାମ ବାହାରକୁ ଯାଇ ପଲ ମଧ୍ୟରୁ ଏକ ଗାଈର ବାଛୁରୀଟିଏ ନେଇଥିଲେ, ଏବଂ ତାକୁ ବଧ କରିଥିଲେ । ଏବଂ କିଛି ଛୋଟ ଛୋଟ ଖଣ୍ଡ ତିଆରି କରିଥିଲେ । ବାହାରକୁ ଯାଇ ନେଲେ…ସାରାକୁ କିଛି ଶସ୍ୟ ମଇଦା ନେଇ ତାକୁ ଚାଲୁଣୀରେ ଚଲାଇ ସଫା କରିବାକୁ କହିଥିଲେ, ଏବଂ କିଛି ପିଠା ତିଆରି କରିବାକୁ କହିଥିଲେ । ଏବଂ ଗାଈରୁ କିଛି ଲହୁଣୀ ନେଲେ, ଏବଂ କିଛି ଘୋଳଦହୀ ତିଆରି କଲେ । ଏବଂ ଏହାକୁ ସେଠାରେ ବାହାରେ ନେଇ, ଉପସ୍ଥାପନ କଲେ, ଏବଂ ପରମେଶ୍ୱର ଏହାକୁ ଭୋଜନ କରିଥିଲେ ।

136 ହାଲ୍ଲେଲୁୟା! ସେହି କାରଣ ଅଟେ ଯେଉଁଥି ଯୋଗୁଁ, "ହେ କାଲଭରୀର ମେଷଶାବକ, ମୋର ବିଶ୍ୱାସ ତୁମ ଆଡ଼କୁ ଚାହିଁଥାଏ ।"

137 କଅଣ ଆପଣ ଭାବୁଛନ୍ତି ଯେ ଏହା ପରମେଶ୍ୱରଙ୍କ ପାଇଁ ଏକ ବଡ କଥା ଅଟେ? ପରମେଶ୍ୱର, ଯିଏକି ସମସ୍ତ ପୋଟାଶ୍ ଏବଂ କ୍ୟାଲସିୟମ୍, ଏବଂ ଜଗତର ସମସ୍ତକିଛି ଜିନିଷକୁ ତିଆରି କରିଛନ୍ତି, ସେ ଅବ୍ରହାମଙ୍କୁ ଦେଖା କରିବାକୁ ତଳକୁ ଓହ୍ଲାଇ ଆସିଥିଲେ । ସେ କହିଲେ, "କଅଣ ତୁମେ ଭାବୁଛ ଯେ ମୁଁ ଏହା ଦେଖି ଯେ ତୁମେ ଜଗତର ଉତ୍ତରାଧିକାରୀ ହେବ, ତୁମଠାରୁ ଏହାକୁ ଗୁପ୍ତ ରଖିବି?" ଆମେନ୍ । "ମୁଁ ଏହାକୁ ତୁମଠାରୁ ଗୁପ୍ତ ରଖିବି ନାହିଁ ।" ପରମେଶ୍ୱରଙ୍କ ପାଖରେ ତ କେବଳ ଏକ…

138 ଆମେମାନେ ଷୋହଳଟି ଉପାଦାନରୁ ନିର୍ମିତ ଅଟୁ । ସେ କେବଳ କିଛି ପୋଟାଶ୍, ଏବଂ କିଛି କ୍ୟାଲସିୟମ୍, କିଛି ପେଟ୍ରୋଲିୟମ୍, କସ୍ମିକ ପ୍ରକାଶକୁ ନେଇ କହିଲେ, ସେହି "ହୁ୍ୟ!" "ସେଥିରେ ପ୍ରବେଶ କର, ଗାବ୍ରିୟେଲ୍," ଏକ ଶରୀର!

139 "ହୁ୍ୟ!" "ସେଥିରେ ପ୍ରବେଶ କର, ୱର୍ମଉଡ୍ ।" ସେ ଏଥିରେ ପ୍ରବେଶ କଲେ ।

ସ୍ୱର୍ଗରୁ, ଦୁଇଟି ସ୍ୱର୍ଗଦୂତ!

140 ପରମେଶ୍ୱର ଗଲେ ଓ ଏଥିର ମୁଠାଏ ନେଲେ, "ହୁ୍ୟ" ସେଥିରେ ନିଜେ, ପ୍ରବେଶ କଲେ । ତଳକୁ ଓହ୍ଲାଇ ଆସିଲେ, ଏବଂ କ୍ଷୁଧିତ ଥିଲେ । ଧନ୍ୟ…ସେ ବିଷୟରେ କଅଣ, ଆଡଭେଣ୍ଟିଷ୍ଟ ଭାଇମାନେ ଯେଉଁମାନେକି ମାଂସ ଖାଆନ୍ତି ନାହିଁ? ଆମେମାନେ କିଛି ସମୟ ପରେ, ସେଥି ଭିତରେ ପ୍ରବେଶ କରିବାକୁ ଯାଉଛୁ । ସର୍ବଶକ୍ତିମାନ ପରମେଶ୍ୱର, ଯିହୋବା, ଏହା ଖୋଜି ଦେଖନ୍ତୁ ଯଦି ସେହି ସମାନ ନାମଟି ରୂପାନ୍ତରିତ ହୋଇ ସେହି ଜଣକା ନ ଥିଲେ କି ଯିଏ ଜ୍ୱଳନ୍ତ ବୁଦାରେ ରହିଥିଲେ! ହାଲ୍ଲେଲୁୟା!

ଏବଂ ଯେତେବେଳେ ସେ ପୃଥିବୀରେ ଛିଡା ହେଲେ, ସେ କହିଲେ, "ଏହା ପୂର୍ବେକି ଅବ୍ରହାମ ଥିଲେ, **ମୁଁ ଅଟେ**, ସେହି ସମାନ ଜଣକା ଯିଏକି ଜ୍ୱଳନ୍ତ ବୁଦାରେ ରହିଥିଲେ ।" ତାହା ଠିକ୍ ଅଟେ, ଏଲୋହିମ୍, ଦେଖନ୍ତୁ ଯଦି ତାହା ସମାନ ନୁହେଁ କି । ସେ ହିଁ ସେହି ଜଣକା ଥିଲେ ଯିଏକି ଜ୍ୱଳନ୍ତ ବୁଦାରେ ରହିଥିଲେ ।

141 ସେ ହିଁ ସେହି ଜଣକା ଏଠାରେ ଅବ୍ରହାମଙ୍କ ଉପସ୍ଥିତିରେ, ଏକ ମାଂସମୟ ଶରୀରରେ ଥିଲେ, ଯିଏକି ଗୋବତ୍ସ ମାଂସ ଭୋଜନ କରିଥିଲେ, ଏବଂ ଗାଈ କ୍ଷୀର ପାନ କରିଥିଲେ, ଏବଂ ପିଠା ଉପରେ ଲହୁଣୀ ଦେଇ ଖାଇଥିଲେ । ପରମେଶ୍ୱରଙ୍କ ପବିତ୍ର ନାମର ଧନ୍ୟ ହେଉ! ଠିକ ସେଠାକୁ ଚାଲିକରି ଯାଇଥିଲେ ଓ କହିଥିଲେ, "ମୁଁ ଛାଡିବି ନାହିଁ…"

ଏବଂ ସେ ପଛକୁ ପିଠି କରି ବସିଥିଲେ । ସେ କହିଲେ, "ଅବ୍ରହାମ, ମୁଁ ତୁମକୁ ଦେଖା କରିବାକୁ ଯାଉଅଛି, ଏବଂ ତୁମେ ସେହି ସନ୍ତାନକୁ ଲାଭ କରିବାକୁ ଯାଉଅଛ । ତୁମେ ବର୍ତ୍ତମାନ ଶହେ ବର୍ଷର ଅଟ, ଏବଂ ସାରା ନବେ ବର୍ଷର ଅଟେ ।" ଏବଂ ସେଠାରେ ତମ୍ବୁରେ, ସାରା, କହିଲା, "ହା!" ହସି ଦେଲା । ସେ କହିଲେ, "ସାରା କଅଣ ପାଇଁ ହସିଲ?" ତାହାଙ୍କ ପଛ ପଟରେ; ସେମାନଙ୍କ ମଧ୍ୟରେ ତମ୍ବୁ ରହିଥିଲା ।

142 ଅବ୍ରହାମ କହିଲେ, "ସାରା, କଅଣ ତୁମେ ହସିଲ କି?"

143 "ନା, ମୁଁ କଦାପି ନୁହେଁ ।"

144 କହିଲେ, "ହଁ, ତୁମେ ହସିଛ ।" ତାହା କି ପ୍ରକାର ଟେଲିପ୍ୟାଥୀ ଅଟେ? ତାହା କି ପ୍ରକାରର ଏକ ମନକୁ-ପଠନ କରିବାର ଥିଲା?

ସେ ଆଜି ମଧ୍ୟ ସେହି ସମାନ କରନ୍ତି । ସେ ଯିହୋବା-ଯିରୀ, ଯିହୋବା-ରାଫା, ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ସେ କଦାପି ବିଫଳ ହୁଅନ୍ତି ନାହିଁ ।

145 ତାହାଙ୍କୁ ଦେଖନ୍ତୁ । ସେ ସେଠାରେ ଛିଡା ହୋଇଛନ୍ତି । ସୀଧାସଳଖ ବାହାରକୁ ଯାଇ ଅବ୍ରହାମଙ୍କ ସହିତ କଥାବାର୍ତ୍ତା କରିଥିଲେ; ଏବଂ ତାଙ୍କ ଦୃଷ୍ଟିରୁ, ଅନ୍ତର୍ଧ୍ୟାନ ହୋଇଗଲେ । ଏବଂ ସେହି ମହାନ ପିତୃପୁରୁଷ ଅବ୍ରହାମ କହିଲେ ଯେ ସେ "ଏଲୋହିମ୍, ପରମେଶ୍ୱରଙ୍କ ସହିତ ମୁଖା-ମୁଖି ଭାବରେ କଥା ହୋଇଥିଲେ," ସେହି ସମାନ ପରମେଶ୍ୱର । କଅଣ ବୁଝିଲେ କି? କୌଣସି ତିନି ଜଣ ନୁହଁନ୍ତି, ଭାଇ । ସେହି ସମାନ ବ୍ୟକ୍ତିଙ୍କର ତିନୋଟି କାର୍ଯ୍ୟସ୍ଥିତି!

146 ଆରମ୍ଭରେ ସେହିପରି ସମାନ ଥିଲା, ସେ ସେହି ମହାନ ଆତ୍ମା, ନିର୍ଝର ଥିଲେ ଯେଉଁଠାରେ ସମସ୍ତ ସତ୍ୟତା, ସମସ୍ତ ପ୍ରେମ, ସମସ୍ତ ଶାନ୍ତି ରହିଥିଲା । ସବୁକିଛି ଯାହା ବିଶୁଦ୍ଧ ଥିଲା ଏହି ନିର୍ଝରରେ ରହିଥିଲା । ଏହା ଏକ ଶରୀର ଗଠନ କରିବାକୁ ଆରମ୍ଭ କଲା, ଏକ ଥିଓଫାନି, ସେହି ପ୍ରକାରର ଶରୀର ଯାହା ଭିତରକୁ ଆମେମାନେ ପ୍ରବେଶ କରିବା । ଏକ ଗୌରବମୟ ଶରୀର ନୁହେଁ, ମାତ୍ର ଏକ ଦୂତଙ୍କ ପରି ଶରୀର, ଯେପରିକି; ଆକୃତି, ରୂପ ଥାଏ ।

147 ପ୍ରତ୍ୟେକ ଥର ଯେତେବେଳେ ମୁଁ ଏକ ଗଛକୁ ଦେଖେ, ମୁଁ ଚିନ୍ତା କରେ, "ସେହି ଗଛଟି ନକାରାତ୍ମକ ଅଟେ । କୌଣସି ସ୍ଥାନରେ ଏକ ସକାରାତ୍ମକ ଅଛି ।" ସେହି ଗଛଟି କୌଣସି ବିଷୟରୁ ତିଆରି ହୋଇଥିଲା, ଏକ ବୁଦ୍ଧିମତ୍ତା ଏହାକୁ ତିଆରି କରିଥିଲା । ଏବଂ ସବୁକିଛି ଯାହା ଏହି ପୃଥିବୀ କରେ ତାହା ହେଉଛି ସ୍ୱର୍ଗୀୟ ବିଷୟକୁ ପ୍ରତିଫଳିତ କରିବା । ବାଇବଲ ଏହିପରି ହିଁ କୁହେ । ଏବଂ ଯଦି ଏଠାରେ ଏପରି ଏକ ଗଛ ଅଛି ଯାହାକୁ ନଷ୍ଟ ହେବାକୁ ଅଛି, ତାହାହେଲେ ସେଠାରେ ମହିମାରେ ଗୋଟିଏ ଅଛି ଯାହାକି ବିନଷ୍ଟ ହେବ ନାହିଁ ।

148 ଯଦି ମୁଁ ଜଣେ ପୁରୁଷକୁ ଦେଖେ, ମୁଁ ଏକ ସୁନ୍ଦର ଛୋଟ ଯୁବା ଦମ୍ପତି, ପୁରୁଷ ଏବଂ ତାଙ୍କର ପତ୍ନୀକୁ, ରାସ୍ତାରେ ଚାଲି ଯାଉଥିବାର ଦେଖେ, ପ୍ରିୟତମ ଏକତ୍ର ଭାବରେ, ଏହା କଅଣ ପ୍ରତିଫଳିତ କରେ? ପ୍ରଭୁଙ୍କ ନାମର ଧନ୍ୟ ହେଉ । ସେଠାରେ ସ୍ୱର୍ଗରେ ଏପରି ଗୋଟିଏ ଅଛି ଯାହାକି କେବେବି ନଷ୍ଟ ହେବ ନାହିଁ । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗି ଯାଏ, ତେବେ ଆମ ପାଇଁ ଆଉ ଗୋଟିଏ ଅପେକ୍ଷା କରୁଅଛି," ସେହି ଥିଓଫାନି ।

149 ତାହାପରେ ଆପଣ ସେହି ତ୍ରିତ୍ୱ ବିଷୟକୁ ପାଆନ୍ତି: ସେହି ମହାନ ଆତ୍ମା, ପୁତ୍ର ଯୀଶୁଙ୍କଠାରେ, ବାସ କରେ; ଯୀଶୁ ମଣ୍ଡଳୀରେ ବାସ କରନ୍ତି । "ସେହି ଦିନ, ତୁମେମାନେ ଜାଣିବ ଯେ ମୁଁ ପିତାଙ୍କଠାରେ, ପିତା ମୋ ଠାରେ ଏବଂ ମୁଁ ତୁମଠାରେ ଅଛି ।" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ଯାହାକିଛି ସବୁ ପରମେଶ୍ୱର ଥିଲେ, ସେ ଯୀଶୁଙ୍କଠାରେ ଢାଳି ଦେଲେ; ଯାହା ସବୁ ଯୀଶୁ ଥିଲେ, ସେ ମଣ୍ଡଳୀରେ ଢାଳି ଦେଲେ । ସେଠାରେ ଆପଣ ଅଛନ୍ତି । "ମୁଁ ପିତାଙ୍କଠାରେ, ପିତା ମୋ ଠାରେ; ମୁଁ ତୁମଠାରେ, ଏବଂ ତୁମେ ମୋ ଠାରେ ।" ସେଠାରେ ସେହି—ସେହି ଶରୀର ଅଛି ।

150 ମଣ୍ଡଳୀ ସହିତରେ ତାହାହିଁ ମାମଲା ଅଟେ । ସେମାନଙ୍କୁ ସେହି ସାନ ପୁରୁଣା କ୍ଷୁଦ୍ର, ମାଇଚିଆ, କୌଣସି ଜଣେ ପୁରୁଣା ନାରୀ ସ୍ୱରୂପ ଏକ ସିଦ୍ଧାନ୍ତ ବିଷୟ ଶିକ୍ଷା ଦିଆଯାଇଅଛି, ଯେ ସର୍ବତ୍ର ବୁଲିବା ଏବଂ ଆମୋଦ ପ୍ରମୋଦ ରାତ୍ରି ଭୋଜନ ଏବଂ ତାଶ ଖେଳ ପାର୍ଟୀ

କରିବା । କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମେମାନେ ବିଶୃଙ୍ଖଳା ବିଷୟ ପାଇଅଛୁ । ଆମକୁ ପିଲାମାନଙ୍କର କାର୍ଯ୍ୟକ୍ରମ ଏବଂ ଛୋଟ ଆମୋଦ ପ୍ରମୋଦ ରାତ୍ରି ଭୋଜନ ଦରକାର ନାହିଁ । ଆମକୁ ଯାହା ଦରକାର ତାହା ହେଉଛି ଏକ କ୍ଷତ ବିକ୍ଷତ ପୁରାତନ ସୁସମାଚାର, ଏବଂ ବିଶ୍ୱାସର ବ୍ୟକ୍ତିମାନେ ସେଠାରେ ଖଡ୍ଗ ସହିତ ରହିଥିବେ, ଏବଂ ହୁଙ୍କାର ଦେଉଥିବେ । ଆଜି ଆମକୁ ଯାହା ଦରକାର, ତାହା କୌଣସି କିଛି କ୍ଷୁଦ୍ର ଈଶ୍ୱରତତ୍ତ୍ୱବିଦ୍ ଶିକ୍ଷା ଏବଂ କୌଣସି ମନୁଷ୍ୟ-ନିର୍ମିତ ଗୋଷ୍ଠୀର କିଛି ସିଦ୍ଧାନ୍ତ ନୁହେଁ । ଆମକୁ ତ ପବିତ୍ରଆତ୍ମାଙ୍କର ପ୍ରକାଶ ଏବଂ ଶକ୍ତି ଏବଂ ପ୍ରଦର୍ଶନରେ ପ୍ରଚାରିତ କ୍ଷତ ବିକ୍ଷତ ସୁସମାଚାର ଦରକାର ଅଟେ ।

151 ତେବେ ଏଠାରେ ଧ୍ୟାନ ଦିଅନ୍ତୁ ।

> ସେ ପୁନର୍ବାର, *ଆଉ ଗୋଟିଏ ଦିନ, ଅର୍ଥାତ୍ ଆଜି ଦିନ ନିରୂପଣ କରି ଏତେ କାଳ ପରେ ଦାଉଦଙ୍କରେ ଗ୍ରନ୍ଥରେ କହନ୍ତି,,...*

> *...ଯଦି ଯୀଶୁ* ସେମାନଙ୍କୁ *ବିଶ୍ରାମ* ଦେଇ*ଥାଆନ୍ତେ,...ସେ ପରେ ଅନ୍ୟ... ଦିନର କଥା କହି ନ ଥାଆନ୍ତେ ।*

> *ଅତଏବ ପରମେଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ...ବିଶ୍ରାମବାର ଭୋଗ କରିବାର ବାକି ଅଛି ।*

> *ଯେଣୁ ଯେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିଅଛି,...ପରମେଶ୍ୱର ଆପଣା କାର୍ଯ୍ୟରୁ ଯେପରି ବିଶ୍ରାମ କଲେ, ସେପରି ସେ ମଧ୍ୟ ଆପଣା କାର୍ଯ୍ୟରୁ ବିଶ୍ରାମ ପ୍ରାପ୍ତ ହୋଇଅଛି ।*

152 ବର୍ତ୍ତମାନ ଆମେମାନେ କେଉଁଠାରେ ପଢ଼ିବାକୁ ଯାଉଅଛୁ? ମାଥିଉ, କୋଡ଼ିଏ-...ତାର 11ଶ ପର୍ବ, 27ତମ ପଦ ।

> *ମୋହର ପିତାଙ୍କ କର୍ତ୍ତୃକ ସମସ୍ତ ବିଷୟ, ମୋ ଠାରେ ସମର୍ପିତ ହୋଇଅଛି,* ବରଂ: *ଆଉ ପୁତ୍ରଙ୍କୁ କେହି ଜାଣେ ନାହିଁ, କେବଳ ପିତା ଜାଣନ୍ତି;* (ଠିକ୍ ଅଛି ।) *ପୁଣି ପିତାଙ୍କୁ କେହି ଜାଣେ ନାହିଁ, କେବଳ ପୁତ୍ର ଜାଣନ୍ତି, ଆଉ ପୁତ୍ର ଯାହା ନିକଟରେ ତାହାଙ୍କୁ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ସେ ଜାଣେ ।*

153 ଦେଖନ୍ତୁ, ଏହା ଆପଣ କେତେ ଶିଖିଛନ୍ତି ତାହା ନୁହେଁ, ଆପଣ ଜାଣନ୍ତୁ ବୋଲି ସେହି—ସେହି ବିଶପ୍ କେତେ ଚାହାଁନ୍ତି ତାହା ନୁହେଁ । ଏହା ତ ତାହା ଅଟେ ଯାହାକି କେତେ ଅଧିକ ଆପଣ ଜାଣନ୍ତୁ ବୋଲି ପରମେଶ୍ୱର ଚାହାଁନ୍ତି । ଯଦି ଆପଣ ଏହି ପ୍ରକାଶନକୁ ଦେଖିପାରୁ ନାହାଁନ୍ତି, ତେବେ ବିଶପ୍‌କୁ ଯାଇ ପଚାରନ୍ତୁ ନାହିଁ । ପରମେଶ୍ୱରଙ୍କୁ ପଚାରନ୍ତୁ । ନିଜର ପାଳକଙ୍କୁ ପଚାରନ୍ତୁ ନାହିଁ । ପରମେଶ୍ୱରଙ୍କୁ ପଚାରନ୍ତୁ । "ସେହି ପୁତ୍ର ତାହାଙ୍କୁ ପ୍ରକାଶ କରନ୍ତି," ସେ, ବ୍ୟକ୍ତିଗତ ସର୍ବନାମ ।

154 ଶୁଣନ୍ତୁ। ଏହା ଆପଣଙ୍କୁ ଚକିତ କରି ଦେବ। ଏଠାରେ ସେହି ଆଜ୍ଞା ଅଛି। ପାଉଲ କହିଲେ, “ଯଦି ସେ ଅନ୍ୟ ଏକ ଦିନ ବାକି ରଖିଥାଆନ୍ତେ, ତେବେ ସେ ଏହା ବିଷୟରେ କହିଥାଆନ୍ତେ।” ମାତ୍ର ଏଠାରେ ତାହା ଅଟେ ଯାହା ସେ କହିଥିଲେ।

*ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ଏବଂ ମୁଁ ତୁମ୍ଭମାନଙ୍କୁ ସବ୍ବତ୍, ବିଶ୍ରାମ ଦେବି।*

*ମୋର ଜୁଆଳି* ଆପଣା ଆପଣା *ଉପରେ ଘେନ, ପୁଣି ମୋ ନିକଟରୁ ଶିଖ; କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ:ଆଉ ତୁମ୍ଭେମାନେ ଆପଣା ଆପଣା ପ୍ରାଣରେ* ବିଶ୍ରାମବାର *ପାଇବ।*

*ଯେଣୁ ମୋହର ଜୁଆଳି ସହଜ, ଓ ମୋହର ଭାର ଊଶ୍ୱାସ।*

155 ଦେଖନ୍ତୁ ଯେ ପାଉଲ କଅଣ କହିଲେ।

*...ଯଦି ଯୀଶୁ* ସେମାନଙ୍କୁ *ବିଶ୍ରାମ* ଦେଇ*ଥାଆନ୍ତେ,...*ସେ ପରେ *ଅନ୍ୟ ଦିନର କଥା କହି ଥାଆନ୍ତେ।।*

ସେ *ପୁନର୍ବାର ଆଉ ଗୋଟିଏ...ଦିନ, ଅର୍ଥାତ୍ ଆଜି ଦିନ, ନିରୂପଣ କରି... ଏତେ କାଳ ପରେ ଦାଉଦଙ୍କରେ* ଗ୍ରନ୍ଥରେ *କହନ୍ତି;...*ଆଜି *ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଆପଣା ଆପଣା ହୃଦୟ କଠିନ ନ କର।*

“ଏବଂ ସେଠାରେ ବାକି ଅଛି...” ତେବେ ଶୁଣନ୍ତୁ, ୨ମ ପଦ।

*ଅତଏବ ପରମେଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଏକ ବିଶ୍ରାମବାର,* ଏକ *ସବ୍ବତ୍, ଭୋଗ କରିବାର ବାକି ଅଛି।*

*ଯେଣୁ ଯେ,* ପୁରୁଷ କିମ୍ବା ସ୍ତ୍ରୀ, *ତାହାଙ୍କ ବିଶ୍ରାମରେ* ପ୍ରବେଶ *କରିଅଛି...*

“ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।”

*...ପରମେଶ୍ୱର ଆପଣା କାର୍ଯ୍ୟରୁ ଯେପରି ବିଶ୍ରାମ କଲେ, ସେପରି ସେ ମଧ୍ୟ ଆପଣା କାର୍ଯ୍ୟରୁ...ବିଶ୍ରାମ ପ୍ରାପ୍ତ ହୋଇଅଛି।*

156 ଆପଣ ହୁଏତ କୋଡ଼ିଏ ବର୍ଷ ବୟସର ହୋଇଥିବେ। ଆପଣ ବୋଧହୁଏ ତିରିଶ ବର୍ଷ ବୟସର ହୋଇଥିବେ। ଆପଣ ହୁଏତ ପଚାଶ ବର୍ଷ ବୟସର ହୋଇଥିବେ। ମାତ୍ର ଯେଉଁ ମିନିଟରେ ଆପଣ ପରମେଶ୍ୱରଙ୍କ ରବକୁ ଆପଣଙ୍କ ହୃଦୟରେ ଆଘାତ କରୁଥିବାର ଶୁଣନ୍ତି, ଏହାକୁ କଠିନ କରନ୍ତୁ ନାହିଁ। ତାହାପରେ ପ୍ରବେଶ କରିବା...“ଯେକେହି ମୋର ବାକ୍ୟ ଶୁଣେ, ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ, ପାଇଅଛି, ଏବଂ ସେ କଦାପି ନିନ୍ଦିତ ହେବ ନାହିଁ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନ ମଧ୍ୟକୁ ପ୍ରବେଶ କରିଅଛି।”

157 "ଭାଇ ବ୍ରାନହାମ୍, କୁହନ୍ତୁ, କଅଣ ହୋଇଥାଏ?" ଆପଣ ପବିତ୍ରଆତ୍ମା ପ୍ରାପ୍ତ କରନ୍ତି। ଖ୍ରୀଷ୍ଟ ଆପଣଙ୍କ ଭିତରକୁ ଆସନ୍ତି। କଅଣ ତାହା ଠିକ୍ କି?

158 ମୋ ସହିତ ଯିଶାଇୟ, ତାର ୨୪ତମ ପର୍ବକୁ ଆସନ୍ତୁ, ଏବଂ ଆସନ୍ତୁ ଆମେମାନେ ପାଠ କରିବା। ଯିଶାଇୟ, ତାର ୨୪ତମ ପର୍ବ, ଦେଖନ୍ତୁ ଯେ ଭବିଷ୍ୟଦ୍‌ବକ୍ତା ଏହା ବିଷୟରେ କଅଣ କହିଥିଲେ। ମାଥିଉ...୨୪, ୪ମ ପଦରୁ ଆରମ୍ଭ କରି। ଏଠାରେ ସେହି ଶେଷ ଦିନର ଅବସ୍ଥା ବର୍ଣ୍ଣିତ ଅଛି। ଆମେମାନେ ଗୋଟିଏ ମିନିଟରେ ଶେଷ କରିବାକୁ ଯାଉଅଛୁ।

> *କାରଣ ମେଜସବୁ ହେବ, ବାନ୍ତି ଓ...ରେ ପରିପୂର୍ଣ୍ଣ କୌଣସି ପରିଷ୍କୃତ ସ୍ଥାନ ନାହିଁ।*

159 ମୋତେ ଗୋଟିଏ ମିନିଟ୍ ଅଟକିବାକୁ ଦିଅନ୍ତୁ। ଯେପରିକି ଅନ୍ୟ ରାତିରେ ଏର୍ନି କହିଥିଲେ, ସେ କାହାରି ସହ କଥାବାର୍ତ୍ତା ହେଉଥିଲେ। ଏର୍ନି ଫାଣ୍ଡଲର, ସ୍ୱିଜରଲ୍ୟାଣ୍ଡରୁ ଏହି ଭାଇଜଣକ, ସେ କହିଲେ, "ମୁଁ ଅଟକି ଗଲି ଏବଂ ଏହାକୁ ନିମଜ୍ଜିତ ହେବାକୁ ଦେଲି।"

160 ମୁଁ ଚାହେଁ ଯେ ଏହା ନିମଜ୍ଜିତ ହୋଇଯାଉ।

> *...କୌଣସି ପରିଷ୍କୃତ ସ୍ଥାନ ନାହିଁ।*
>
> *କାରଣ ମେଜସବୁ ବାନ୍ତିରେ ପରିପୂର୍ଣ୍ଣ ହେବ...*
>
> ଏବଂ ଯେପରି ଏକ *କୁକୁର* ତାର *ବାନ୍ତିକୁ* ଫେରିଯାଏ...ଏବଂ ଏକ *ଘୁଷୁରୀ... ତା'ର* କାଦୁଅକୁ, ଠିକ ସେହିପରି ଲୋକମାନେ ମଧ୍ୟ ପଛକୁ ଫେରିଯାଆନ୍ତି।

161 ଆପଣ ମେଥୋଡିଷ୍ଟମାନଙ୍କ ସହିତ ମାମଲା କଅଣ? ଆପଣଙ୍କ ପାଖରେ ଆଲୋକ ରହିଥିଲା। କଅଣ ହେଲା? ପରମେଶ୍ୱର ଏହାକୁ ଆପଣମାନଙ୍କ ହାତରୁ ନେଇ ନେଲେ, ସେ ଏହାକୁ ନାଜରିନ୍‌ମାନଙ୍କୁ ଦେଇ ଦେଲେ।

ଆପଣ ନାଜରିନ୍‌ମାନଙ୍କୁ କଅଣ ହେଲା? ଆପଣଙ୍କ ପାଖରେ ଥରେ ଆଲୋକ ରହିଥିଲା। ପରମେଶ୍ୱର ଏହାକୁ ଆପଣମାନଙ୍କ ହାତରୁ ନେଇ ନେଲେ ଏବଂ ପେଣ୍ଟିକଷ୍ଟାଲ୍‌ମାନଙ୍କୁ ଦେଇ ଦେଲେ। ସଠିକ୍। ଆପଣ ଚର୍ଚ୍ଚ ଅଫ ଗଡ୍ ଓ ଅନ୍ୟାନ୍ୟ ସମସ୍ତ ହୋଲିନେସ୍ ଲୋକମାନେ, ଯେହେତୁ ଆପଣମାନେ ସେହି ଆଲୋକକୁ ପ୍ରତ୍ୟାଖ୍ୟାନ କରିଥିଲେ, ଆପଣାମାନେ ନିଜକୁ ନାମଧାରୀ ମଣ୍ଡଳୀରେ ସଂସ୍ଥାଗତ କରି ଦେଲେ ଏବଂ କହିଲେ, "ଆମେମାନେ *ଏହା*ଠାରୁ ଅଧିକ ଆଉ କିଛି ବିଶ୍ୱାସ କରିବୁ ନାହିଁ," ପରମେଶ୍ୱର ଠିକ୍ ସେଠାରୁ ବାହାରି ଗଲେ ଏବଂ ଆପଣଙ୍କୁ ଏହା ଦେଖାଇଲେ ଯେ ତାହାଙ୍କଠାରେ ଲୋକମାନେ ଅଛନ୍ତି ଯେଉଁମାନେକି ତାହାଙ୍କୁ ଅନୁସରଣ କରିବେ।

162 ଆପଣ ପେଣ୍ଟିକଷ୍ଟାଲ୍‌ମାନଙ୍କ ସହିତରେ କଅଣ ହେଲା? ଆପଣଙ୍କ ପାଖରେ ଆଲୋକ ଥିଲା। ପରମେଶ୍ୱର ଏହାକୁ ଆପଣଙ୍କଠାରୁ ନେଇଯାଇଛନ୍ତି।

ଅଗ୍ନିସ୍ତମ୍ଭ ଆଗକୁ ବଢି ଚାଲିଲା । ପ୍ରତ୍ୟେକ ଥର ଯେତେବେଳେ ସେହି ଅଗ୍ନିସ୍ତମ୍ଭ ଗମନ କଲା, ସେହି ମଣ୍ଡଳୀ ତାହା ସହିତ ଗତି କଲା ।

ଏବଂ ଯେତେବେଳେ ଲୁଥର୍, କ୍ୟାଥୋଲିକ୍ ମଣ୍ଡଳୀରୁ ବାହାରି, ତାଙ୍କ ନିଜର ମଣ୍ଡଳୀକୁ, ସଂଗଠିତ କଲେ, ସେତେବେଳେ ସେହି ଅଗ୍ନିସ୍ତମ୍ଭ ଗତାୟତ କଲା ଏବଂ ୱେସ୍‌ଲି ତାହା ସହିତ ଚାଲିଗଲେ ।

ୱେସ୍‌ଲି ସଂଗଠିତ ହେଲେ ଏବଂ ତାଙ୍କର ନାମଧାରୀ ସଂସ୍ଥା ନିର୍ମାଣ କଲେ, ଏବଂ ସେହି ଅଗ୍ନିସ୍ତମ୍ଭ ଗତାୟତ କଲା ଏବଂ ନାଜରିନ୍‌ମାନେ ତାହା ସହିତ ଚାଲିଲେ ।

ନାଜରିନ୍‌ମାନେ ସଂଗଠିତ ହେଲେ, ଏବଂ ଚର୍ଚ୍ଚ ଅଫ ଗଡ୍ ତାହା ସହିତ ଚାଲିଲେ; ଏବଂ କହିଲେ ଯେ ସେମାନେ ଏକ ନାମଧାରୀ ସଂସ୍ଥା ନୁହଁନ୍ତି, ମାତ୍ର ସେମାନେ ଥିଲେ ।

163 ତାହାପରେ କଅଣ ଘଟିଲା? ପରବର୍ତ୍ତୀ ବିଷୟ ଯାହା ଘଟିଲା, ପେଣ୍ଟିକଷ୍ଟାଲ୍‌ମାନେ ସେହି ଅଗ୍ନିକୁ ଦେଖିଲେ, ଏବଂ ସେମାନେ ଚାଲିଲେ । ଏବଂ ଆପଣ କଅଣ କଲେ? ପରଭାଷାରୁ ଏକ ଶିକ୍ଷା ପ୍ରସ୍ତୁତ କରି ନେଲେ, ଏବଂ ଏହାକୁ ସଂଗଠିତ କରି ପକାଇଲେ, "ପବିତ୍ରଆତ୍ମା ପାଇବା ପୂର୍ବରୁ ସମସ୍ତଙ୍କୁ ପରଭାଷାରେ କଥା କହିବାକୁ ପଡିବ," ତେବେ ପରମେଶ୍ୱର ଠିକ ଆଗକୁ ଚାଲିଗଲେ ଏବଂ ଆପଣଙ୍କୁ ଠିକ ସେଠାରେ ଛାଡ଼ି ଦେଇଗଲେ ଯେଉଁଠାରେ ଆପଣମାନେ ବସି ରହିଥିଲେ ।

164 ଆପଣ ଏକତ୍ୱବାଦୀମାନଙ୍କ ସହ କଅଣ ଘଟିଲା? ଆପଣ ଯୀଶୁ ନାମ, ବାପ୍ତିସ୍ମକୁ ପାଇଥିଲେ । ଆପଣମାନେ ଏଥିରୁ ଏକ ଶିକ୍ଷାକୁ ପ୍ରସ୍ତୁତ କଲେ, ଏବଂ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା କରି ନେଲେ, ଏବଂ ପରମେଶ୍ୱର ଠିକ ଆଗକୁ ଚାଲିଗଲେ ଏବଂ ଆପଣମାନଙ୍କୁ ସେଠାରେ ବସିଥିବା ଅବସ୍ଥାରେ ଛାଡ଼ିଦେଲେ । ଠିକ୍ ।

165 ଆପଣ ଆସେମ୍ବଲୀ ଅଫ ଗଡ୍, ସେହି ପୁରୁଣା ସାଧାରଣ ପରିଷଦ ସହିତରେ କଅଣ ଘଟିଲା? ଆପଣମାନେ ନିଜ ମଧ୍ୟରୁ ଏକ ସଂଗଠନକୁ ନିର୍ମାଣ କଲେ, ଏବଂ ପରମେଶ୍ୱର ଠିକ ଆଗକୁ ଚାଲିଗଲେ ଏବଂ ଆପଣମାନଙ୍କୁ ସେଠାରେ ବସିଥିବା ଅବସ୍ଥାରେ ଛାଡ଼ିଦେଲେ । ଏବଂ ବର୍ତ୍ତମାନ ଆପଣମାନେ ଆଉ କିଛି ନୁହଁନ୍ତି ବରଂ ଅବଶିଷ୍ଟ ସେମାନଙ୍କ ପରି ଏକ ଶୀତଳ, ଆନୁଷ୍ଠାନିକ ସମୂହ ଅଟନ୍ତି ।

ଏବଂ ସେହି ଅଗ୍ନିସ୍ତମ୍ଭ ଆଗକୁ ବଢି ଚାଲିଲେ । ହାଲ୍ଲେଲୁୟା!

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ ଅଟେ...*

166 ସେହି ପ୍ରଭୁଭୋଜନକୁ ଦେଖନ୍ତୁ । କାହିଁକି, ସେମାନେ ତ ଏପରିକି...ମୁଁ ଏକ ସ୍ଥାନରେ ଥିଲି ଯେଉଁଠାରେ ସେମାନେ ପୁରୁଣା ପାଉଁରୁଟି ନେଉଥିଲେ । ଏବଂ ସେହି ରୋଟୀ ତ ଖମୀରଶୂନ୍ୟ ମଇଦାରେ ପ୍ରସ୍ତୁତ କରାଯିବା ଉଚିତ୍ । ଏବଂ ସେମାନେ ଏହାକୁ ପାପୀମାନଙ୍କୁ,

ସିଗାରେଟ୍ ଧୂମପାନକାରୀମାନଙ୍କୁ, ବେଶ୍ୟାମାନଙ୍କୁ, ଅନୈତିକ ସ୍ତ୍ରୀମାନଙ୍କୁ ଦେଇଥାଆନ୍ତି, ଯେପର୍ଯ୍ୟନ୍ତକି ସେମାନଙ୍କର ନାମଗୁଡ଼ିକ ସେହି ପୁସ୍ତକରେ ଲେଖା ହୋଇଅଛି ।

167 ଏବଂ ଆପଣ ବାପ୍‌ଟିଷ୍ଟମାନେ ଏହାକୁ ଏପରିକି "ରୁଦ୍ଧ" ପ୍ରଭୁଭୋଜ ବୋଲି କୁହନ୍ତି । ତେବେ, ଆପଣ ବାପ୍‌ଟିଷ୍ଟମାନେ ଟିକେ କାଉ କାଉ କରନ୍ତି, ପରମେଶ୍ୱର ଆପଣଙ୍କର ସେହି ଧ୍ୱନି କରୁଥିବା ବିଷୟକୁ ନେଇଯିବେ । ତାହା ଅବିକଳ ଠିକ୍, ଆପଣ ଏହାକୁ ଆଉ ଅଧିକ ଶବ୍ଦ କରିବାକୁ ସମର୍ଥ ହେବେ ନାହିଁ । "ରୁଦ୍ଧ" ପ୍ରଭୁଭୋଜ, ଆପଣମାନେ ନିଜକୁ ଅଲଗା କରିଦିଅନ୍ତି, ଆପଣ ଯେତିକି ପବିତ୍ର ଅଟନ୍ତି ତାହାଠାରୁ ଅଧିକ ପବିତ୍ର ଦେଖାଯାଆନ୍ତି ।

ମନେରଖନ୍ତୁ, ଏହା ଏକ ବାପ୍‌ଟିଷ୍ଟ ଆରାଧନାଳୟ ଅଟେ । ତାହାହିଁ ଅଟେ ଯାହାକି ଆପଣ ପାଆନ୍ତି, ଆପଣ ନିଜକୁ ସଂଗଠିତ କରନ୍ତି । "ଓଃ," ଆପଣ କୁହନ୍ତି, "ଆମେ ତ ଏକ ସଂସ୍ଥା ନୋହୁଁ ।" ହଁ, ଆପଣ ଅଟନ୍ତି । ନିଶ୍ଚିତ ଭାବରେ, ଆପଣମାନେ ଅଟନ୍ତି । ଆପଣ କୁହନ୍ତି, "ଆମେ ତ ଏକ ସହଭାଗୀତା ଅଟୁ ।" ହଁ, ଯେକୌଣସି ବ୍ୟକ୍ତି ପ୍ରତି ଯିଏକି ସେହି ଦ୍ୱାରକୁ ଆସନ୍ତି ଏବଂ ଆପଣ ଯେପରି ଭାବରେ ବିଶ୍ୱାସ କରନ୍ତି ଏହାକୁ ସେହିପରି ଭାବରେ ଶିକ୍ଷା ଦିଅନ୍ତି, ତେବେ ଏହା ଠିକ୍ ଅଛି । ମାତ୍ର, ଗୋଟିଏ ବିଷୟ ହେଲା, ଆପଣ—ଆପଣ ତାଙ୍କୁ ବାହାରକୁ ତଡି ଦେବେ ନାହିଁ, କିନ୍ତୁ ଆପଣ ତାଙ୍କୁ ନିଜର ଭାଇଚାରାଠାରୁ ବହିଷ୍କୃତ କରି ଦେବେ । ତାହା ଅବିକଳ ଠିକ ଅଟେ । ଓଃ, ଆପଣଙ୍କ ଠାରେ ଏହା କରିବାର ଏକ ଉପାୟ ଅଛି । ସେହିପରି ପରମେଶ୍ୱରଙ୍କ ପାଖରେ ଏହା କରିବାର ଏକ ଉପାୟ ଅଛି । ମାତ୍ର ପରମେଶ୍ୱରଙ୍କ ମଣ୍ଡଳୀ ଆଗକୁ ବଢି ଚାଲିଥିବ । ସେହି ଅଗ୍ନିସ୍ତମ୍ଭ ତାହା ସହ୍ୟ କରିବେ ନାହିଁ ।

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...*

168 ତେବେ ଶୁଣନ୍ତୁ । ବର୍ତ୍ତମାନ ଏହା ଆପଣଙ୍କୁ ମାତ୍ର ଗୋଟିଏ ମିନିଟ୍ ପାଇଁ ଚକିତ କରିବାକୁ ଯାଉଅଛି । ଶୁଣନ୍ତୁ । ମୁଁ ବାକ୍ୟ ପାଠ କରିବି । ଏହା କିଏ ଥିଲେ? ସେହି ଭବିଷ୍ୟଦ୍‌ବକ୍ତା, ଯିଶାଇୟ ।

> *...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...*ତେଣୁ *ସେଠାରେ କୌଣସି* ପରିଷ୍କୃତ ବିଷୟ ନାହିଁ, କେବଳ କୁକୁର-ବାନ୍ତି-କୁକୁର ଚାଟୁଅଛି ।

169 ମଣ୍ଡଳୀକୁ ଆସନ୍ତି: ସ୍ତ୍ରୀଲୋକମାନେ କେଶ କାଟନ୍ତି, ଗୋଲାକାର କେଶକର୍ତ୍ତନ କରନ୍ତି, ଛୋଟ ଛୋଟ ଜାମା ଶର୍ଟ ପିନ୍ଧନ୍ତି, ବାହାରକୁ ଯାଆନ୍ତି ଏବଂ ରାସ୍ତାରେ ଯାଉଥିବା ପୁରୁଷମାନଙ୍କୁ ଦେଖନ୍ତି; ଅଗଣାରେ ଘାସ-କଟାଳି ଯନ୍ତ୍ରକୁ ଚଲାନ୍ତି, ସାନ ସାନ ଝିଅମାନେ କାହାରିକୁ ସେମାନଙ୍କୁ ସେହି ବୁଲଡଗ୍ କୁକୁର କିମ୍ବା ଗଧିଆ ସିଟି ଅବା ଏହା ଯାହାକିଛି ବି ଅଟେ, ଶବ୍ଦ କରୁଥିବାର ଶୁଣିବାକୁ ଚାହାଁନ୍ତି, ଆପଣ ଜାଣନ୍ତି, "ୱେଟ-ହ୍ୟୁ!" ଓଃ, ଆପଣ ଭାବନ୍ତି ଯେ ଆପଣ ସୁନ୍ଦର ଅଟନ୍ତି, କଅଣ ନୁହେଁ କି?

170 ଏବଂ ଆପଣ ପୁରୁଷମାନେ ରାସ୍ତାରେ ଚାଲି ଯାଉଥିବା ବେଳେ, ପାଟିରେ ଏକ ସିଗାରେଟ୍ ନେଇଥାଆନ୍ତି, ଏବଂ ବୋର୍ଡରେ ଜଣେ ଦୀକନ୍ ରହିଥାଆନ୍ତି । ଆପଣ ତ ଜଣେ

ଶିଂଗବିହୀନ ଖାସୁ କରାଯାଇଥିବା ଟେକ୍ସାସ୍ ବଳଦ ପରି ଦେଖାଯାଆନ୍ତି । ଏବଂ ତାହାପରେ ଆପଣ ଭାବନ୍ତି ଯେ ଆପଣ କେହି ଜଣେ ଅଟନ୍ତି । ତାହା ଅବିକଳ ଠିକ୍ ଅଟେ । ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସମସ୍ତ ମେଜଗୁଡ଼ିକ...ଚାଲିକରି ଯାଆନ୍ତି ଏବଂ ପ୍ରଭୁଭୋଜ ଗ୍ରହଣ କରନ୍ତି, ଏବଂ ଏପରି ଆଚରଣ କରନ୍ତି ଯେପରିକି ଆପଣ କେହି ଜଣେ ଅଟନ୍ତି, ଏବଂ ସପ୍ତାହ ସାରା, ଠକନ୍ତି ଓ ଚୋରି କରନ୍ତି ଏବଂ ମିଥ୍ୟା କୁହନ୍ତି । ଆପଣମାନଙ୍କ ସହିତରେ ମାମଲା କଅଣ?

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...*

171 "ଓଃ, ମୁଁ ପ୍ରଭୁଭୋଜ ନେଇଥାଏ । ନିଶ୍ଚିତରେ, ଆମେ ଏହାକୁ ଆମ ମଣ୍ଡଳୀରେ କରିଥାଉ । ଯୀଶୁ କହିଲେ ଯେ ଯଦି ଆମେମାନେ ପ୍ରଭୁଭୋଜ ଗ୍ରହଣ କରିବା ତେବେ ସେ ଶେଷ ଦିନରେ ଆମମାନଙ୍କୁ ପୁନରୁତ୍ଥିତ କରିବେ ।"

172 କିନ୍ତୁ, "ଯିଏ ଏହାକୁ ଅଯୋଗ୍ୟ ଭାବରେ ଭୋଜନ କରେ ଓ ପାନ କରେ, ସେ ନିଜ ପ୍ରତି ଦୋଷୀ ଭାବରେ ଭୋଜନ କରିଥାଏ ଓ ପାନ କରିଥାଏ, ପ୍ରଭୁଙ୍କ ଶରୀରକୁ ନ ଉତ୍ତମ ମନେ କରି । ଏହି କାରଣରୁ ତୁମମାନଙ୍କ ମଧ୍ୟରେ ଅନେକେ ଅସୁସ୍ଥ ଏବଂ ଦୁର୍ବଳ, ଏବଂ ଅନେକେ ତ ମୃତ ଅଟନ୍ତି," ପୁରାତନ, ମୃତ, ଆନୁଷ୍ଠାନିକ ମଣ୍ଡଳୀଗୁଡ଼ିକ । ପରମେଶ୍ୱରଙ୍କ ଆତ୍ମା ଆପଣମାନଙ୍କଠାରୁ ବାହାରି ଯାଇଅଛି । ସେହି ଅଗ୍ନିସ୍ତମ୍ଭ ଆଉ ଅଧିକ ସେଠାରେ ନାହାଁନ୍ତି । ଆପଣ ଈଶ୍ୱରୀୟ ଆରୋଗ୍ୟତାକୁ ଅସ୍ୱୀକାର କରନ୍ତି । ଆପଣ ପୁନରୁତ୍ଥାନକୁ ଅସ୍ୱୀକାର କରନ୍ତି ।

173 "ଓଃ," ଆପଣ କୁହନ୍ତି, "ଓଃ, ସେ ଐତିହାସିକ ଭାବରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ ।" ତେବେ, ଯଦି ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ, ତାହାହେଲେ ଆଜି ସେ ସମାନ ହେବା ବିଷୟରେ କଅଣ? ଆପଣ କୁହନ୍ତି, "ଓଃ, ତାହା ସେପରି ନୁହେଁ ।" ତେବେ, ଆପଣ ସେଠାରେ ଅଛନ୍ତି । ଆପଣଙ୍କ ପାଖରେ ସେହିପରି ପୁନରୁତ୍ଥାନ ଅଛି ଯେପରି ଭାବରେ ଆପଣ ଏହାକୁ ଚାହାଁନ୍ତି, ଏବଂ ପରମେଶ୍ୱରଙ୍କ ପାଖରେ ତାହା ସେହିପରି ଭାବରେ ଅଛି ଯେପରି ଭାବରେ ସେ ଏହାକୁ ଚାହାଁନ୍ତି ।

174 କିନ୍ତୁ, ଏହାର ବିଷୟଟି ହେଉଛି, ଯେ ବାଇବଲ କୁହେ, ଆମେ ଯାହା ଜାଣିଛୁ ତାହା ସତ୍ୟ ଅଟେ, ଯେ ସେ ବାକ୍ୟକୁ ଦୃଢ଼ନିଶ୍ଚିତ କରିବେ । "ଏବଂ ମୁଁ ଏହି ଯେଉଁ କାର୍ଯ୍ୟ କରେ ତୁମେମାନେ ମଧ୍ୟ ତାହା କରିବ । ଏବଂ ମୁଁ ସର୍ବଦା ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ରହିବି ।" "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।" ତାହାହିଁ ଅଟେ ଯାହାକି ବାକ୍ୟ କୁହେ ।

175 ତେବେ ବିଶ୍ରାମବାର କଅଣ ଅଟେ?

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...କେହି ଜଣେ ପରିଷ୍କୃତ ନାହିଁ ।*

*ସେ କାହାକୁ ଜ୍ଞାନ ଶିକ୍ଷା ଦେବ?*

ସାଂସାରିକ ଜ୍ଞାନ ନୁହେଁ; ଆତ୍ମିକ ଜ୍ଞାନ!

*ସେ କାହାକୁ ଜ୍ଞାନ ଶିକ୍ଷା ଦେବ?...ସେ କାହାକୁ ସମାଚାର...ବୁଝାଇ ଦେବ?*

176 "ଓଃ, ପରମେଶ୍ୱର ଧନ୍ୟ ହେଉନ୍ତୁ, ଆମ ସଂସ୍ଥା ଏହା ବିଶ୍ୱାସ କରେ ନାହିଁ। ସେମାନେ ତାହା ସହିତ ସହମତ ହେବେ ନାହିଁ।" ...ଯାଏ ଆସେ ନାହିଁ ଯେ ଆପଣଙ୍କର ସଂସ୍ଥା କଅଣ ବିଶ୍ୱାସ କରେ। ପରମେଶ୍ୱରଙ୍କ ବାକ୍ୟ ଏହା ବିଷୟରେ କଅଣ କୁହେ? "ଓଃ, ତେବେ, ଆମର ପାଳକମାନେ, ଆପଣ ଜାଣନ୍ତି, ଶିକ୍ଷିତ ଅଟନ୍ତି।" ଓଃ, ନିଶ୍ଚିତ ଭାବରେ। ନିଶ୍ଚିତରେ, ଏତେ ଅଧିକ ଶିକ୍ଷା ପାଇଛନ୍ତି, ଯେ ସେମାନେ ପରମେଶ୍ୱରଙ୍କୁ ହିଁ ଏଥିରୁ ବାଦ ଦେଇଅଛନ୍ତି। ପ୍ରକୃତରେ, କାରଣ ଆପଣ ସେମାନଙ୍କୁ ବାକ୍ୟ କହିପାରନ୍ତି ଏବଂ ସେମାନେ ଚାରିଆଡ଼େ ଯିବେ ଏବଂ କହିବେ, "ତେବେ, ମୁଁ ଏହାକୁ ସେହି ପ୍ରକାରେ ବିଶ୍ୱାସ କରେ ନାହିଁ।" ଓଃ, ଆପଣ ମାଇଚିଆ ବିଷୟ! ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ।

177 ଏଠାରେ ଦେଖନ୍ତୁ।

*...ସେ କାହାକୁ ସମାଚାର...ବୁଝାଇ ଦେବ? କି ଦୁଗ୍ଧତ୍ୟାଗୀ, ଓ...କି ଦୁଗ୍ଧତ୍ୟାଗୀ, ଓ ସ୍ତନ୍ୟପାନରୁ ନିବୃତ୍ତ ଶିଶୁମାନଙ୍କୁ।*

178 ଅନ୍ୟ ଦିନେ, ମୋର ଜଣେ ପଡ଼ୋଶୀ ଆସିଲେ। ସେ କହିଲେ, "ବିଲି, ସହରର ଜଣେ ନିର୍ଦ୍ଦିଷ୍ଟ ପାଳକ, ଅତି ପ୍ରିୟ ସାନ ବ୍ୟକ୍ତିଜଣକ ଯାହାକି ଆପଣ କେବେ ଦେଖିଥିବେ..." କହିଲେ, "ପତ୍ନୀ ଏବଂ ମୁଁ ଆମର ପାଇଜାମା ପିନ୍ଧି, ପ୍ରାୟଃ ମଧ୍ୟରାତ୍ରିରେ ବସିଥିଲୁ, ଏବଂ ସେହି ସାନ ପାଳକ ଭିତରକୁ ଆସିଲେ ଏବଂ ସେ—ସେ—ସେ ଆମ ସହିତ କିଛି କଫି ପିଇଲେ ଏବଂ ସେ ଅନ୍ୟ ଜଣେ ପଡ଼ୋଶୀଙ୍କ ଘରକୁ ଗଲେ, ଏବଂ ସେ ସେମାନଙ୍କ ସହିତ ହାତ ମିଶାଇଲେ। ସେମାନଙ୍କର ଏକ ଛୋଟ ତାଶପତା ଖେଳ ଚାଲିଥିଲା, ଏବଂ ସେ ବସି ସେମାନଙ୍କ ସହିତ ତାଶପତା ଖେଳିଲେ।" କହିଲେ, "ଓଃ, ସେ ସବୁଠାରୁ ସାମାଜିକ ସାନ ବ୍ୟକ୍ତି ଥିଲେ ଯାହାକି ଆପଣ କଦାଚ ଦେଖିଥିବେ।" କହିଲେ, "ଓଃ, ଆମେ ତାଙ୍କୁ ପ୍ରେମ କରୁ। ଆମେ କୌଣସି ବି ମୂଲ୍ୟ ପାଇଁ ତାଙ୍କୁ ଛାଡିବୁ ନାହିଁ।"

179 ମୁଁ ସେଠାରେ ଅଳ୍ପ ଟିକିଏ ଛିଡା ହେଲି, ମୁଁ ଭାବିଲି, "ଆଚ୍ଛା?"

180 କହିଲେ, "ଓଃ, କଅଣ ଆପଣ ଭାବୁ ନାହାଁନ୍ତି ଯେ ପ୍ରତ୍ୟେକ ମଣ୍ଡଳୀକୁ ଏପରି ଜଣେ ବ୍ୟକ୍ତିର ଆବଶ୍ୟକ ଅଛି?" ହୁଃ! ମୁଁ ତାହା ଉତ୍ତର ଦେଇପାରିଲି ନାହିଁ। ସେ କହିଲେ, "ଆଉ ଏକ ଛୋଟ ସ୍ଥାନରେ," କହିଲେ, "ସେମାନଙ୍କର ଏପରି ଏକ ସୁନ୍ଦର ସ୍ଥାନ ଥିଲା। ଏହି ସେବକ ଏବଂ ତାଙ୍କ ପତ୍ନୀ, ପ୍ରିୟ ଲୋକମାନେ, ବାହାରକୁ ଗଲେ ଓ ପିଲାମାନଙ୍କ ସହିତ ଏଭଳି ଭାବରେ ବ୍ୟବହାର କଲେ ଯେ ଏପରିକି ସେମାନଙ୍କର ଏକ—ଏକ ବାଇବଲ ବିଦ୍ୟାଳୟ ରହିଥିଲା।" ଏବଂ କହିଲେ, "ସେମାନଙ୍କ ପାଖରେ ଏତେ ସଂଖ୍ୟାରେ ରହିଥିଲା, କେବଳ ସାନ ପିଲାମାନଙ୍କରେ ସେହି ବିଷୟଟି ଭର୍ତ୍ତି ହୋଇଯାଇଥିଲା।" କହିଲେ, "ମୋର ପ୍ରଭୁ, ସେ ସେହି ସାନ ପିଲାମାନଙ୍କୁ ସମସ୍ତ ପ୍ରକାରର ଛୋଟ ଛୋଟ କାହାଣୀ କହିପାରୁଥିଲେ।"

181 ମୁଁ କହିଲି, "ତାହା ଉତ୍ତମ ଅଟେ । ତାହା ଅତ୍ୟନ୍ତ ସୁନ୍ଦର ଅଟେ ।"

182 ମୁଁ ଫେରିଗଲି । ମୁଁ ବର୍ତ୍ତମାନ ହିଁ କାନାଡାରୁ ଆସିଅଛି । ମୁଁ ଭାବିଲି, "ମୁଁ ଏଠାରେ ଅଛି । ମୋର ପ୍ରଭୁ! ଲୋକମାନେ...ମୋ ସହିତ ମାମଲା କଅଣ ଅଟେ? ମୁଁ ତାହା କରେ ନାହିଁ ।" ମୁଁ ମୋ କାର ଧୋଇବାକୁ ଗଲି । ମୁଁ ଚିନ୍ତା କଲି, "ପରମେଶ୍ୱର, ମୁଁ ଜଣେ ବୃଦ୍ଧ ଲୋକ ହେବାକୁ ଯାଉଅଛି, ଏବଂ ମୁଁ ଏଠାରେ ଅଟେ । ମୁଁ ଯୁଦ୍ଧ କରିଅଛି । ମୁଁ କାନ୍ଦିଅଛି । ମୁଁ ଭିକ୍ଷା କରିଅଛି । ଏବଂ ଯାହା କିଛି ମୁଁ ପାଇଥାଏ ତାହା ହେଉଛି ଏକ ବଡ ନିନ୍ଦା ।"

183 କୌଣସି ବିଷୟ, କୌଣସି ବ୍ୟକ୍ତିଙ୍କୁ ଆପଣଙ୍କ ବିଷୟରେ କିଛି ଖରାପ କଥା କହିବାକୁ ଦିଅନ୍ତୁ, "ଓଃ, ସେହି ପୁରୁଣା ପବିତ୍ର-ପାଖଣ୍ଡ," ସେହିପରି କିଛି ।

184 ମୁଁ ସେ ବିଷୟରେ ଚିନ୍ତା କଲି । ଏବଂ ଏକ ରବ ମୋ ପାଖକୁ ଆସିଲା, କହିଲା, "ତେବେ ସେହି ଲୋକମାନେ ଠିକ୍ ଅଟନ୍ତି ଯଦି ସେମାନେ ତାହା କରୁଛନ୍ତି, କିନ୍ତୁ ମୁଁ ତୁମକୁ କେବେବି ତାହା କରିବା ପାଇଁ ଡାକି ନାହିଁ । ମୁଁ ତୁମକୁ ଖଡ୍ଗ ନେଇ ସେଠାରେ ଯିହୋଶୂୟଙ୍କ ପରି ଛିଡା ହେବା ପାଇଁ ଆହ୍ୱାନ କରିଥିଲି, ଭାଇ । କୌଣସି କିଛି ପୁରାତନ ସମାଜ କିମ୍ବା କିଛି ମାଣ୍ଡଳିକ ସଂଗଠନ ସହିତ ମୂର୍ଖ ହେବା ପାଇଁ ନୁହେଁ, ମାତ୍ର ଶୟତାନକୁ ଆହ୍ୱାନ କରିବାକୁ ଡାକିଅଛି । ସମ୍ମୁଖରେ ଛିଡା ହୋଇ, ଠିକକୁ ଠିକ ଏବଂ ଭୁଲକୁ ଭୁଲ୍ ବୋଲି କୁହ । ବାକ୍ୟ ପ୍ରଚାର କର ଏବଂ ଖୋଜି ଦେଖ ଯେ କାହା ପାଖରେ ଏହାକୁ ପ୍ରତ୍ୟୟ କରିବା ବିଶ୍ୱାସ ଅଛି । ତାକୁ ସେଠାରେ ରଖ ।"

185 ମୋତେ ସବୁବେଳେ, ସେହି କାରକୁ ଦ୍ରୁତ ଗତିରେ ଚଲାଇବା ହେତୁ, ଧୋଇବାକୁ ପଡ଼ିଥାଏ । ମୁଁ କହିଲି, "ପ୍ରଭୁ, ଧନ୍ୟବାଦ । ପ୍ରଭୁ, ଧନ୍ୟବାଦ ।" ସେତେବେଳେ ଭଲ ଅନୁଭବ କଲି । "ତାହା ଠିକ୍ ଅଛି, ପ୍ରଭୁ, ମୁଁ ତାକୁ ଆଉ ଟିକିଏ କସି କରି ଧରିବି, ଏବଂ ମୁଁ ନିଜ ହାତରେ ଏହାକୁ ଧରି ମରିବାକୁ ଚାହେଁ ।"

...ମୁଁ କାହାକୁ ଜ୍ଞାନ *ଶିକ୍ଷା* ଦେଇ*ପାରେ?* (ଶୁଣନ୍ତୁ ।)

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...*

*...କି ଦୁଗ୍ଧତ୍ୟାଗୀ, ଓ ସ୍ତନ୍ୟପାନରୁ ନିବୃତ୍ତ ଶିଶୁମାନଙ୍କୁ ।*

ତେବେ ଦେଖନ୍ତୁ ।

*କାରଣ ଏ ତ ବିଧି ଉପରେ—ଉପରେ ବିଧି, ବିଧି ଉପରେ ବିଧି;...ଧାଡି ଉପରେ ଧାଡି; ଏଠି ଅଳ୍ପ, ସେଠି ଅଳ୍ପ:*

*କାରଣ ବିଦେଶୀୟ ଓଷ୍ଠାଧର ଓ ପରଭାଷା ଦ୍ୱାରା ମୁଁ ଏହି ଲୋକମାନଙ୍କୁ କଥା କହିବି ।*

*ସେ ସେମାନଙ୍କୁ କହିଲେ, ଏହି ବିଶ୍ରାମ ତୁମ୍ଭେମାନେ କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ;... ପୁଣି ଏହି ତ ଆରାମ: ମାତ୍ର ସେମାନେ ଶୁଣିବାକୁ ସମ୍ମତ ହେଲେ ନାହିଁ।*

ଏହେତୁ *ଏଥିପାଇଁ ସେମାନଙ୍କ ପ୍ରତି **ସଦାପ୍ରଭୁ**ଙ୍କର ବାକ୍ୟ* (କେହି ଜଣେ ଏହାକୁ ପ୍ରଚାର କଲେ।) *ବିଧି ଉପରେ ବିଧି,...ଉପରେ ବିଧି; ଧାଡ଼ି ଉପରେ ଧାଡ଼ି,...ଉପରେ ଧାଡ଼ି; ଏଠି ଅଳ୍ପ, ସେଠି ଅଳ୍ପ ହେବ; ସେମାନେ ଯେପରି ଯାଇ, ପଶ୍ଚାତ୍ ପଡ଼ି, ଭଗ୍ନ ହେବେ, ଓ ଫାନ୍ଦରେ ପଡ଼ିବେ, ଓ ଧୃତ ହେବେ।*

186 ବିଶ୍ରାମ କଅଣ ଅଟେ? ବିଶ୍ରାମ କେବେ ଆସିଥିଲା? ଯେତେବେଳେ ଲୋକମାନେ ପରଭାଷାରେ କଥା କହିଥିଲେ ଏବଂ ବିଦେଶୀୟ ଓଷ୍ଠାଧର ରହିଥିଲା। ବିଦେଶୀୟ ଓଷ୍ଠାଧର; ସେମାନେ କିଛି କହିଲେ ନାହିଁ। ସେମାନଙ୍କର ଓଷ୍ଠାଧର ହଲିଥିଲା। ତାହା କେବେ ଘଟିଥିଲା? ପେଣ୍ଟିକଷ୍ଟ ଦିନରେ, ଯେତେବେଳେକି ପବିତ୍ରଆତ୍ମା ଆଗତ ହୋଇଥିଲେ। ତାହାହିଁ ହେଉଛି ବିଶ୍ରାମ: ସେହି ପବିତ୍ରଆତ୍ମା। ଯୀଶୁ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ଏବଂ ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି। ମୁଁ ତୁମକୁ ଜୀବନ, ଅନନ୍ତ ଜୀବନ ଦେବି," *ଜୋଇ*, ପରମେଶ୍ୱରଙ୍କ ନିଜର ଜୀବନ। ପରମେଶ୍ୱର ଆପଣଙ୍କ ନିକଟକୁ ଆସିବେ ଏବଂ ଆପଣଙ୍କର ଏକ ଅଂଶ ହୋଇଯିବେ। ସେ ଆପଣଙ୍କୁ ଏକ ଜନ୍ମ ଦେବେ ଏବଂ ଆପଣଙ୍କୁ ଏକ ପୁତ୍ର ଏବଂ କନ୍ୟା କରିବେ।

187 ତେବେ ଦେଖନ୍ତୁ। ତାହା ତୃତୀୟ ବିଶ୍ରାମ ଥିଲା ଯାହା ସେ ଦେଇଥିଲେ। ପ୍ରଥମ: ପରମେଶ୍ୱର ଏହାକୁ ନିଜ କାର୍ଯ୍ୟରୁ, ଗ୍ରହଣ କରିଥିଲେ। ଦ୍ୱିତୀୟ: ଇସ୍ରାଏଲ୍ ଏହାକୁ ବ୍ୟବସ୍ଥାରେ, ଗ୍ରହଣ କରିଥିଲା। ତୃତୀୟ: ମଣ୍ଡଳୀ ଏହାକୁ, ପରମେଶ୍ୱରଙ୍କ ଏକ ଅଂଶ ଭାବରେ ଗ୍ରହଣ କରିଥିଲା।

188 ତିନି ହେଉଛି ଜୀବନର ସଂଖ୍ୟା। କେତେ ଜଣ ତାହା ଜାଣନ୍ତି? ପ୍ରତ୍ୟେକ ଥର ଯେତେବେଳେ ଆପଣ ତିନି ଦେଖନ୍ତି, ଏହା ଜୀବନ ଅଟେ। ଧ୍ୟାନ ଦିଅନ୍ତୁ, ଯେତେବେଳେ ପରମେଶ୍ୱର ପୃଥିବୀକୁ ସୃଷ୍ଟି କଲେ, ତୃତୀୟ ଦିନରେ ଜୀବନ ଥିଲା। କେତେ ଜଣ ତାହା ଜାଣନ୍ତି? ତୃତୀୟ ଦିନ। ସୃଷ୍ଟିର ତୃତୀୟ ଦିନରେ ଜୀବନ ଆସିଥିଲା।

ସେହି ତ୍ରିତ୍ୱ: ପିତା ଏକ ଅଗ୍ନିସ୍ତମ୍ଭରେ, ଲୋକମାନଙ୍କ ଉପରେ ଥିଲେ; ପୁତ୍ର ଜଣେ ମଣିଷ ଥିଲେ, ଯିଏ ଲୋକମାନଙ୍କ ସହ କଥା ହୋଇଥିଲେ ଏବଂ ସେମାନଙ୍କୁ ପ୍ରସ୍ତୁତ କରିଥିଲେ; ପବିତ୍ରଆତ୍ମା ତୃତୀୟ ପଦକ୍ଷେପ ଥିଲା, ଯାହାକି ପବିତ୍ରଆତ୍ମା, ଲୋକମାନଙ୍କ ମଧ୍ୟରେ ପରମେଶ୍ୱର ଥିଲେ। ଜୀବନ! ପିତା, ପୁତ୍ର...

ପରମେଶ୍ୱରଙ୍କର, ସେହି ବିଶ୍ରାମ; ଇସ୍ରାଏଲର, ସେହି ବିଶ୍ରାମ; ଏବଂ ମଣ୍ଡଳୀର, ସେହି ବିଶ୍ରାମ, ସେହି ବିଶ୍ରାମବାର-ପାଳନ କରିବା।

189 ତେଣୁକରି, ଯଦି ଆପଣ ଏବେ ସୁଦ୍ଧା, କେବେବି ପବିତ୍ରଆତ୍ମା ଗ୍ରହଣ କରିନାହାଁନ୍ତି, ତାହାହେଲେ ଆପଣ କେବେବି ପରମେଶ୍ୱରଙ୍କ ବିଶ୍ରାମରେ ପ୍ରବେଶ କରି ନାହାଁନ୍ତି । ଆପଣଙ୍କୁ ଏହା କହିବାକୁ ପଡିବ ନାହିଁ, "ଓଃ, ମୁଁ କରିପାରିବି ନାହିଁ । ମୁଁ ଧୂମପାନ କରିବାକୁ ଚାହେଁ । ମୁଁ— ମୁଁ ତ ଏହା କରିପାରିବି ନାହିଁ; ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ । ମୁଁ ପ୍ରକୃତରେ ମଦ୍ୟପାନ କରିବାକୁ ଚାହେଁ ନାହିଁ, କିନ୍ତୁ ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ । ମୁଁ ତ କରି ହିଁ ପାରେ ନାହିଁ, ମଦ୍ୟପାନ କରିବାକୁ ଚାହେଁ ନାହିଁ, ମାତ୍ର ତଥାପି ମୁଁ ପସନ୍ଦ କରେ ।"

190 ଯଦି ଆପଣ ସ୍ତ୍ରୀଲୋକମାନଙ୍କ ପ୍ରତି କାମବାସନାରେ ଲୋଭ କରନ୍ତି, ଯଦି ଆପଣ ଏହି ସବୁ ଅଧାର୍ମିକ କାର୍ଯ୍ୟ କରନ୍ତି, ତାହାହେଲେ ଆପଣ ଏଯାଏଁ କେବେବି ସେହି ବିଶ୍ରାମର କାଳକୁ ପାଇ ନାହାଁନ୍ତି । ଆପଣ କଦାପି ନିଜର ସେହି ବିଶ୍ରାମ ମଧ୍ୟକୁ ପ୍ରବେଶ କରିନାହାଁନ୍ତି ।

191 ଏବଂ ଯେତେବେଳେ ଆପଣ ଏହି ବିଶ୍ରାମ ମଧ୍ୟକୁ ପ୍ରବେଶ କରନ୍ତି, ସେତେବେଳେ ଆପଣ ନିଜର ସାଂସାରିକ କାର୍ଯ୍ୟରୁ ନିବୃତ୍ତ ହୁଅନ୍ତି, ଯେପରିକି ପରମେଶ୍ୱର ତାହାଙ୍କ କାର୍ଯ୍ୟରୁ ହୋଇଥିଲେ । କାହିଁକି? ଆପଣ ପରମେଶ୍ୱରଙ୍କର ଏକ ଅଂଶ ଅଟନ୍ତି । ଆପଣ ଅନନ୍ତକାଳ ପାଇଁ, ବିଶ୍ରାମ କରନ୍ତି । ଆପଣ ସେଠାରେ ଅଛନ୍ତି । ତାହାହିଁ ହେଉଛି ବିଶ୍ରାମବାର । "ହେ ପରିଶ୍ରାନ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ ।"

> *ସେ ପୁନର୍ବାର, ଆଉ ଗୋଟିଏ ଦିନ ଅର୍ଥାତ୍* ଆଜି ଦିନ ନିରୂପଣ *କରି,*... *ଏତେ କାଳ ପରେ ଦାଉଦଙ୍କ ଗ୍ରନ୍ଥରେ କହନ୍ତି,;*...*ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଆପଣା ଆପଣା ହୃଦୟ କଠିନ ନ କର ।*

192 ତେବେ ଏଠାରେ କେବଳ ଗୋଟିଏ କିମ୍ବା ଦୁଇଟି ଶବ୍ଦ, ତାହାପରେ ଆମେମାନେ ବନ୍ଦ କରିବା ।

> *ଯେଣୁ ଯେ ଖ୍ରୀଷ୍ଟଙ୍କ ବିଶ୍ରାମରେ ପ୍ରବେଶ* କରିଅଛି,...

> *ହେ ପରିଶ୍ରାନ୍ତ* ଓ...*ଭାରଗ୍ରସ୍ତ* ଲୋକ *ସମସ୍ତେ, ମୋ ନିକଟକୁ ଆସ*...

> ...ସପ୍ତମ ଦିନରେ, *ପରମେଶ୍ୱର ଆପଣା କାର୍ଯ୍ୟରୁ ଯେପରି ବିଶ୍ରାମ କଲେ,* ସେହିପରି ତୁମ୍ଭେ *ମଧ୍ୟ* ଆପଣା କା*ର୍ଯ୍ୟରୁ ବିଶ୍ରାମ ପ୍ରାପ୍ତ ହୋଇଅଛ ।*

ହୁଏତ ଆପଣଙ୍କର ତିରିଶତମ ବର୍ଷରେ ହୋଇଥିବ, ଚାଳିଶତମ ବର୍ଷରେ ହୋଇଥିବ, ପଞ୍ଚମ ବର୍ଷରେ ହୋଇଥିବ, ଏହା ଯାହାକିଛି ବି ଅଟେ । ଆପଣ ନିଜ କାର୍ଯ୍ୟରୁ ନିବୃତ୍ତ ହୋଇଅଛନ୍ତି, ଯେପରି ପରମେଶ୍ୱର ଅନନ୍ତକାଳ ପାଇଁ, ତାହାଙ୍କ କାର୍ଯ୍ୟରୁ ହୋଇଥିଲେ । ଆପଣ ଆଉ ଅଧିକ ଜଗତର ବିଷୟଗୁଡିକୁ ଚାହାଁନ୍ତି ନାହିଁ । ସଂସାର ଆପଣଙ୍କ ପାଇଁ ମୃତ ଅଟେ ।

193 ତେବେ, ଅତି ଧ୍ୟାନ ସହାକାରେ ବର୍ତ୍ତମାନ, 11ଶ ପଦ ।

> *ଏଣୁ ଆସ ଆମ୍ଭେମାନେ ସେହି ବିଶ୍ରାମରେ ପ୍ରବେଶ କରିବାକୁ ଯତ୍ନ କରୁ,* (*ଏହା* ନୁହେଁ, *ଏହା* ନୁହେଁ, ମାତ୍ର *ଏହି* ଗୋଟିକ), *ଯେପରି କୌଣସି ଲୋକ ଅବାଧ୍ୟତାର ସେହି ଦୃଷ୍ଟାନ୍ତ ଅନୁସାରେ ପତିତ ନ ହୁଏ ।*

194 ଏହା କଅଣ ଅଟେ? ସେହି ଅଗ୍ନିସ୍ତମ୍ଭ ଏଠାରେ ଅଛି । ପ୍ରଭୁଙ୍କର ସ୍ୱର୍ଗଦୂତ ଆମ ସହିତରେ ଅଛନ୍ତି । ସେ ସେହି ସମାନ କାର୍ଯ୍ୟଗୁଡିକୁ କରୁଛନ୍ତି ଯାହା ସେ କରିବେ ବୋଲି କହିଥିଲେ । ଏବଂ ଲୋକମାନେ ଚାରିପାଖରେ ଝୁଣ୍ଟି ପଡ଼ନ୍ତି, କୁହନ୍ତି, "ଓଃ, ତେବେ, ମୁଁ ଅନୁମାନ କରୁଛି ଯେ ତାହା ଠିକ୍ ଅଟେ । ତାହା ବହୁତ ଭଲ ଅଟେ । ଓଃ, ମୁଁ ଅନୁମାନ କରୁଛି ଏହା ଠିକ ଅଟେ ।" ସାବଧାନ ରୁହନ୍ତୁ ଯେପରି ଆପଣ ସେହି ସମାନ ଅବିଶ୍ୱାସର ଫାନ୍ଦରେ ନ ପଡନ୍ତି । ଆପଣ ଏହାକୁ ନିଜର ସମସ୍ତ ହୃଦୟ ସହିତରେ ଗ୍ରହଣ କରନ୍ତୁ ।

195 ଦେଖନ୍ତୁ ।

> *କାରଣ ପରମେଶ୍ୱରଙ୍କ ବାକ୍ୟ* (ମଣ୍ଡଳୀର ଶିକ୍ଷା ନୁହେଁ), *ପରମେଶ୍ୱରଙ୍କ ବାକ୍ୟ* ଜୀବନ୍ତ, ଓ କାର୍ଯ୍ୟ*ସାଧକ,...ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର,* (ଶୁଣନ୍ତୁ), ଆଉ *ପ୍ରାଣ, ଓ ଆତ୍ମା,...ଗ୍ରନ୍ଥି ଓ ମଜ୍ଜାର,...ବିଚ୍ଛେଦ* ପର୍ଯ୍ୟନ୍ତ *ପରିଭେଦକ...* (ଶୁଣନ୍ତୁ), *ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।*

ତାହା କଅଣ ଥିଲା? ପବିତ୍ରଆତ୍ମା ଆସି ଏହା କହିପାରନ୍ତି, "ତୁମେ ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* କାର୍ଯ୍ୟ କରିଅଛ । ଏବଂ ତୁମେ *ଏହା* କରିଛ ଏବଂ *ତାହା* କରିଅଛ । ତୁମର *ଏହି* ପ୍ରକାର ରୋଗ ଅଛି, ଏବଂ *ସେହି* ପ୍ରକାର ଅଛି । ଯଦି ତୁମେ *ଏହା*କୁ ସଠିକ କରି ଦେବେ, ତାହାହେଲେ ତୁମେ *ତାହା* କରିବ ।" ବୁଝିଲେ? ହୃଦୟର ଚିନ୍ତାର ସୂକ୍ଷ୍ମ ବିଚାରକ ।

196 ଏବଂ ଲୋକମାନେ କୁହନ୍ତି, "ତାହା କଅଣ ଅଟେ? କାହିଁକି, ଏହା ତ ମନକୁ ପଢିବାର ବିଦ୍ୟା ଟେଲିପ୍ୟାଥୀ ଅଟେ । କାହିଁକି, ଏହା ତ ଏକ...ସେ ଜଣେ କୁହୁକ-ବିଦ୍ୟାକାରୀ ଅଟେ ।" ଦେଖନ୍ତୁ ମୋର କହିବାର ଅଭିପ୍ରାୟ କଅଣ? ଏହା ଏକ ଦୁଷ୍ଟ, ପୁରୁଣା ବ୍ୟଭିଚାରୀ ଜଗତ ଅଟେ ଯାହା ପରମେଶ୍ୱରଙ୍କୁ ଜାଣେ ନାହିଁ ।

197 "ଏହା ତ ଜୀବନ୍ତ, ଓ କାର୍ଯ୍ୟ-ସାଧକ, ଗୋଟିଏ ଦ୍ୱି-ଧାର ଖଡ୍ଗଠାରୁ ତୀକ୍ଷ୍ଣତର, ଏବଂ ହୃଦୟର ଚିନ୍ତା ଓ ଭାବର ଏକ ସୂକ୍ଷ୍ମ ବିଚାରକ ଅଟେ ।"

ତେବେ, ଏହା କଅଣ ଅଟେ ଯାହାକି ହୃଦୟର ଚିନ୍ତାଗୁଡିକୁ ଜାଣିଥାଏ? ପରମେଶ୍ୱର । ଆପଣ କୁହନ୍ତି, "ତେବେ, ବାଇବଲ କୁହେ ଯେ, 'ପରମେଶ୍ୱରଙ୍କ ବାକ୍ୟ ।'" ପରମେଶ୍ୱରଙ୍କ ବାକ୍ୟ ହେଉଛନ୍ତି ପରମେଶ୍ୱର ।

> *ଆଦ୍ୟରେ ବାକ୍ୟ ଥିଲେ,...ବାକ୍ୟ ପରମେଶ୍ୱରଙ୍କ ସଙ୍ଗରେ ଥିଲେ, ଓ ସେହି ବାକ୍ୟ ପରମେଶ୍ୱର ଥିଲେ ।*

*ଏବଂ ସେହି ବାକ୍ୟ ଦେହବନ୍ତ ହେଲେ, ଓ ଆମମାନଙ୍କ ମଧ୍ୟରେ ବାସ କଲେ,...*

198 ପରମେଶ୍ୱର ହୃଦୟର ଚିନ୍ତାଧାରାକୁ ସୂକ୍ଷ୍ମ ଭବରେ ବିଚାର କରନ୍ତି । ଅବ୍ରହାମ ନିଜର ପିଠି କରିଥିଲେ ଏବଂ—ଏବଂ ପରମେଶ୍ୱର ମଧ୍ୟ ତମ୍ବୁ ଆଡେ ନିଜର ପିଠିକୁ କରିଥିଲେ । ଏବଂ ସାରା ହସିଲେ । ଆଉ ପରମେଶ୍ୱର ବୁଲି ପଡ଼ି, କହିଲେ, "ସାରା କେଉଁ ବିଷୟ ପାଇଁ ହସିଲା?" ହୃଦୟର ଚିନ୍ତାଧାରାର ଏକ ସୂକ୍ଷ୍ମ ବିଚାରକ! ମୁଁ ଚାହେଁ ଯେ ତାହା ଟିକିଏ ନିମଜ୍ଜିତ କରୁ ।

199 ତେବେ ଯେତେବେଳେ ସେହି ପ୍ରକାରର ଏକ ସେବାକାର୍ଯ୍ୟ ଉତ୍ଥିତ ହୁଏ, ଯାହାକି ପରମେଶ୍ୱର ଶେଷ ଦିନ ପାଇଁ ପ୍ରତିଜ୍ଞା କରିଥିଲେ, ତେବେ କଅଣ ଘଟେ? "ମନକୁ ପଢିବାର ବିଦ୍ୟା ଟେଲିପ୍ୟାଥୀ ।"

200 କଅଣ ସେମାନେ ସ୍ୱୟଂ, ପ୍ରଭୁଙ୍କୁ ହିଁ, "ବାଆଲ୍‌ଯିବୂଲ୍" ବୋଲି ଡାକି ନ ଥିଲେ କି? ସେ କହିଲେ, "ଯଦି ସେମାନେ ଘରର ସ୍ୱାମୀକି 'ବାଆଲ୍‌ଯିବୂଲ୍,' ବୋଲି ଡାକିଅଛନ୍ତି, ତେବେ ତାହାଙ୍କର ଶିଷ୍ୟମାନଙ୍କୁ ସେମାନେ କେତେ ଅଧିକ ନ ଡାକିବେ?"

201 ମୁଁ ଆପଣମାନଙ୍କୁ ପ୍ରେମ କରେ । ଏହା ଦର୍ଶାଇବାକୁ ଯାଏ ଯେ ଆପଣମାନେ ଯଥେଷ୍ଟ ଆଗ୍ରହୀ ଅଟନ୍ତି, ଆପଣଙ୍କୁ ସୁସମାଚାର ଶୁଣିବା ପାଇଁ ଏକ ବାତା-ନୁକୂଳ ଭବନକୁ ଆସିବାକୁ ପଡ଼େ ନାହିଁ। ଏହିପରି ଏକ ସ୍ଥାନକୁ ଆସିବା ହେତୁ ଆପଣ ଯଥେଷ୍ଟ କ୍ଷୁଧିତ ଅଟନ୍ତି । ପରମେଶ୍ୱର ଆମକୁ ଏହା ବ୍ୟତୀତ ଆଉ କିଛି ନିର୍ମାଣ କରିବାକୁ ଦେବେ ନାହିଁ। ଆମେମାନେ ଏହାକୁ ଏହିପରି ଭାବରେ ଭଲ ପାଉ । କେବଳ ଏକ ଛୋଟ ପୁରୁଣା କୁଡିଆ, ମାତ୍ର ଆମେମାନେ ସେହି ଉପାୟରେ ଏହାକୁ ଭଲ ପାଉ । ପରମେଶ୍ୱର ଚାକଚକ୍ୟତାରେ ବାସ କରନ୍ତି ନାହିଁ । ପରମେଶ୍ୱର ତ ନମ୍ରତାରେ ବାସ କରନ୍ତି । ଆମେମାନେ ଏହାକୁ ଏହିପରି ଭାବରେ ଭଲ ପାଉ । ଆମେମାନେ ଏହିପରି ଏକ—ଏକ ସ୍ଥାନକୁ ଆସି, ବସିବା ପାଇଁ ଖୁସି ଅଟୁ, ଏବଂ ଆପଣ, ମଧ୍ୟ ଖୁସି ଅଟନ୍ତି । ଏଥିରେ କିଛି ଫରକ୍ ପଡେ ନାହିଁ ଯେ ଏହା କେତେ ଗରମ ଅଟେ, ଆପଣ ନିଜର ନୂଆ ସୁଟରେ କେତେ ଝାଳନାଳ ହୁଅନ୍ତି, ତାହା କୌଣସି ଫରକ ପକାଏ ନାହିଁ ।

ଆପଣ ତ ଅନନ୍ତ ଜୀବନକୁ, ପରମେଶ୍ୱରଙ୍କ ବାକ୍ୟକୁ ଶୁଣୁଅଛନ୍ତି ଯାହାକି ଆପଣଙ୍କର ହୃଦୟର ଚିନ୍ତାଧାରାକୁ ଜାଣେ । ସେହି ଅଗ୍ନିସ୍ତମ୍ଭ ଯାହା ଇସ୍ରାଏଲର ସନ୍ତାନଗଣଙ୍କ ଉପରେ ଝୁଲି ରହିଥିଲା, ଆଜି ରାତି ଏଠାରେ ଝୁଲୁଅଛି । ମୁଁ ଏହାକୁ ଆହ୍ୱାନ କରିପାରେ: ଏଠାରେ ଏପରି କୌଣସି ଜଣେ ହେଲେ ବ୍ୟକ୍ତି ନାହାଁନ୍ତି ଯିଏକି ପବିତ୍ରଆତ୍ମାଙ୍କ ଶକ୍ତି ଅଧୀନରେ ଛିଡା ହୋଇପାରିବେ ଯାହାଙ୍କ ବିଷୟରେ ପରମେଶ୍ୱର ସବୁ କିଛି ଠିକ ଠିକ କହିପାରିବେ ନାହିଁ ଓ ଏହା କହିପାରିବେ ନାହିଁ ଯେ ସେ କିଏ ଅଟନ୍ତି । ତାହା ଠିକ୍ ଅଟେ । ଆପଣ ସେଠାରେ ଅଛନ୍ତି ।

202 ଏହା କଅଣ ଅଟେ? ଏହା କଅଣ ଅଟେ? ଏହା ସେହି ସମାନ ଆତ୍ମା ଅଟେ ଯିଏକି ଇସ୍ରାଏଲର ସନ୍ତାନଗଣଙ୍କୁ ସେମାନଙ୍କର ବିଶ୍ରାମକୁ କଢେଇ ନେଇଥିଲେ, ଏବଂ ସେମାନେ

ଅବିଶ୍ୱାସ ହେତୁ ପତିତ ହୋଇଯାଇଥିଲେ । ଆପଣ ପତିତ ହୁଅନ୍ତୁ ନାହିଁ । ଏହା ହେଉଛି ଶେଷ ସୁଯୋଗ । ପିତା, ପୁତ୍ର, ଏବଂ ପବିତ୍ରଆତ୍ମା, ଜୀବନ ସେଠାରୁ ଆସିଥାଏ ।

203 ଧାର୍ମିକ ଗଣିତ ହେବା, ମାର୍ଟିନ୍ ଲୁଥର୍, ତଥାପି ଧର୍ମର ଏକ ରୂପ ଅଟେ । ପବିତ୍ରୀକୃତ ହେବା...ମାର୍ଟିନ୍ ଲୁଥର୍; ଜନ ୱେସ୍‌ଲି; ପବିତ୍ରଆତ୍ମାଙ୍କ ଏହି ବାପ୍ତିସ୍ମ, ଜୀବନ ଅଟେ। ଧାର୍ମିକ ଗଣିତ ହେବା, ହେଉଛି ବିଶ୍ୱାସ କରିବା; ପବିତ୍ରୀକୃତ ହେବା, ହେଉଛି ପରିଷ୍କୃତ ହେବା; ପବିତ୍ରଆତ୍ମା, ହେଉଛି ପରିପୂର୍ଣ୍ଣ ହେବା, ଜୀବନ। ଲୁଥରାନ୍ ଯୁଗ ଦେଇ ନୁହେଁ; ସେମାନଙ୍କଠାରେ ଏହା ଏକ ରୂପରେ ରହିଥିଲା। ୱେସ୍‌ଲି ଯୁଗ ଦେଇ ନୁହେଁ; ସେମାନଙ୍କଠାରେ ଏହା ଏକ ରୂପରେ ରହିଥିଲା। ମାତ୍ର ଏହା ସେହି ଯୁଗ ଅଟେ ଯେତେବେଳେକି ପବିତ୍ରଆତ୍ମା, ନିଜେ ଆସନ୍ତି ।

204 ଏବଂ ଯଦି ଆପଣ ଏହାକୁ ଗ୍ରହଣ କରିନାହାଁନ୍ତି, ତାହାହେଲେ ଆପଣ କିପରି, ଆପଣ କିପରି ଚମତ୍କାରଗୁଡିକୁ ବିଶ୍ୱାସ କରିପାରନ୍ତି? ତାହା ତ ଏହାକୁ ବିଶ୍ୱାସ କରିବା ପାଇଁ, ଆପଣଙ୍କଠାରେ, ପରମେଶ୍ୱରଙ୍କୁ ଆବଶ୍ୟକ କରେ । ଆପଣ ପରମେଶ୍ୱରଙ୍କ ପରି ଆଚରଣ କରନ୍ତି । ଆପଣ ପରମେଶ୍ୱରଙ୍କ ପରି ଜାଣନ୍ତି । ଆପଣ ପରମେଶ୍ୱରଙ୍କ ପରି ଚିନ୍ତା କରନ୍ତି । ବାଇବଲ କୁହେ ଯେ ଆପଣ ଦକ୍ଷତାସମ୍ପନ୍ନ, ଛୋଟ "ଈଶ୍ୱରମାନ" ଅଟନ୍ତି । ଯୀଶୁ ଏହା କହିଥିଲେ । କାରଣ, ଆପଣ ପରମେଶ୍ୱରଙ୍କର ଏକ ଅଂଶ ଅଟନ୍ତି ।

ଠିକ ଯେପରି ଭାବରେ ମୁଁ ଜଣେ ସାନ ବ୍ରାନହାମ୍ ଅଟେ, ଏବଂ ଆପଣ ଜଣେ ସାନ ଅମୁକ-ଯେକେହି-ଅଟନ୍ତି, ଏବଂ ଯେହେତୁ ଆପଣଙ୍କର ପିତାମାତାଙ୍କର ସେହି ନାମ ଅଟେ । ଆପଣ ଯେଉଁ ପ୍ରକୃତିର ଅଟନ୍ତି ତାର କାରଣ ହେଉଛି ଆପଣଙ୍କର ପିତାମାତା ସେହିଭଳି ଅଟନ୍ତି, 'କାରଣ ଆପଣ ସେମାନଙ୍କଠାରୁ ଜନ୍ମ ହୋଇଥିଲେ ।

ଏବଂ ସେହି କାରଣ ଯେ ଆପଣ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି, ଏବଂ ଚମତ୍କାରରେ, ଏବଂ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମରେ ବିଶ୍ୱାସ କରନ୍ତି, କାରଣ ଆପଣ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି । ଆପଣ ଜୀବନକୁ ଗ୍ରହଣ କରନ୍ତି । ଜୀବନଟି ତୃତୀୟରେ ଆସେ । ଠିକ୍ ଅଛି ।

205 ଯେତେବେଳେ ଯୀଶୁ ପର୍ବତ ଉପରକୁ ଗଲେ, ସେ ଯେଉଁଆଡେ ବି ଗଲେ, ସେ ପିତର, ଯାକୁବ, ଏବଂ ଯୋହନଙ୍କୁ, ତିନି ସାକ୍ଷୀ ଭାବରେ ନେଇଥିଲେ । ତିନି ହେଉଛି ଜୀବନର ସଂଖ୍ୟା । ଏହା ବୁଝିଲେ କି? ପ୍ରେମ, ଆନନ୍ଦ, ଶାନ୍ତି ।

206 ତେବେ, ଆସନ୍ତୁ ଆମେମାନେ ବର୍ତ୍ତମାନ ଶୀଘ୍ର, ସେହି ପର୍ବର ଶେଷକୁ ଯିବା, ଯେତେବେଳେକି ଆମେମାନେ ପାଠ କରୁ ।

*କାରଣ ପରମେଶ୍ୱରଙ୍କ ବାକ୍ୟ ଜୀବନ୍ତ, ଓ କାର୍ଯ୍ୟସାଧକ...ଦ୍ୱିଧାର ଖଣ୍ଡଠାରୁ ତୀକ୍ଷ୍ଣତର,...ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।*

*ପରମେଶ୍ୱରଙ୍କ ସମ୍ମୁଖରେ କୌଣସି ପ୍ରାଣୀ ଅପ୍ରକାଶିତ ନାହାଁନ୍ତି: ମାତ୍ର ଯାହାଙ୍କ ଛାମୁରେ...ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ ।*

207 ଭାଇ, ସେଠାରେ କୌଣସି ଏକ ମାଛି ସୁଦ୍ଧା ନାହିଁ ଯିଏକି ସେଠାରେ ଏକ ଖୁଣ୍ଟରେ ବସିପାରିବ, ଯାହାକୁ ସେ ଜାଣି ନ ଥିବେ। "ସବୁକିଛି ଜିନିଷ ଅନାବୃତ ଅଟେ।" ଭାଇ, ସେ ସମସ୍ତକିଛି ବିଷୟ ଜାଣନ୍ତି ଯାହାକି ଆପଣ କେବେ କରିଥିଲେ, ପ୍ରତ୍ୟେକ ବିଚାର ଯାହା ଆପଣ କେବେ ଚିନ୍ତା କରିଥିଲେ। ତାହାହିଁ ଅଟେ ଯାହାକି ସେ ଅଟନ୍ତି। ଆମେ ତାହାଙ୍କୁ ସେହିପରି ଭାବରେ ହିଁ ବିଶ୍ୱାସ କରୁ।

ଏବଂ ଯେତେବେଳେ ପରମେଶ୍ୱର ଆମ ଭିତରକୁ ଆସନ୍ତି, ଏବଂ ଆମକୁ ମଣ୍ଡଳୀରେ ସ୍ଥାପନ କରନ୍ତି, ସେ ନିଜର ସୃଷ୍ଟିକୁ ପରିଚାଳନା କରିବା ନିମନ୍ତେ, ମଣ୍ଡଳୀରେ ବରଦାନ ଓ ବିଷୟସବୁ ରଖନ୍ତି। ଯଦି ପରମେଶ୍ୱର ସେହି ଅସୀମ ପରମେଶ୍ୱର ଅଟନ୍ତି, ତେବେ ସେ ରୋଗୀମାନଙ୍କୁ ସୁସ୍ଥ କରନ୍ତି। ସେ ମୃତମାନଙ୍କୁ ପୁନରୁତ୍‌ଥିତ କରିପାରନ୍ତି। ସେ କୁଷ୍ଠରୋଗୀମାନଙ୍କୁ ପରିଷ୍କାର କରିପାରନ୍ତି, ଅନ୍ଧମାନଙ୍କୁ ଦେଖିବା ପାଇଁ ଦୃଷ୍ଟି ଦେଇପାରନ୍ତି। ସେ ଦର୍ଶନମାନ ଦେଇପାରନ୍ତି। ସେ ଏହି ସମସ୍ତ ପ୍ରକାର ବିଷୟଗୁଡିକୁ, ଆପଣା ମଣ୍ଡଳୀ ମାଧ୍ୟମରେ କାର୍ଯ୍ୟକାରୀ କରାଇପାରନ୍ତି, କାରଣ ଏହା ଆପଣଙ୍କ ଭିତରେ ପରମେଶ୍ୱର ଥାଆନ୍ତି। ମଣ୍ଡଳୀ ସେଠାରେ ଅଛି।

208 କିପରି ସେହି ମଣ୍ଡଳୀଟି ଏଥିରେ ଯୋଗ ଦେବା ଦ୍ୱାରା, ଏକ ମଣ୍ଡଳୀ ହୋଇଯାଏ? ନା, ଆଜ୍ଞା। ହାତ ମିଶାଇବା ଦ୍ୱାରା? ନା, ମହାଶୟ। ଜଳ ବାପ୍ତିସ୍ମ ଦ୍ୱାରା? ନା, ମହାଶୟ। ସଦସ୍ୟତା ଦ୍ୱାରା? ନା, ଆଜ୍ଞା। ଆପଣ ଏହାକୁ କିପରି ପାଆନ୍ତି? "କାରଣ ଏକ ଆତ୍ମା ଦ୍ୱାରା ଆମେମାନେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ।" ସେଠାରେ ଆପଣ ଅଛନ୍ତି।

209 ରୋମୀୟ ୮:1।

*ଅତଏବ କୌଣସି ଦଣ୍ଡାଜ୍ଞା ନାହିଁ...*

"କୌଣସି ସାଂସାରିକ ଦଣ୍ଡାଜ୍ଞା ନାହିଁ।" ସେମାନେ ଆପଣଙ୍କ ଉପରେ କୌଣସି ବିଷୟକୁ ନେଇ ଅଭିଯୋଗ ଆଣିପାରନ୍ତି ନାହିଁ।

*ଅତଏବ...ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି* ବର୍ତ୍ତମାନ *କୌଣସି ଦଣ୍ଡାଜ୍ଞା ନାହିଁ, ଯେଉଁମାନେକି ଶାରୀରିକ ଭାବାନୁସାରେ ଆଚରଣ ନ କରି, ବରଂ ଆତ୍ମିକ ଭାବାନୁସାରେ ଅନୁସାରେ ଆଚରଣ କରନ୍ତି।*

210 ଆପଣ ସେଠାରେ ଅଛନ୍ତି। ସେହି ଉପାୟରେ ହିଁ ଆପଣ ନିଜର ଖ୍ରୀଷ୍ଟଧର୍ମକୁ ବିଚାର କରନ୍ତି। ସେହି ଉପାୟରେ ହିଁ ଆପଣ ଜାଣିବେ ଯେ ଆପଣ ସେହି ବିଶ୍ରାମରେ ପ୍ରବେଶ କରିଛନ୍ତି, ଜଗତ ଆଉ ଅଧିକ ଆପଣଙ୍କୁ ବ୍ୟତିବ୍ୟସ୍ତ କରେ ନାହିଁ। ନିଶ୍ଚିତ ଭାବରେ। ଆପଣ ଏହା ଦେଖନ୍ତି, ଏଥିରୁ ଦୂରେଇ ଚାଲିଯାଆନ୍ତି।ଆପଣଙ୍କ ପାଖରେ ଚିନ୍ତା କରିବା ନିମନ୍ତେ ଅଧିକ ଉତ୍ତମ ବିଷୟମାନ ରହିଛି। ସେଠାରେ ଆପଣ ଅଛନ୍ତି, "କୌଣସି ଦଣ୍ଡାଜ୍ଞା ନାହିଁ।" ସେହିପରି ଭାବରେ ହିଁ ଆମେ ସେହି ଶରୀର ମଧ୍ୟକୁ ପ୍ରବେଶ କରିଥାଉ।

211 ଏବଂ ଆପଣ, "ଚିରକାଳ ପାଇଁ" ସୁରକ୍ଷିତ ଅଟନ୍ତି । ବାଇବଲ ଏପରି କୁହେ । ଏଠାରେ ଏବ୍ରୀର, ସେହି 10ମ ପର୍ବରେ ଦେଖନ୍ତୁ । ସେ କୁହନ୍ତି:

> କାରଣ ଯେଉଁଠାରେ ବୃଷ ଓ ଛାଗର ବଳି ଉତ୍ସର୍ଗ କରାଯାଏ, ସେଠାରେ ବର୍ଷକୁ *ବର୍ଷ ପାପ ସ୍ମରଣ କରାଯାଏ ।*
>
> *ମାତ୍ର ଏହି ବ୍ୟକ୍ତି,...*ଗୋଟିଏ *ବଳି ଉତ୍ସର୍ଗ ଦ୍ୱାରା...*

ତାହାଙ୍କ ପବିତ୍ର ନାମର ଧନ୍ୟ ହେଉ ।

> *କାରଣ କେବଳ ଏକ ବଳିର ଉତ୍ସର୍ଗ ଦ୍ୱାରା ସେ...ଚିରକାଳ ପାଇଁ ସିଦ୍ଧ କରିଅଛନ୍ତି*

212 ହାଲ୍ଲେଲୁୟା! ପରବର୍ତ୍ତୀ ଉଦ୍ଦୀପନା ପାଇଁ ନୁହେଁ, ମାତ୍ର *ଚିରକାଳ* ପାଇଁ । "ପୁରାତନ ଜିନିଷଗୁଡ଼ିକ ଚାଲିଯାଇଛି; ଏବଂ ସମସ୍ତ ବିଷୟ ନୂତନୀକୃତ ହୋଇଅଛି ।" ଆମେମାନେ ଆଲୋକ, ସୁନ୍ଦର ଆଲୋକରେ ଗମନ କରୁଅଛୁ । ପକ୍ଷୀମାନେ ଅଲଗା ଗୀତ ଗାନ କରନ୍ତି ।

213 ଏଠାରେ ବସି, ମୁଁ ଭାବୁଛି, ଯେ ପ୍ରାୟଃ ପାଞ୍ଚ ବର୍ଷ ପୂର୍ବେ, ଏହି ସାନ ମଦ୍ୟପକୁ ଦେଖିଥିଲି । ରୋଜେଲା, ଜଣେ ନାଲି ଆଖି ଥିବା ଝିଅଟିଏ, ଶିକାଗୋର ରାସ୍ତାରେ ଚାଲି ଯାଉଥିଲା, ମଦ୍ୟପାନ କରି, ଅସନ୍ତୁଳିତ ଭାବେ ଚାଲୁଥିଲା, ସେଠାରେ ଥିବା ପ୍ରତ୍ୟେକ ପ୍ରକାରର ପାପ ମଧ୍ୟକୁ ଚାଲି ଯାଉଥିଲା, ମଦ୍ୟପ ଭାବରେ ଏବଂ ସବୁକିଛି ଯାହା ସେ ହୋଇପାରିଥାଏ । ଏବଂ ଗୋଟିଏ ରାତି, ପବିତ୍ରଆତ୍ମା, ଯାହାକି ଦ୍ୱି-ଧାର ଖଣ୍ଡ ଅପେକ୍ଷା ଅଧିକ ତୀକ୍ଷ୍ଣତର ଏବଂ ଅଧିକ ଶକ୍ତିଶାଳୀ, କହିଲେ, "ହେ ନାରୀ, ତୁମେ ଜଣେ ମଦ୍ୟପ ଅଟ ।" ହାଲ୍ଲେଲୁୟା! ଯଦି ତାହା ସେହି ସମାନ ପରମେଶ୍ୱର ନୁହଁନ୍ତି ଯିଏକି ସେହି ବିଗତ ସମୟରେ ଥିଲେ, ଯିଏକି ଏହା ଜାଣିଥିଲେ ଯେ ସାରା ତାଙ୍କ ପଛରେ ହସିଥିଲେ, ତେବେ ମୁଁ ଜାଣେ ନାହିଁ ଯେ ସେ କଅଣ ଅଟନ୍ତି ।

214 ସେଠାରେ ଶ୍ରୋତାବୃନ୍ଦଙ୍କ ମଧ୍ୟରେ ଅନ୍ୟ ଏକ ସାନ ମହିଳାଙ୍କ ପାଖକୁ ସେ ଗଲେ ଏବଂ ନେଲେ, ଏବଂ ସେଠାକୁ ନେଇକରି ଆସିଲେ, କହିଲେ, "ତୁମେ ଜଣେ ମିଶାସକ୍ତ ଅଟ ।" ସେ କିପରି ମନର ଚିନ୍ତାଗୁଡିକୁ ଜାଣି ଯାଆନ୍ତି!

215 ଏବଂ ସେଠାରେ ବଡ ବଡ ସମ୍ଭ୍ରାନ୍ତ ସେବକମାନେ ବସିଥିଲେ, ଯାହାଙ୍କର ବିଶ୍ୱ-ବ୍ୟାପୀ ସୁସମାଚାର ପ୍ରଚାର ସେବାକାର୍ଯ୍ୟ ରହିଥିଲା, ସେମାନେ ନିଜର ହାତକୁ ଟି-ସାର୍ଟ କୁର୍ତ୍ତାରେ, ହାତ ବାନ୍ଧି ଛିଡା ହୋଇ, ଏହା ଚିନ୍ତା କରୁଥିଲେ ଯେ ଆମେ ସେମାନଙ୍କୁ ଜାଣିନାହୁଁ, ଯେପରିକି ସେମାନେ ସେହିପରି ଏକ ସଭାରେ ବସି ରହିପାରିବେ ଏବଂ ସେମାନେ କିଏ ଅଟନ୍ତି ତାହା ପରମେଶ୍ୱର ପ୍ରକାଶ କରିବେ ନାହିଁ । ସେଠାରେ ବସି ରହି, ଭିନ୍ନ ଦେଖା ଯାଉଥିଲେ, ଯେପରିକି ସେମାନେ ଅନ୍ୟ କେହି ଜଣେ ଅଟନ୍ତି । ପବିତ୍ରଆତ୍ମା ଜାଣିଥିଲେ ଯେ ସେମାନେ କିଏ ଥିଲେ । ଏବଂ ସେମାନେ ସେଠାରେ ବସି, ନିଜର ହୃଦୟରେ, ଏହା ଚିନ୍ତା କରୁଥିଲେ ଯେ ତାହା ମନ ପଢିବାର ବିଦ୍ୟା ଟେଲିପ୍ୟାଥୀ ଅଟେ । ପରମେଶ୍ୱରଙ୍କ ବିଷୟରେ ତାହା ଅପେକ୍ଷା ଅଧିକ ଜାଣନ୍ତି ନାହିଁ ଯେତିକି ଏକ ହୋଟେଣ୍ଟଟ୍ ଜନଜାତି ମିସରର ରାତି ବିଷୟରେ

ଜାଣିଥାଏ । ତାହା ଠିକ୍ । ସେମାନେ ଏହାକୁ ଅକ୍ଷର ଦ୍ୱାରା ଜାଣନ୍ତି, ମାତ୍ର ଆତ୍ମା ଦ୍ୱାରା ନୁହେଁ । "ଅକ୍ଷର ମାରେ, ମାତ୍ର ଆତ୍ମା ସଂଜୀବିତ କରେ ।" ତାହାହିଁ ଏହା ଅଟେ । ତାହା ସେହି ଧାରଣା ଅଟେ । "ଦ୍ୱି-ଧାର ଖଡ୍ଗ ଅପେକ୍ଷା ଅଧିକ ତୀକ୍ଷ୍ଣତର, ଏବଂ ଅଧିକ ଶକ୍ତିଶାଳୀ ଅଟେ, ହୃଦୟର ଚିନ୍ତାଧାରାର ସୂକ୍ଷ୍ମ ବିଚାରକ ଅଟେ ।"

216 ଶୁଣନ୍ତୁ । ଦେଖନ୍ତୁ ।

> *ପରମେଶ୍ୱରଙ୍କ ସମ୍ମୁଖରେ କୌଣସି ପ୍ରାଣୀ ଅପ୍ରକାଶିତ ନାହାଁନ୍ତି: ମାତ୍ର ଯାହାଙ୍କ ଛାମୁରେ…ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ ।*
>
> *ଅତଏବ ସ୍ୱର୍ଗସମୂହ ମଧ୍ୟ ଦେଇ ଗମନ କରିଅଛନ୍ତି ଯେ…*(ବର୍ତ୍ତମାନ ଶୁଣନ୍ତୁ; ରୋଗୀମାନଙ୍କୁ ।) *…ପରମେଶ୍ୱରଙ୍କ ପୁତ୍ର ଯୀଶୁ, ସେ ଆମ୍ଭମାନଙ୍କର ପ୍ରଧାନ ମହାଯାଜକ ହେବାରୁ ଆସ, ଆମ୍ଭେମାନେ ଆମ୍ଭମାନଙ୍କର* ବିଶ୍ୱାସମତକୁ *ଦୃଢ଼ଭାବରେ ଧାରଣ କରୁ ।*

217 "ଦୃଢ଼ଭାବେ ଧାରଣ କରୁ," ଏହାର ଅର୍ଥ ତାହା ନୁହେଁ ଯେ କେବଳ ସାକ୍ଷ୍ୟ ଦେଉଥାଆନ୍ତୁ । ଯଦି ଆପଣ ସେହି ଜୀବନ ଯାପନ ନ କରନ୍ତି, ତେବେ ଆପଣ ଏହାକୁ ଦୃଢ଼ଭାବେ ଧରନ୍ତି ନାହିଁ; ତାହାହେଲେ ଆପଣ ଏକ କପଟମୟ ଜୀବନଯାପନ କରୁଅଛନ୍ତି । ଆପଣ…ଉତ୍ତମ ହେବ ଯେ ଆପଣ ବାହାରି ଯାଆନ୍ତୁ ଏବଂ କେବଳ କୁହନ୍ତୁ ଯେ ଆପଣ ଜଣେ ପାପୀ ଅଟନ୍ତି ଏବଂ ତାହା ବିଷୟରେ ଭୁଲିଯାଆନ୍ତୁ । ଜଣେ ଖ୍ରୀଷ୍ଟିଆନ ବୋଲି କହି, ଅନ୍ୟ କିଛି ଗୋଟାଏ ଜୀବନଯାପନ କରନ୍ତୁ ନାହିଁ; ଆପଣ ତ ଜଗତରେ ଥିବା ସବୁଠୁ ବଡ ଝୁଣ୍ଟିବାର ବିଷୟ ଅଟନ୍ତି । ଯଦି ଆପଣ ଜଣେ ପାପୀ, ତାହାହେଲେ ଏହାକୁ ସ୍ୱୀକାର କରନ୍ତୁ ଏବଂ, ଆଗକୁ ବଢନ୍ତୁ, ପରମେଶ୍ୱରଙ୍କ ସହିତ ଠିକ୍ ହୋଇଯାଆନ୍ତୁ । ଯଦି ଆପଣ ଜଣେ ଖ୍ରୀଷ୍ଟିଆନ, ତାହାହେଲେ ନିଜର ଅଙ୍ଗୀକାରକୁ ଦୃଢ଼ଭାବରେ ଧରି ରଖନ୍ତୁ, ସେଠାରେ ରହିଥାଆନ୍ତୁ ।

218 ବର୍ତ୍ତମାନ ଏହାକୁ ଦେଖନ୍ତୁ । ଆମେମାନେ ଛାଡ଼ି ଚାଲିଯିବା ପୂର୍ବରୁ ମୁଁ ଏହାକୁ ନେବା ପାଇଁ ଚାହେଁ ।

> *କାରଣ ଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାଁନ୍ତି; ବରଂ ସେ ପାପରହିତ ହୋଇ…ଆମ୍ଭମାନଙ୍କ ପରି, ସର୍ବତୋଭାବେ ପରୀକ୍ଷିତ ହେଲେ ।*

ଶୁଣନ୍ତୁ ।

> *ଅତଏବ ଆସ, କୃପାପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ, ଆମ୍ଭେମାନେ* ସାହାସରେ *ଅନୁଗ୍ରହସିଂହାସନ* ନିକଟକୁ *ଯାଉ ।*

ପରମେଶ୍ୱରଙ୍କ ନାମର ଧନ୍ୟ ହେଉ!

219 ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, ଲୁଥରାନ୍, ଶୁଣନ୍ତୁ। ଆପଣ ମୋତେ ଏହି ପ୍ରଶ୍ନ ପଚାରିବାକୁ ଯାଉଛନ୍ତି, "ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ଏହା ତାଙ୍କ ପ୍ରତି ଧାର୍ମିକତା ବୋଲି ଗଣନା କରାଗଲା।" ମୁଁ ଜାଣେ। ତାହାହିଁ ଅଟେ ଯେଉଁଠାକୁକି ଆପଣ ସବୁବେଳେ ଯାଆଇଥାନ୍ତି। ତାହା ସତ ଅଟେ। "ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ ବିଶ୍ୱାସ କରିବା ଛଡା ଆଉ କଅଣ ବା କରିପାରେ?" ତାହା ଅବିକଳ ଠିକ୍ ଅଟେ। ତାହାହିଁ ସବୁକିଛି ଯାହା ସେ କରିପାରନ୍ତି। ମାତ୍ର ଯେତେବେଳେ ପରମେଶ୍ୱର ସେହି ବିଶ୍ୱାସକୁ ସ୍ୱୀକାର କରନ୍ତି, ସେ ଆପଣଙ୍କୁ ପବିତ୍ରଆତ୍ମା ଦିଅନ୍ତି।

220 "ତେବେ ମୁଁ କଅଣ କରିବି, ଭାଇ ବ୍ରାନହାମ୍? କଅଣ ମୁଁ ଚିତ୍କାର କରିବି କି?" ଜରୁରୀ ନୁହେଁ। "କଅଣ ମୁଁ ପରଭାଷାରେ କଥା କହିବି କି?" ଜରୁରୀ ନୁହେଁ। ଆପଣ ଚିତ୍କାର କରି ପରଭାଷାରେ କଥା କହିପାରନ୍ତି, ଉଭୟ, ଏବଂ ତଥାପି ଜଣେ—ଜଣେ ପ୍ରତିମାପୂଜକ ଭାବରେ ରହିପାରନ୍ତି, ଏବଂ ତଥାପି ସ୍ତ୍ରୀଲୋକମାନଙ୍କ ପାଇଁ କାମବାସନାରେ ଲୋଭ କରିପାରନ୍ତି। ଆପଣ ତଥାପି ସୁଦ୍ଧା ଧୂମପାନ ଏବଂ ମଦ୍ୟପାନ କରିପାରନ୍ତି, ଏବଂ ଅନ୍ୟ ସବୁକିଛି କରିପାରନ୍ତି। ମୁଁ ଲୋକମାନଙ୍କୁ ପରଭାଷାରେ କଥା କହୁଥିବାର ଦେଖିଅଛି, ଏବଂ ଠିକ ବାହାରକୁ ଯାଇ କୌଣସି କିଛି ସବଥୁ ଅପରିଷ୍କାର, କୁଟିଳ ବେପାର କରୁଥିବାର ଦେଖିଅଛି ଯାହା ମୁଁ କେବେ ଦେଖିଥିବି। ମୁଁ ସେମାନଙ୍କୁ ଚିତ୍କାର କରିବାର, ଏବଂ କୁମ୍ଭୀର ଲୁହ କାନ୍ଦୁଥିବାର, ଏବଂ ତାହାପରେ ଯାହାକିଛି ଆପଣ ପାଇପାରନ୍ତି ତାହା ଚୋରୀ କରୁଥିବାର ଦେଖିଅଛି। ମୁଁ ସେମାନଙ୍କୁ ବାହାରି ଯାଇ, ରାସ୍ତାରେ ଯାଉଥିବା ପ୍ରତ୍ୟେକ ଝିଅକୁ ବୁଲି ପଡି ଦେଖିବାର ବିଷୟକୁ, ଦେଖିଛି। ଉଃ-ହୁଃ। ତାହା ଏକ ଭଲ ସଙ୍କେତ ଯେ ଆପଣ ଏହାକୁ ପାଇ ନାହାଁନ୍ତି। ତାହା ଠିକ୍ ଅଟେ।

221 କିନ୍ତୁ, ଭାଇ, ଯେତେବେଳେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଥାଆନ୍ତି, ସେସମସ୍ତ କିଛି ବିଷୟ ମୃତ ହୋଇଯାଏ, ଏବଂ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ଜୀବ ହୋଇଯାଆନ୍ତି। ଯଦି ଆପଣ କିଛି ଗୋଟାଏ ଭୁଲ୍ ବିଷୟ ଦେଖନ୍ତି, ତେବେ ଆପଣ ଏଥିପାଇଁ ପ୍ରାର୍ଥନା କରିବେ, "ପରମେଶ୍ୱର ଦୟା କର।" ଏବଂ ଯଦି ଆପଣ ସଙ୍କଟଗୁଡିକୁ ଦେଖନ୍ତି, ତେବେ ଯାଇ ଗପଶପ କରି, ଏହାକୁ ଖରାପ କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ, ଆପଣ ସେହି ବ୍ୟକ୍ତିଙ୍କ ନିକଟକୁ ଯାଇ ଏହାକୁ ସଳଖ କରିବାକୁ ଚେଷ୍ଟା କରିବେ, ଏବଂ ଏହାକୁ ଅତି ଶୀଘ୍ର ଶାନ୍ତ କରିବାକୁ ଚେଷ୍ଟା କରିବେ। ତାହା ଆପଣଙ୍କ ଭିତରେ ପରମେଶ୍ୱରଙ୍କ ଆତ୍ମା ଅଟନ୍ତି।

222 ଯଦି ଆପଣ ଏକ ଭୁଲ୍ କରି ଦିଅନ୍ତି? ଆପଣ ସେଗୁଡିକ ପ୍ରତି ପ୍ରବୃତ୍ତି ଅଟନ୍ତି। ଯଦି ଆପଣ ଏକ ଭୁଲ୍ କରି ଦିଅନ୍ତି, ତେବେ ଆପଣ ଏହାକୁ ଖୁବ୍ ଶୀଘ୍ର ହିଁ ସଂଶୋଧନ କରି ପକାଇବେ। "ଆପଣା କ୍ରୋଧ ଉପରେ ସୂର୍ଯ୍ୟ ଅସ୍ତ ହେବାକୁ ଦିଅ ନାହିଁ।" ଏହି ପ୍ରକାରେ ହିଁ ଆପଣ ଜାଣିବେ ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି, ଆପଣଙ୍କଠାରେ ପ୍ରେମ, ଶାନ୍ତି, ଆନନ୍ଦ, ଦୀର୍ଘସହିଷ୍ଣୁତା, ଉତ୍ତମତା, ଭଦ୍ରତା, ଧୈର୍ଯ୍ୟ ରହିଥାଏ। ସ୍ୱର୍ଗରେ ଆମର ଜଣେ

ମହାଯାଜକ ଉପବିଷ୍ଟ ଅଟନ୍ତି, ଯିଏକି ଆମର ଅଙ୍ଗୀକାର ଉପରେ ମଧ୍ୟସ୍ଥି କରିବାକୁ ପ୍ରସ୍ତୁତ ଅଟନ୍ତି । ଏହା କଅଣ ଅଟେ? ଏହା ସେତେବେଳେ ଅଟେ ଯେତେବେଳେ ଯୀଶୁ ଲୋଗୋସ୍‌କୁ ଫେରିଗଲେ, ସେହି ଅଗ୍ନିସ୍ତମ୍ଭକୁ ଯିଏକି ଇସ୍ରାଏଲ ସନ୍ତାନଗଣଙ୍କୁ କଢେଇ ନେଇଥିଲେ, ସେହି ମହାନ, ନିର୍ଝର ଉପସ୍ଥିତିରେ ବସି ରହିଥାଆନ୍ତି, ଯେଉଁଠାରୁ ଆଲୋକର ମେଘଧନୁ ବାହାରି ଆସିଥାଏ, ସେହି ସାତୋଟି ସିଦ୍ଧ ଆତ୍ମାଗୁଡିକ, ପ୍ରେମର ଏକ ସିଦ୍ଧ ଆତ୍ମା ।

223 ତେବେ ଦେଖନ୍ତୁ । ପ୍ରଥମଟି ହେଉଛି ସେହି *ସିଦ୍ଧ* ପ୍ରେମ, ଯାହାକି ପରମେଶ୍ୱରଙ୍କ ପ୍ରେମ ଅଟେ, ବିଶୁଦ୍ଧ ଏବଂ ଅମିଶ୍ରିତ । ପରବର୍ତ୍ତୀ ବିଷୟ, ଯାହା ସେଠାକୁ ଆସେ, ତାହା ହେଉଛି *ଫିଲିଓ* ପ୍ରେମ, ତାହା ସେହି ପ୍ରେମ ଅଟେ ଯାହା ଆପଣଙ୍କର ନିଜର ପତ୍ନୀ ଏବଂ ପିଲାମାନଙ୍କ ପାଇଁ ରହିଥାଏ । ପରବର୍ତ୍ତୀ ବିଷୟ, ଯାହା ଏହା ପରେ ଆସେ, ତାହା ହେଉଛି *କାମାସକ୍ତ* ପ୍ରେମ । ପରବର୍ତ୍ତୀ ବିଷୟ ହେଉଛି *ଧର୍ମହୀନ* ପ୍ରେମ । ଏବଂ ଏହା ସେହିପରି ଭାବରେ ବଢି ଚାଲେ ଯେପର୍ଯ୍ୟନ୍ତକି ଏହା *ମନ୍ଦ* ନ ହୋଇଯାଏ, ଠିକ ସେହିପରି ବିକୃତ, ବିକୃତ ହୋଇ ଚାଲିଥାଏ ।

224 ଏବଂ ପ୍ରତ୍ୟେକ ବିଷୟ ଯାହାର ଏକ ଆରମ୍ଭ ରହିଥିଲା, ଏହାର ଏକ ଶେଷ ଅଛି । ଏବଂ ତାହା ସବୁକିଛିକୁ ଠିକ ନେଇ ନିଆଯିବ, ଏବଂ ଏହାର କୌଣସି ସ୍ମରଣ, ଆଦୌ କୌଣସି ସ୍ମୃତି ରହିବ ନାହିଁ, ଏବଂ କୌଣସି ଦିନେ, ପୁନର୍ବାର ଠିକ ସିଦ୍ଧ ଅବସ୍ଥାକୁ ଫେରି ଆସିବ । ଏବଂ ଏକମାତ୍ର ଉପାୟରେ...ଆପଣ ଏଠାରେ ଅଧା ରାସ୍ତାରେ, ଅଟକି ଯାଇପାରନ୍ତି ନାହିଁ, ଏବଂ *ଏଠାରେ* ଉପରକୁ ଉଠି ପାରନ୍ତି ନାହିଁ । ଆପଣଙ୍କୁ ତ ସମ୍ପୂର୍ଣ୍ଣରୂପେ ସେହି ପରିତ୍ରାଣ ଉପରେ ଭରସା କରି, ବିଶ୍ୱାସ କରି ଆସିବାକୁ ଅଛି, ଯାହା ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ, ବିଶ୍ୱାସ ଦ୍ୱାରା ଦେଇଥାଆନ୍ତି ।

225 ସେଠାରେ ଏକ ସଚ୍ଚୋଟତାର ଆତ୍ମା ଅଛି ଯାହାକି ପରମେଶ୍ୱରଙ୍କଠାରୁ ଆସିଥାଏ । ତାହା ସେହି ନିର୍ଝର, ପରମେଶ୍ୱରଙ୍କ ନିର୍ଝର ଅଟେ । ତାହା ହେଉଛି ସଚ୍ଚୋଟତା । ପରବର୍ତ୍ତୀ ବିଷୟ ହେଉଛି ସେହି ବ୍ୟକ୍ତି ତାଙ୍କ ପଡ଼ୋଶୀ ପାଇଁ "ଏକ ଭଲ କାର୍ଯ୍ୟ" କରିବେ । ପରବର୍ତ୍ତୀ ବିଷୟ ହେଉଛି ସେହି ବ୍ୟକ୍ତି, "ଆପଣଙ୍କୁ ତାଙ୍କ ଉପରେ ନଜର ରଖିବାକୁ ଅଛି ।" ପରବର୍ତ୍ତୀ ବିଷୟ ହେଉଛି ସେହି ବ୍ୟକ୍ତି, "ଏକ ଚୋର ଅଟନ୍ତି ।" ପରବର୍ତ୍ତୀ ହେଉଛି ସେହି ବ୍ୟକ୍ତି, "ଜଣେ ହତ୍ୟାକାରୀ ଅଟେ," ଧରି ରଖିଛି । ଦେଖନ୍ତୁ ଏହା କିପରି ଠିକ୍ ତଳ ପର୍ଯ୍ୟନ୍ତ, ବିକୃତ ଅଟେ? ମାତ୍ର ସେସବୁ ବିଷୟ ଏକ ବାସ୍ତବ ବିଷୟରେ କହିଥାଏ ।

226 ତାହାହିଁ ଅଟେ ଯାହାକି ମୁଁ କହୁଅଛି । ପ୍ରତ୍ୟେକ ଥର ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ଦେଖନ୍ତି ଯିଏକି...ଆପଣ ଏକ ସାନ ଦମ୍ପତିକୁ, ପ୍ରିୟମାନଙ୍କୁ ମାର୍ଗରେ ଚାଲି ଯାଉଥିବାର ଦେଖନ୍ତି, ବୋଧହୁଏ ସେମାନେ ଅଶୀ ବର୍ଷ ବୟସର ଅଟନ୍ତି । ଏହା କେବଳ ସେହି ବିଷୟରେ କହିଥାଏ ଯେ ସ୍ୱର୍ଗରେ ଏକ ଯୁବା ଦମ୍ପତି ଅଛନ୍ତି ଯେଉଁମାନେକି ସେମାନଙ୍କୁ ସ୍ୱର୍ଗରେ, ପ୍ରତିନିଧିତ୍ୱ କରନ୍ତି । "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗିଯାଏ, ତେବେ ଆମର

ସେଠାରେ ଗୋଟିଏ ଅଛି ।”

227 ଯଦି ଆପଣ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖନ୍ତି ଯିଏକି ପ୍ରତାରଣା କରୁଛି, ଚୋରି କରୁଛି, ମିଛ କହୁଛି, ତେବେ କେବଳ ମନେରଖନ୍ତୁ, ଯେ ତାଙ୍କର ଭାଗ ତାଙ୍କ ପାଇଁ, ନରକରେ ଅପେକ୍ଷା କରୁଅଛି, ତାଙ୍କ ସ୍ଥାନ ଯେଉଁଠାରେକି ସେ ଅଗ୍ନି ଏବଂ ଗନ୍ଧକ ଦ୍ୱାରା, ପରମେଶ୍ୱର ଏବଂ ପବିତ୍ର ସ୍ୱର୍ଗଦୂତମାନଙ୍କ ଉପସ୍ଥିତିରେ ଯନ୍ତ୍ରଣା ଭୋଗ କରିବେ । ସେ ସେଠାରେ ଯନ୍ତ୍ରଣା ଭୋଗ କରିବେ । ଚିରକାଳ ପାଇଁ ନୁହେଁ, ତାଙ୍କୁ ଚିରକାଳ ପାଇଁ ଯନ୍ତ୍ରଣା ଦିଆ ଯାଇପାରେ ନାହିଁ, ଚିରକାଳର ଅର୍ଥ ସମସ୍ତ, ସମସ୍ତ ସମୟ ପାଇଁ ନୁହେଁ । ଅନନ୍ତତା ଚିରକାଳ ପାଇଁ ଅଟେ, ଅନନ୍ତତା ହେଉଛି…ଏହାର କୌଣସି ଆରମ୍ଭ କିମ୍ବା ଶେଷ ନାହିଁ । ମାତ୍ର *ଚିରକାଳ* “ସମୟର ଏକ ଅବଧି” ଅଟେ । ବାଇବଲ କୁହେ, “ଚିରକାଳ ଏବଂ,” ସଂଯୋଗ, “ଚିରକାଳ ପାଇଁ ।” ଯୂନସ କହିଥିଲେ ଯେ ସେ ମାଛର ଉଦରରେ “ଚିରକାଳ ପାଇଁ” ରହିଥିଲେ । ସମୟର ଏକ ଅବଧି ଅଟେ ।

228 ମାତ୍ର, ଦେଖନ୍ତୁ, ସେଠାରେ କେବଳ ଗୋଟିଏ ଅନନ୍ତ ଜୀବନ ଅଛି, ଏବଂ ତାହା ହେଉଛନ୍ତି ପରମେଶ୍ୱର । ଏବଂ ଯଦି ଆପଣ ଚିରକାଳ ପାଇଁ ଯନ୍ତ୍ରଣା ଭୋଗିବାକୁ ଯାଉଛନ୍ତି, ଏବଂ କେବେବି ମରିପାରନ୍ତି ନାହିଁ, ତାହାହେଲେ ଆପଣଙ୍କ ପାଖରେ ଅନନ୍ତ ଜୀବନ ରହିବାକୁ ଅଛି । ଆପଣ ଚିରକାଳ ପାଇଁ ଯନ୍ତ୍ରଣା ଭୋଗ କରିପାରନ୍ତି ନାହିଁ…ଆପଣ ହୁଏତ ଏକ ଶହ କୋଟି ବର୍ଷ ପାଇଁ ଯନ୍ତ୍ରଣା ଭୋଗ କରିପାରନ୍ତି, ଅଗ୍ନି ଏବଂ ଗନ୍ଧକ ସହିତ ପରମେଶ୍ୱର ଏବଂ ପବିତ୍ର ଦୂତମାନଙ୍କ ଉପସ୍ଥିତିରେ । ମୁଁ ଜାଣେ ନାହିଁ ଯେ ଏହା କେତେ ଦିନ ପାଇଁ ନିର୍ଦ୍ଦିଷ୍ଟ ଅଟେ । ମାତ୍ର ଏହାକୁ ତ ଅବଶେଷରେ ଶେଷ ହେବାକୁ ଅଛି କାରଣ ଏହାର ଏକ ଆରମ୍ଭ ରହିଥିଲା । ଏବଂ ଏକାକୀ ପରମେଶ୍ୱରଙ୍କ ପାଖରେ ଅନନ୍ତ ଜୀବନ ଅଛି । “ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ,” ତାହା ପାଖରେ *ଚିରକାଳ* ଜୀବନ ନାହିଁ, “ତାହା ପାଖରେ ଅନନ୍ତ ଜୀବନ ଅଛି ।” ସେହି ଜୀବନ ଯାହା ଆରମ୍ଭ ହୁଏ, *ଏଠା*ରେ କୌଣସି କିଛି ନୁହେଁ । କିନ୍ତୁ ଠିକ ସେଠାରେ ଉପରେ, ଅନନ୍ତ ଜୀବନ, *ଜୋଇ*, ପରମେଶ୍ୱରଙ୍କ ନିଜର ଜୀବନ ତଳକୁ ଆସି ମନୁଷ୍ୟରେ ବାସ କରେ, ଏବଂ ସେ ପରମେଶ୍ୱରଙ୍କ ସହିତ ଅନନ୍ତ ଅଟେ, ଏବଂ ସେ ମରିପାରେ ନାହିଁ । ତାହାହିଁ ଅଟେ ଯାହାକି ବାକ୍ୟ କୁହେ ।

229 କେବଳ ଏହା ବିଷୟରେ ଚିନ୍ତା କରନ୍ତୁ । କଅଣ ସେଠାରେ ଦୁଇଟି ଅନନ୍ତ ଜୀବନ ଅଛି କି? ଆପଣ ତାହାର ଉତ୍ତର ଦେଇପାରିବେ ନାହିଁ, କଅଣ ଆପଣ ପାରିବେ କି? ଗୋଟିଏ ଅନନ୍ତ ଜୀବନ ଅଛି, ଏବଂ ତାହା ହେଉଛି ପରମେଶ୍ୱରଙ୍କ ଜୀବନ । ଏହି ଅନ୍ୟ ପ୍ରକାରର ଜୀବନ, ଯାଏ ଆସେ ନାହିଁ ଯେ ତାହା କଅଣ ଅଟେ, ଏହାର ତ ଏକ ସମାପ୍ତ ଅଛି । ଏବଂ ଯେକୌଣସି ବିଷୟ ଯାହାର ଏକ ଆରମ୍ଭ ଥିଲା ତାହାର ଏକ ସମାପ୍ତି ଅଛି । ମାତ୍ର ଯେକୌଣସି ବିଷୟ ଯାହାର କିଛି ଆରମ୍ଭ ନାହିଁ ତାର କୌଣସି ଶେଷ ନାହିଁ । ଏବଂ ପରମେଶ୍ୱର କହିଥିଲେ ଯେ ସେ ଆମକୁ ଅନନ୍ତ ଜୀବନ ପ୍ରଦାନ କରିବେ, ବିନା କୌଣସି ଆରମ୍ଭର, ଆମେମାନେ ତ କେବଳ ତାହାଙ୍କର ଏକ ଅଂଶ କରା ହୋଇଥିଲୁ । ଏବଂ ବାସ୍ତବରେ ସେହି ଜୀବନ ଯାହାକି ଆମ ଭିତରେ ଅଛି,

ତାହା ମାନବ ସ୍ଵଭାବ ଦ୍ଵାରା ଏଠାକୁ ଅଣାଯାଇ ନ ଥିଲା । ସ୍ଵଭାବ ଆମକୁ ଏକ ଆତ୍ମା ଦିଏ, ମାତ୍ର ସେହି ଆତ୍ମା ମରିଗଲା, ଏବଂ ଆମେ ପରମେଶ୍ଵରଙ୍କ ଆତ୍ମା ଗ୍ରହଣ କଲୁ । ପରମେଶ୍ଵରଙ୍କ ଗୌରବ ହେଉ!

230 କଅଣ ପରମେଶ୍ଵର ଜଣେ ମଣିଷ ଥିଲେ କି? ନିଶ୍ଚିତ ଭାବରେ । "ଆସୁ ଆମେ ମନୁଷ୍ୟକୁ ଆମର ନିଜ ପ୍ରତିମୂର୍ତ୍ତିରେ ନିର୍ମାଣ କରିବା ।" ପରମେଶ୍ଵର କଅଣ ଥିଲେ? ଏକ ଥିଓଫାନି, ଏକ ଶରୀର । ଏବଂ ସେଠାରେ ମନୁଷ୍ୟକୁ ସେହିପରି ଭାବରେ ନିର୍ମାଣ କରାଗଲା ଏବଂ ଉଦ୍ୟାନର ଦାୟିତ୍ଵରେ ରଖାଗଲା । ମାତ୍ର ସେଠାରେ କୃଷିକର୍ମ କରିବା ପାଇଁ, ଇନ୍ଦ୍ରିୟଗୁଡିକରେ କୌଣସି ମନୁଷ୍ୟ ନ ଥିଲେ । ତାହାପରେ ସେ ମନୁଷ୍ୟକୁ ପୃଥିବୀର ଧୂଳିରୁ, ପଶୁ ଜୀବନରେ ସୃଷ୍ଟି କଲେ, ଏବଂ ସେହି ମନୁଷ୍ୟ କୃଷିକର୍ମ କଲା । ଏବଂ ସେହି ମନୁଷ୍ୟ ବିପଥଗମନ ଦ୍ଵାରା, ପତିତ ହେଲା । ସଠିକ୍ ଭାବରେ । ଏବଂ ପରମେଶ୍ଵର, ସେହି ଥିଓଫାନି, ତଳକୁ ଓହ୍ଲାଇ ଆସି ଦେହବନ୍ତ ହେଲେ ଏବଂ ମନୁଷ୍ୟକୁ ମୁକ୍ତ କରିବା ପାଇଁ, ଆମମାନଙ୍କ ମଧ୍ୟରେ ବାସ କଲେ ।

231 ତେଣୁକରି ଏହା ଏପରି କିଛି ନୁହେଁ ଯାହାକି ଆପଣ କରିପାରିବେ । ଆପଣ ତ ଆରମ୍ଭରୁ ହିଁ, ଜଣେ ପାପୀ ଅଟନ୍ତି । ଆପଣ ଅଧର୍ମରେ ଗଢା ହୋଇଛନ୍ତି । ଆପଣ ପାପରେ ଜନ୍ମ ହୋଇଛନ୍ତି, ମିଛ କହି ଜଗତକୁ ଆସିଛନ୍ତି । ଆପଣ ନିଜର ପିତା ଓ ମାତାଙ୍କର ଏକ ଯୌନ ଇଚ୍ଛା ଦ୍ଵାରା ଏହି ଜଗତରେ ଜନ୍ମ ହୋଇଥିଲେ । ଏବଂ ଆପଣ ଠିକ ସେତିକି ନରକ-ଗାମୀ ଅଟନ୍ତି ଯେତିକି ଆପଣ ହୋଇପାରନ୍ତି, ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କଅଣ କରନ୍ତି । ହୁଏତ ଆପଣ କେବେବି ମିଛ କହି ନ ଥିବେ; ଚୋରି କରି ନ ଥିବେ; ପ୍ରତ୍ୟେକ ଆଜ୍ଞା ପାଳନ କରିଥିବେ, ଏବଂ ଅନ୍ୟ ସବୁକିଛି କରିଥିବେ; ଏବଂ ତଥାପି ଆପଣ ସେତିକି ନରକକୁ ଯିବେ, ଯେତିକି ଏକ ମାର୍ଟିନ ତାର୍ ବାକ୍ସକୁ ଯାଇଥାଏ । କିନ୍ତୁ ଏକମାତ୍ର ଉପାୟ ଯେ ଆପଣ କେବେବି ପୁନର୍ବାର ବଞ୍ଚିପାରନ୍ତି, ତାହା ହେଉଛି ପବିତ୍ରଆତ୍ମାଙ୍କୁ, ପରମେଶ୍ଵରଙ୍କ ଅନନ୍ତ ଜୀବନକୁ ଗ୍ରହଣ କରିବା ।

232 କେଉଁ ବିଷୟ ଆପଣଙ୍କୁ ତାହା କଲା ଯାହା ଆପଣ ଅଟନ୍ତି? ଆରମ୍ଭରେ, ଯେତେବେଳେ ପବିତ୍ରଆତ୍ମା ପୃଥିବୀ ଉପରେ ବିଚରଣ କରିଥିଲା, ସେତେବେଳେ ଆଗ୍ନେୟଗିରି ଉଦ୍ଗୀରଣ ବ୍ୟତୀତ ଆଉ କିଛି ହିଁ ନ ଥିଲା । ଗୋଟିଏ ଛୋଟ ଇଷ୍ଟର ଫୁଲଟିଏ ଫୁଟି ଉଠିଲା । ପରମେଶ୍ଵର କହିଲେ, "ତାହା ବହୁତ ସୁନ୍ଦର ଦେଖାଯାଉଛି । ବିଚରଣ କରିବା ଜାରି ରଖିଥାଅ ।" ଫୁଲଗୁଡିକ ଫୁଟି ଆସିଲା । ଘାସ ବାହାରି ଆସିଲା । ଗଛଗୁଡିକ ଆସିଲା । ପକ୍ଷୀମାନେ ଧୂଳିରୁ ଉଡ଼ି ଆସିଲେ । ପଶୁମାନେ ଆସିଲେ । ଜଣେ ମନୁଷ୍ୟ ବାହାରି ଆସିଲା ।

233 ତେବେ, ଏହା କିପରି ହୋଇଥିଲା? ପବିତ୍ରଆତ୍ମାଙ୍କ ବିଚରଣ କରିବା ଦ୍ଵାରା, ଏହି ସାମଗ୍ରୀଗୁଡ଼ିକୁ ଏକାଠି ଆଣିଲା, ପୋଟାଶ୍, କ୍ୟାଲସିୟମ୍; ଫୁଲଗୁଡିକୁ ତିଆରି କଲା, ପଶୁ ତିଆରି କଲା, ଆପଣଙ୍କୁ ତିଆରି କଲା ।

234 ଏବଂ ବର୍ତ୍ତମାନ, ଆପଣଙ୍କ ପାଖରେ ଏକ ସ୍ଵଚ୍ଛନ୍ଦ ପସନ୍ଦ ଅଛି । ପରମେଶ୍ଵର

ପ୍ରତ୍ୟୁତ୍ତରରେ ଆପଣଙ୍କ ଉପରେ ବିଚରଣ କରନ୍ତି, ଏବଂ କୁହନ୍ତି, "ମୋର ସ୍ୱର ଶୁଣିଲ କି? ବିରକ୍ତି ଜନ୍ମାଇବା ସ୍ଥାନରେ ଯେପରି ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର।" ଏଠାରେ ସେ ଓହ୍ଲାଇ ଆସି, ବାକ୍ୟ ପ୍ରଚାର କରନ୍ତି।

"ସେମାନଙ୍କୁ ପ୍ରଚାର କରା ଯାଇଥିବା ସୁସମାଚାର ନୁହେଁ...ଏଥିରେ କୌଣସି ବିଶ୍ୱାସ ନ ଥିଲା, ତେଣୁ ଏହା ସେମାନଙ୍କର କିଛି ଲାଭ କଲା ନାହିଁ।" ସେମାନେ ଏହାକୁ ଶୁଣିଲେ, ମାତ୍ର ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ।

235 ପରମେଶ୍ୱର ତଳକୁ ଓହ୍ଲାଇ ଆସିଲେ। ସେ ସେମାନଙ୍କୁ ଏକ ଅଗ୍ନିସ୍ତମ୍ଭ ଦେଖାଇଲେ। ଆପଣା ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା, ଚିହ୍ନ ଓ ଚମତ୍କାରମାନ ଦେଖାଇଲେ, ଯେ ସେ ତାଙ୍କ ସହିତରେ ଅଛନ୍ତି। ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ। ଓଃ, ସେମାନେ ଚମତ୍କାର ଦେଖିବାକୁ ପସନ୍ଦ କରିଥିଲେ। ସେମାନେ ଭବିଷ୍ୟଦ୍‌ବକ୍ତାଙ୍କ କଥା ଶୁଣିବାକୁ ପସନ୍ଦ କରିଥିଲେ। ମାତ୍ର ଯେତେ ଦୂର ଏହାକୁ ବିଶ୍ୱାସ କରିବାର ବିଷୟ ଥିଲା, ସେମାନେ ତାହା କରି ନ ଥିଲେ। ସେମାନଙ୍କର ଜୀବନ ତାହା ପ୍ରମାଣ କରିଥିଲା ଯେ ସେମାନେ ତାହା କରି ନ ଥିଲେ।

236 "ତେବେ," ସେ କହିଲେ, "ତୁମେମାନେ ଅବିଶ୍ୱାସର ସେହି ସମାନ ଉଦାହରଣ ଅନୁସାରେ ପତିତ ହୁଅ ନାହିଁ।" କାରଣ ଏହି ଶେଷ ଦିନରେ, ସେହି ବିଜାତୀୟ ମଣ୍ଡଳୀ ପ୍ରତି, ପରମେଶ୍ୱର ପୁନର୍ବାର ଦେଖା ଦେଇଅଛନ୍ତି; ସମାନ ଚିହ୍ନ, ସମାନ ଆଶ୍ଚର୍ଯ୍ୟକର୍ମ, ସମାନ ଅଗ୍ନିସ୍ତମ୍ଭ, ସୁପ୍ରମାଣିତ, ସିଦ୍ଧ ପ୍ରମାଣିତ ଭାବରେ। ଆସନ୍ତୁ ଆମେମାନେ ଆମର ହୃଦୟଗୁଡ଼ିକୁ କଠିନ ନ କରୁ ଏବଂ ବିଗତ ସମୟରେ ହୋଇଥିବା ପରି ଅବିଶ୍ୱାସର, ସେହି ପ୍ରଲୋଭନରେ ନ ପଡୁ, କାରଣ ଆମେମାନେ ପୃଥିବୀରେ କ୍ଷୟ ପାଇଯିବା ଏବଂ ତାହାହିଁ ଏହା ବିଷୟରେ ସବୁକିଛି ହେବ।

237 ଏବଂ ଯେତେବେଳେ ପବିତ୍ରଆତ୍ମା ଆପଣଙ୍କର ହୃଦୟକୁ ଆଘାତ କରନ୍ତି, [ଭାଇ ବ୍ରାନହାମ୍ ମଞ୍ଚ ଉପରେ ଆଘାତ କରନ୍ତି—ସମ୍ପା।] "ଏତେ ଦିନ ପରେ, ଯେତେବେଳେ ତୁମେମାନେ ମୋର ରବ ଶୁଣ, ନିଜର ହୃଦୟକୁ କଠିନ ନ କର।" କୁହନ୍ତୁ, "ମୋର ସନ୍ତାନ, ଏହାହିଁ ହେଉଛି ସତ୍ୟ।" ବାର୍ତ୍ତାବହ ଦୂତଙ୍କୁ ଦେଖନ୍ତୁ ନାହିଁ। ସେହି ବାର୍ତ୍ତାକୁ ଶୁଣନ୍ତୁ। ଏହାକୁ ବିଶ୍ୱାସ କରନ୍ତୁ। "ବିରକ୍ତି ଜନ୍ମାଇବା ଦିନରେ ଯେପରି ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର।"

238 ଯେତେବେଳେ ସେ ଆପଣଙ୍କର ରବ ଶୁଣନ୍ତି, "ଆପଣା ହୃଦୟ କଠିନ ନ କର।" ତାହାପରେ ଆପଣ କୁହନ୍ତି, "ହଁ, ପ୍ରଭୁ, ମୁଁ ବିଶ୍ୱାସ କରେ।" ତାହାପରେ ଆପଣ ଜୀବନ ମଧ୍ୟକୁ ପ୍ରବେଶ କରନ୍ତି, ପବିତ୍ରଆତ୍ମା ଆପଣଙ୍କ ଭିତରକୁ ଆସନ୍ତି। ଆପଣଙ୍କର ପୁରାତନ ଆତ୍ମା ମରିଯାଏ, ଯାହାକି ଆପଣଙ୍କୁ ଲୋଭ ଏବଂ ଘୃଣା କରାଇଥାଏ, ଏବଂ ଦୁଷ୍ଟତା ଏବଂ ଶତ୍ରୁତା ଜନ୍ମାଇଥାଏ, ଏବଂ—ଏବଂ ଘୃଣା ଏବଂ ସେସମସ୍ତ ବିଷୟ, ମରି ଯାଇଥାଏ। ଏବଂ ଆପଣ ପ୍ରେମ, ଆନନ୍ଦ, ଶାନ୍ତି, ବିଶ୍ରାମରେ ପରିପୂର୍ଣ୍ଣ ହୋଇଯାଆନ୍ତି। ଯାଏ ଆସେ ନାହିଁ ଯେ

ବାୟୁ କେତେ ପ୍ରବାହିତ ହୁଏ, ତାହା ସବୁ ଠିକ୍ ଅଟେ।

ମୋର ଲଙ୍ଗର ପର୍ଦା ଭିତରେ ଧରି ରଖିଅଛି;
ପ୍ରତ୍ୟେକ ଉଚ୍ଚ ଏବଂ ଝଡ଼ ତୋଫାନ ମଧ୍ୟରେ,
ମୋର ଲଙ୍ଗର ପର୍ଦା ଭିତରେ ଧରି ରଖିଅଛି।

କାରଣ ଖ୍ରୀଷ୍ଟ, ସେହି ଦୃଢ ଶୈଳ ଉପରେ, ମୁଁ ଛିଡା ହୋଇଅଛି;
ଅନ୍ୟ ସମସ୍ତ ଭୂମି ଧସିଯାଉଥିବା ବାଲୁକା ଅଟେ।

239 ସେଠାରେ ଆପଣ ଅଛନ୍ତି। ଏଡି ପେରୋନେଟ, ଯେତେବେଳେ ସେ ସେହି ପ୍ରସିଦ୍ଧ ଗୀତକୁ ଲେଖିଥିଲେ। ଅନ୍ୟ ସମସ୍ତ ଭୂମି, ସମସ୍ତ ନାମଧରି ସଂସ୍ଥା, ସମସ୍ତ ଧର୍ମମତ, ସମସ୍ତ ଶିକ୍ଷା, ଦୂର ହୋଇଯାଏ। ଖ୍ରୀଷ୍ଟ!

ଆପଣ କୁହନ୍ତି, "ତେବେ, ମୁଁ ବାଇବଲ ଜାଣିଛି।" ବାଇବଲ ଜାଣିବା ଦ୍ୱାରା ଆପଣ ଜୀବନ ପ୍ରାପ୍ତ ହୁଅନ୍ତି ନାହିଁ।

"ମୁଁ ମୋର କ୍ୟାଟେଚିଜିମ୍ ଜାଣେ।" ଆପଣ ନିଜର କ୍ୟାଟେଚିଜିମ୍ ଜାଣିବା ଦ୍ୱାରା ଜୀବନ ପ୍ରାପ୍ତ ହୁଅନ୍ତି ନାହିଁ।

"ତେବେ, ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ।" ଆପଣ ଖ୍ରୀଷ୍ଟିଆନ ଧର୍ମକୁ ସ୍ୱୀକାର କରିବା ଦ୍ୱାରା ଜୀବନ ପ୍ରାପ୍ତ ହୁଅନ୍ତି ନାହିଁ।

240 ଆପଣ ତାହାଙ୍କୁ ଜାଣିବା ଦ୍ୱାରା ଜୀବନ ପ୍ରାପ୍ତ ହୁଅନ୍ତି। ତାହାଙ୍କୁ ଜାଣିବାରେ, ଆପଣଙ୍କର ଜୀବନ ଅଛି। "ତାହାପରେ ଆପଣ ତାହାଙ୍କ ବିଶ୍ରାମରେ ପ୍ରବେଶ କରନ୍ତି। ଆପଣ ନିଜର କାର୍ଯ୍ୟରୁ ନିବୃତ୍ତ ହୁଅନ୍ତି, ଯେପରିକି ପରମେଶ୍ୱର ଆପଣା କାର୍ଯ୍ୟରୁ ନିବୃତ୍ତ ହୋଇଥିଲେ।" ତହହପରେ ଆପଣ ପରମେଶ୍ୱରଙ୍କ ଏକ ପୁତ୍ର, ପରମେଶ୍ୱରଙ୍କ ଏକ ଅଂଶୀଦାର ହୋଇଯାଆନ୍ତି। ଏବଂ ଯଦି ସେହି—ଯଦି ସେହି ପବିତ୍ରଆତ୍ମା ଆପଣଙ୍କୁ ପ୍ରେମାଳାପ କରେ, ଏବଂ ଆପଣ ପ୍ରତ୍ୟୁତ୍ତରରେ ପ୍ରେମାଳାପ କରନ୍ତି ଓ କୁହନ୍ତି, "ହଁ, ପ୍ରଭୁ," କିମ୍ବା ପ୍ରେମରେ ଆଚରଣ କରନ୍ତି।

241 ପ୍ରେମରେ ଆଚରଣ କରିବା, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ। ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।"

242 ଏବଂ ଆପଣ କୁହନ୍ତି, "ଆହଃ, ମୁଁ ଯୁବା ଅଛି। ମୋର ଅଛି...ଓଃ, ମୋର ପାଳକ ଜାଣନ୍ତି ନାହିଁ...ମୋତେ କେବଳ ଯାହାସବୁ କରିବାକୁ ଅଛି..." ବୁଝିଲେ? ଆପଣ ଏହାକୁ କଦାପି ପାଇବେ ନାହିଁ।

243 ମାତ୍ର ଯେତେବେଳେ ଆପଣ କୁହନ୍ତି, "ହଁ, ମୋର ପ୍ରଭୁ। ମୁଁ ତୁମର ରବ ଶୁଣୁଅଛି। ମୁଁ ମୋର ହୃଦୟକୁ କଠିନ କରେ ନାହିଁ। ମୋର ସେଥିରେ କିଛି ଯାଏ ଆସେ ନାହିଁ, ପ୍ରଭୁ, ଏହା ତ ତୁମର ବାକ୍ୟ ଅଟେ ଏବଂ ମୁଁ ତୁମକୁ ବିଶ୍ୱାସ କରେ। ଯୀଶୁ, ମୋତେ ଗ୍ରହଣ କର, 'ଯେପରିକି ମୁଁ

ଅଟେ, ବିନା ଗୋଟିଏ ନିବେଦନରେ, ମାତ୍ର ଯେ ତୁମର ରକ୍ତ ମୋ ପାଇଁ ପାତିତ ହୋଇଥିଲା । ଏବଂ ସେଠାରେ ମୁଁ ପ୍ରତିଜ୍ଞା କରିବି, "ମୁଁ ବିଶ୍ୱାସ କରିବି ।" ହେ ପରମେଶ୍ୱରଙ୍କ ମେଷଶାବକ, ମୁଁ ଆସୁଅଛି ।'" ତାଙ୍କର ମୃତପ୍ରାୟଃ ମୁଣ୍ଡ ଉପରେ ହାତ ରଖି, କୁହ, "ପ୍ରଭୁ, ମୁଁ ଜଣେ ପାପୀ ଅଟେ, ଏବଂ ତୁମେ ମୋତେ ଡାକିଛ ।"

244 "ଯେସମସ୍ତଙ୍କୁ ପିତା ମୋତେ ଦେଇଛନ୍ତି ମୋ ପାଖକୁ ଆସିବେ, ଏବଂ ମୁଁ ତାଙ୍କୁ ଶେଷ ଦିନରେ ଉତ୍ଥିତ କରିବି ।"

245 "ହଁ, ପ୍ରଭୁ, ମୁଁ ଆସୁଛି । ମୁଁ ମୋର ହୃଦୟକୁ କଠିନ କରେ ନାହିଁ, ଯେପରି ସେମାନେ ବିରକ୍ତି ଜନ୍ମାଇବା ଦିନରେ କରିଥିଲେ, ମୁଁ ପ୍ରକୃତରେ ବିଶ୍ୱାସ କରେ ।"

246 ତାହାପରେ ସେ କଅଣ କରନ୍ତି? ସେ ଆପଣକୁ ତାହାଙ୍କର ଜୀବନ, ଜୋ/ଇ, ଅନନ୍ତ ଜୀବନ ଦିଅନ୍ତି । ଏବଂ ଯଦି ପରମେଶ୍ୱର ଆମକୁ ପୃଥିବୀର ଧୂଳିରୁ ଉଠାଇ ପାରିବେ, ଯେଉଁଠାରୁକି ଆମେମାନେ ଆସିଅଛୁ...କଅଣ ଆମେମାନେ ଧୂଳିରୁ ଆସିଅଛୁ କି? ପ୍ରତ୍ୟେକ କିଛି ବିଷୟ ଯାହା ଆପଣମାନେ ଦେଖୁଅଛନ୍ତି, ଧୂଳିରୁ ଆସିଅଛି । ଏବଂ ଯଦି ପରମେଶ୍ୱର ମୋତେ ତାହା କରିପାରନ୍ତି ଯାହା ମୁଁ ଆଜି ଅଟେ, କୌଣସି ପସନ୍ଦ ନ ରଖି; କେବଳ ଏଇଥି ପାଇଁ ଯେ ତାହାଙ୍କର ଇଚ୍ଛା ମୋତେ ନିର୍ମାଣ କରିବାକୁ ଥିଲା, ଏବଂ ମୋତେ କାଲଭରୀର ସମ୍ମୁଖୀନ ହେବା ପାଇଁ ଏବଂ ମୋର ନିଷ୍ପତ୍ତି ନେବା ପାଇଁ ସୁଯୋଗ ଦେବାକୁ ଥିଲା; ଏବଂ ମୁଁ ମୋର ନିଷ୍ପତ୍ତିକୁ ନେଲି ଏବଂ ତାହାଙ୍କଠାରେ ବିଶ୍ୱାସ କଲି; ତାହାହେଲେ କେତେ ଅଧିକ ସେ ମୋତେ ଉତ୍ଥିତ କରାଇବେ! ଯଦି ବିନା କୌଣସି ପସନ୍ଦରେ, ସେ ମୋତେ ତାହା କରିଛନ୍ତି ଯାହାକି ମୁଁ ଅଟେ, ତାହାପରେ ମୁଁ ଏକ ପସନ୍ଦ ଗ୍ରହଣ କଲି ଏବଂ ତାହାଙ୍କୁ ଭିତରକୁ ନେଲି; ଯେତେବେଳେ ସେ ନିଜେ ତାହାଙ୍କର ହାତକୁ ରଖିଲେ, ଓ ନିଜଠାରେ ଶପଥ କଲେ, ଯେ ସେ ମୋତେ ଶେଷ ଦିନରେ ଉଠାଇବେ । ତେବେ ମୁଁ ନିଶ୍ଚିତରେ ଆଶ୍ୱସ୍ତ ହେବି ।

247 ମୋର ବିଶ୍ରାମ ଅଛି, ଏଇଥି ପାଇଁ ନୁହେଁ ଯେ ମୁଁ ରବିବାର ଦିନ ଉପାସନା କରେ, ଏଇଥି ପାଇଁ ନୁହେଁ ଯେ ମୁଁ ବିଶ୍ରାମବାରରେ ଉପାସନା କରେ । ଏହାର ତାହା ସହିତ କୌଣସି ସମ୍ପର୍କ ନାହିଁ । ମୁଁ ଏଇଥି ପାଇଁ ଉପାସନା କରେ କାରଣ ମୁଁ ତାହାଙ୍କ ଶାନ୍ତି ଓ ବିଶ୍ରାମରେ ପ୍ରବେଶ କରିଅଛି: ଶାନ୍ତି, ବିଶ୍ରାମ, ପ୍ରେମ, ଆନନ୍ଦ । ଝଡ଼ ତୋଫାନ ଆସୁ; ମୋର ଲଙ୍ଗର ତ ଧରି ରଖିଛି ।

248 ହେ ମୋର ବନ୍ଧୁ ଯିଏକି ଏଠାରେ ଏହି ଗରମ ଆରାଧନାଳୟରେ ବସି ରହିଛନ୍ତି, କଅଣ ଆପଣଙ୍କର ଆଜି ରାତି, ସେହି ଅନୁଭୂତି ରହିଛି କି? ଆପଣମାନେ ମୋତେ ଶୁଣିବାକୁ ଆସି ନାହାଁନ୍ତି । ନା । ଆପଣ ତ ବାକ୍ୟ ଶୁଣିବାକୁ ଆସିଛନ୍ତି । ମୋର ବନ୍ଧୁ, ଶୁଣନ୍ତୁ ।

249 ବର୍ତ୍ତମାନ ଯଦି ଆପଣମାନେ ସେହି ବିଶ୍ରାମ ପାଇ ନାହାଁନ୍ତି, ତାହାହେଲେ ଆପଣ ବର୍ତ୍ତମାନ ହିଁ ଏହାକୁ ପାଇପାରନ୍ତି । ଆପଣଙ୍କୁ ଏଠାରେ ଯଜ୍ଞବେଦୀ ଉପରକୁ ଆସିବାର ପ୍ରୟୋଜନ ନାହିଁ । ଆପଣ ଯେଉଁଠାରେ ବସିଛନ୍ତି ଠିକ୍ ସେହିଠାରେ ହିଁ ବସି ରହିଥାଆନ୍ତୁ । ନିଷ୍ଠାବାନ ରୁହନ୍ତୁ, ଏବଂ କୁହନ୍ତୁ, "ଖ୍ରୀଷ୍ଟ, କେବଳ ମୋର ହୃଦୟ ସହିତ କଥା କୁହ । ମୁଁ ଜାଣେ

ଯେ ଏହା ଗରମ ଅଟେ। ମୁଁ ତ—ମୁଁ ତ କେବଳ ସର୍ବତ୍ର ଝାଳ, ନାଳ ହୋଇଯାଇଛି। ମୁଁ ଭୟଙ୍କର ହୋଇଯାଇଛି। ମାତ୍ର, ପ୍ରଭୁ, ପ୍ରକୃତରେ, ହୁଏତ ସକାଳ ପୂର୍ବରୁ, ମୁଁ ଏହାଠାରୁ ଅଧିକ ଖରାପ, ଯନ୍ତ୍ରଣାରେ ଝାଳ ନାଳ ହୋଇ ଥାଇପାରେ।"

ଏବଂ ହୁଏତ ଡାକ୍ତର ତାଙ୍କର ମୁଣ୍ଡ ହଲାଇ, ଏହା କହୁଥାଇ ପାରନ୍ତି, "ଏହା ଏକ ହୃଦାଘାତ ଅଟେ। ସେ ଚାଲି ଯାଇଛନ୍ତି।" ତେବେ କଅଣ ହେବ?

250 ତେବେ କଅଣ ହେବ? ଯେତେବେଳେ ସେହି ମହାନ ପୁସ୍ତକଟି ଖୋଲାଯାଏ, ତେବେ କଅଣ ହେବ? ଆପଣ ସେହି ଗୀତ ଶୁଣିଛନ୍ତି, *ତେବେ କଅଣ ହେବ?* "ଯେତେବେଳେ ସେହି ଲୋକମାନେ ଯେଉଁମାନେକି ବାର୍ତ୍ତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ସେମାନଙ୍କୁ ଏକ କାରଣ ଦର୍ଶାଅ ବୋଲି କୁହାଯିବ, ତେବେ କଅଣ ହେବ?" ତେବେ କଅଣ ହେବ? ତେବେ ଏହା ବିଷୟରେ, ଗଭୀର ଭାବରେ ଚିନ୍ତା କରନ୍ତୁ।

251 ଯେତେବେଳେ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିଥାଉ, ଏହା ବିଷୟରେ ଚିନ୍ତା କରନ୍ତୁ।

ଯେତେବେଳେକି ଆଜି ରାତିରେ ସେହି ଜଣକା ଯିଏକି ଏହି ବାର୍ତ୍ତାକୁ
  ପ୍ରତ୍ୟାଖ୍ୟାନ କରୁଛନ୍ତି,
ଏକ କାରଣ ଦର୍ଶାଇବାକୁ କୁହାଯିବ—ତେବେ କଅଣ ହେବ?

ତେବେ କଅଣ ହେବ? ତେବେ କଅଣ ହେବ?
ଯେତେବେଳେ ସେହି ମହାନ ପୁସ୍ତକଟି ଖୋଲାଯାଏ, ତେବେ
  କଅଣ ହେବ?
ଯେତେବେଳେକି ଆଜି ରାତିରେ ସେମାନେ ଯେଉଁମାନେକି ଏହି
  ବାର୍ତ୍ତାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି,
ଆପଣଙ୍କୁ ଏକ କାରଣ ଦର୍ଶାଇବାକୁ କୁହାଯିବ—ତେବେ କଅଣ
  ହେବ?

252 ସ୍ୱର୍ଗୀୟ ପିତା, ବର୍ତ୍ତମାନ ଏହାସବୁ ତୁମ ହାତରେ ଅଟେ। ଏଠାରେ ଲୋକମାନଙ୍କ ସମ୍ମୁଖରେ ସେହି ପ୍ରକୃତ ବିଶ୍ରାମବାର ଅଛି। ଏଠାରେ ପରମେଶ୍ୱରଙ୍କ ସ୍ୱର୍ଗଦୂତ ଅଛନ୍ତି, ଗତ କିଛି ବର୍ଷ ହେଲା, ସମଗ୍ର ବିଶ୍ୱରେ ବିସ୍ଫୋରଣ କରିଅଛନ୍ତି। ସମାଲୋଚକମାନେ ଏବଂ ଅନ୍ୟ ସମସ୍ତ କିଛି ଲୋକମାନେ, ଏହାକୁ ନିନ୍ଦା କରିବାକୁ ଚେଷ୍ଟା କରିଅଛନ୍ତି। କିନ୍ତୁ, ପ୍ରତ୍ୟେକ ଥର, ତୁମେ ନିଜକୁ ପରମେଶ୍ୱର ବୋଲି ପ୍ରମାଣ କରିଅଛ।

253 ବୈଜ୍ଞାନିକ ଜଗତ, ସେହି ମଣ୍ଡଳୀ ଜଗତ; ହେ ପ୍ରଭୁ, କଅଣ ସେମାନେ ଅନ୍ଧ ଅଟନ୍ତି କି? ହୋଇପାରେ ଯେ ଆଜି ରାତି ଏଠାରେ କେହି ଜଣେ ଅଛନ୍ତି ଯିଏକି ନିଜର ଦୃଷ୍ଟିଶକ୍ତିକୁ ଗ୍ରହଣ କରିବାକୁ ଚାହାଁନ୍ତି, ଯେପରିକି ଗମନାଗମନ କରନ୍ତି, ଏବଂ ପରମେଶ୍ୱରଙ୍କୁ ପରୀକ୍ଷା କରନ୍ତି ନାହିଁ ଯେପରିକି ବିରକ୍ତି ଜନ୍ମାଇବା ଦିନରେ ହୋଇଥିଲା; ରବିବାର ଦିନ ଭଲ ରହିବା ଦ୍ୱାରା,

କିମ୍ବା ଏକ ନିର୍ଦ୍ଦିଷ୍ଟ ଦିନ ପାଳନ କରିବା ଦ୍ୱାରା, କିମ୍ବା ଏକ ନିର୍ଦ୍ଦିଷ୍ଟ ଧର୍ମମତ ପାଳନ କରିବା ଦ୍ୱାରା, ଅବା ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀରେ ସମ୍ପୃକ୍ତ ହେବା ଦ୍ୱାରା ତାହାଙ୍କୁ ପରୀକ୍ଷା କରିବାକୁ ଚେଷ୍ଟା କରନ୍ତି ନାହିଁ । ମାତ୍ର ବାହାରି ଆସିବା ସେହି ହୃଦୟରେ, ସୁନ୍ନତ ହେବାକୁ, ଓ ପବିତ୍ରଆତ୍ମା ଗ୍ରହଣ କରିବାକୁ ଚାହାଁନ୍ତି । ଏବଂ ସେମାନେ ତାହାଙ୍କୁ ଚାହାଁନ୍ତି । ତେବେ ବିଶ୍ୱାସ ଦ୍ୱାରା, ସେମାନେ ନିଜ ହୃଦୟରେ ତାହାଙ୍କୁ ଗ୍ରହଣ କରିବାକୁ ଚେଷ୍ଟା କରୁଛନ୍ତି । ପ୍ରଭୁ, ସେମାନେ ତୁମଠାରେ ଅନୁଗ୍ରହ ପାଇବାକୁ ଚେଷ୍ଟା କରୁଛନ୍ତି ।

254 ଓଃ, ସେମାନେ ହୁଏତ ପରଭାଷାରେ କଥା ହୋଇଥିବେ । ସେମାନେ ହୁଏତ ପାଟି କରିଥିବେ । ତଥାପି ସେମାନଙ୍କର ସେହି ସମାନ ପୁରୁଣା କ୍ରୋଧ ରହିଛି । ସେମାନଙ୍କଠାରେ ଏବେ ମଧ୍ୟ ସେହି ସମାନ ପୁରୁଣା ଦୁଷ୍କର୍ମ ରହିଛି । ସେମାନେ ଏବେ ସୁଦ୍ଧା ବାଜେ ଗପଶପ କରନ୍ତି ଓ କଥାବାର୍ତ୍ତା କରନ୍ତି, ଏବଂ ଯାହା ନ କରିବା କଥା ସେହି ବିଷୟଗୁଡିକୁ କରନ୍ତି । ପ୍ରଭୁ, ସେମାନେ ତାହା ଚାହାଁନ୍ତି ନାହିଁ । ତେବେ କଅଣ ହେବ, ଯେତେବେଳେ ସେହି ମହାନ ପୁସ୍ତକ ଖୋଲାଯାଏ, ଯାହାକି କୁହେ, "ଏହିପରି ଲୋକମାନେ ରାଜ୍ୟରେ ପ୍ରବେଶ କରିବେ ନାହିଁ"? "ଅତଏବ ତୁମର ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ତୁମେ ମଧ୍ୟ ସେହିପରି ସିଦ୍ଧ ହୁଅ ।" ଏଥିରୁ କିଛି ହେଲେ ଊଣା ଭିତରକୁ ପ୍ରବେଶ କରିବ ନାହିଁ । କଅଣ ଆଜି ରାତି, ସେମାନେ କ୍ରୁଶାର୍ପଣରେ, ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରୁଅଛନ୍ତି କି? ଯଦି ନୁହେଁ, ତେବେ ହେ ପ୍ରଭୁ, ଏହା ହେଉ ଯେ ସେମାନେ ସେହି ଗୋଟିଏ ଅନନ୍ତ "ହଁ" କୁ ଏବେ ବର୍ତ୍ତମାନ ହିଁ କରି ନିଅନ୍ତୁ ।

255 କୁହନ୍ତୁ, "ହେ ପ୍ରଭୁ, ମୁଁ. . .କୌଣସି ଭାବାବେଗ ନୁହେଁ, ମାତ୍ର ମୁଁ ମୋ ହୃଦୟରେ କେବଳ କିଛି ଗୋଟାଏ ଅନୁଭବ କରୁଅଛି, ଯେ କିଛି ଗୋଟାଏ ବିଷୟ ମୋତେ କହୁଅଛି, 'ମୁଁ ତୁମର ଅନୁଗ୍ରହ ଦ୍ୱାରା, ବର୍ତ୍ତମାନ ହିଁ ଏହା କରିପାରେ ।' ଏବଂ ମୁଁ ବର୍ତ୍ତମାନ ତୁମକୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁଅଛି । ମୁଁ—ମୁଁ ଜଗତର ସମସ୍ତ ବିଷୟବସ୍ତୁକୁ ପ୍ରତ୍ୟାଖ୍ୟାନ କରୁଅଛି, ଏବଂ ମୁଁ ତୁମର ବିଶ୍ରାମକୁ ପ୍ରବେଶ କରିବାକୁ ଚାହେଁ । ଏବଂ ମୁଁ ବିଶ୍ୱାସ କରେ ଯେ ମୁଁ ବର୍ତ୍ତମାନ ଏହା କରୁଅଛି । ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ମୋତେ ଠିକ ସେହି ସ୍ଥାନକୁ ନେଇକରି ଆସୁଅଛନ୍ତି ।"

256 ଯେତେବେଳେ ପ୍ରତ୍ୟେକ ମସ୍ତକଗୁଡିକ ନତ ଅଛି । କଅଣ ବର୍ତ୍ତମାନ କେହି ସେହିପରି ଅନୁଭବ କରୁଛନ୍ତି କି? ନିଜର ହାତ ଉଠାନ୍ତୁ, "ପବିତ୍ରଆତ୍ମା ମୋତେ ବର୍ତ୍ତମାନ ଏପରି ଏକ ସ୍ଥାନକୁ ଆଣୁଛନ୍ତି ଯେଉଁଠାରେ ମୁଁ ଆଉ ଅଧିକ ବାଜେ ଗପଶପ କରିବି ନାହିଁ ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ମୁଁ ସେହି ବିଷୟଗୁଡିକୁ କରିବି ନାହିଁ । ମୋର କ୍ରୋଧ ଦୂର ହୋଇଯାଇଛି । ମୁଁ ଠିକ ବର୍ତ୍ତମାନ ସମୟଠାରୁ ଶାନ୍ତି, ଆନନ୍ଦ ଏବଂ ଦୀର୍ଘସହିଷ୍ଣୁତାରେ ରହିପାରେ । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ବର୍ତ୍ତମାନ ମୋ ସହିତ କଥାବାର୍ତ୍ତା କରୁଛନ୍ତି, ଯେ ମୁଁ ତାହାଙ୍କ ଅନୁଗ୍ରହରେ, ଏହି ସମୟଠାରୁ ତାହା କରିପାରେ ।" କଅଣ ଆପଣମାନେ ନିଜର ହାତ ଉଠାଇବେ କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ସେହି

ଯୁବା ମହିଳାଙ୍କୁ ଆଶୀର୍ବାଦ କରନ୍ତୁ । ଅନ୍ୟ କେହି ଅଛନ୍ତି କି? "ମୁଁ ବର୍ତ୍ତମାନ ବିଶ୍ୱାସ କରେ ।"

257 ବିରକ୍ତି ଜନ୍ମାଇବା ଦିନରେ ଯେପରି କରିଥିଲ, ସେପରି ତାହାଙ୍କୁ ପରୀକ୍ଷା କର ନାହିଁ। ଏହା ଭାବନ୍ତୁ ନାହିଁ ଯେହେତୁ ଆମେମାନେ ରବିବାର ଦିନ ମଣ୍ଡଳୀକୁ ଯାଉ, କିଅବା ବିଶ୍ରାମବାର ପାଳନ କରୁ। ପାଉଲ କହିଲେ, "ତୁମେମାନେ ଯେଉଁମାନେକି ଦିନ କିମ୍ବା ଚନ୍ଦ୍ର, ଅବା ପ୍ରଭୃତିସବୁ ପାଳନ କରନ୍ତି, ମୁଁ ତୁମମାନଙ୍କ ବିଷୟରେ ଭୟ କରେ। ବ୍ୟବସ୍ଥା ଆଗାମୀ ଉତ୍ତମ ବିଷୟଗୁଡ଼ିକର ଛାୟା ହୋଇଥିବା ହେତୁରୁ, ସେହି ବିଷୟର ବାସ୍ତବ ପ୍ରତିଛବି ନୁହେଁ, ତାହା କଦାପି ଉପାସକଙ୍କୁ ସିଦ୍ଧ କରିପାରେ ନାହିଁ।" ମାତ୍ର ଖ୍ରୀଷ୍ଟ ଆପଣଙ୍କୁ ସିଦ୍ଧ, ପରମେଶ୍ୱରଙ୍କ ଦୃଷ୍ଟିରେ ସିଦ୍ଧ କରନ୍ତି । ସେ ଆପଣଙ୍କର ପାପକୁ ଦୂର କରନ୍ତି, ଆପଣଙ୍କଠାରୁ ନିନ୍ଦାକୁ ଦୂର କରନ୍ତି, ଆପଣଙ୍କୁ ତାହାଙ୍କର ପ୍ରେମ ଏବଂ ଆନନ୍ଦ ଦିଅନ୍ତି ।

258 କଅଣ ଆପଣ ବର୍ତ୍ତମାନ ବିଶ୍ରାମରେ ପ୍ରବେଶ କରିବେ କି? ଅନ୍ୟ କେହି ଜଣେ ସେମାନଙ୍କର ହାତକୁ ଉଠାଇ, କହିଲେ, "ମୁଁ ତାହା କରିଅଛି ।" ହେ ଯୁବା ମହିଳା, ମୋର ବାମ ପାର୍ଶ୍ୱରେ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ମୋର ଡାହାଣ ପାର୍ଶ୍ୱରେ ବସିଥିବା ସେହି ବ୍ୟକ୍ତିଙ୍କୁ ପରମେଶ୍ୱର ଆଶୀର୍ବାଦ କରନ୍ତୁ । ତାହାଙ୍କ ବିଶ୍ରାମରେ ପ୍ରବେଶ କରିବା, ଏହା ବିଷୟରେ ଠିକ ବର୍ତ୍ତମାନ ଚିନ୍ତା କରନ୍ତୁ ।

259 ପ୍ରାର୍ଥନା କରନ୍ତୁ, "ମୁଁ ଯେପରି ଅଟେ, ହେ ପ୍ରଭୁ, ଏକ ନିବେଦନ ବିନା; ମୁଁ କୌଣସି ପ୍ରକାରେ ଭଲ ନୁହେଁ। ମୁଁ ତୁମକୁ କିଛି ଦେଇପାରେ ନାହିଁ, ମାତ୍ର କେବଳ ମୋର ପୁରୁଣା, ଜର୍ଜରିତ, ପାପମୟ ଜୀବନକୁ ଦିଏ । କଅଣ ତୁମେ ମୋତେ ଗ୍ରହଣ କରିବ କି? ପରିଷ୍କାର କରିବ କି? ଆରାମ ଦେବ କି? କାରଣ, ମୁଁ ପ୍ରତିଜ୍ଞା କରିଥିଲି ଯେ ମୁଁ ବିଶ୍ୱାସ କରିବି । ହେ ପରମେଶ୍ୱରଙ୍କ ମେଷଶାବକ, ମୁଁ ଆସୁଅଛି । ମୁଁ ବର୍ତ୍ତମାନ ବିଶ୍ୱାସ କରି ଆସୁଅଛି, ଯେ ମୁଁ ବର୍ତ୍ତମାନ ମୃତ୍ୟୁରୁ ଜୀବନକୁ ପ୍ରବେଶ କରିଯାଇଛି । କାରଣ, ଠିକ୍ ଏଠାରେ ମୋ ଆସନରେ, ମୁଁ ତୁମକୁ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛି ଏବଂ ମୁଁ ମୋ ହୃଦୟରେ ଶାନ୍ତି ଅନୁଭବ କରେ ।"

260 ପାଞ୍ଚ ଜଣ ସେମାନଙ୍କର ହାତକୁ ଉଠାଇଛନ୍ତି । କଅଣ ଅନ୍ୟ କେହି ଜଣେ ଅଛନ୍ତି, ଯିଏକି ସେହି ସମାନ ଭାବରେ ଅନୁଭବ କରନ୍ତି, ନିଜର ହାତକୁ ଉଠାଇବେ କି? ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି, ତାହାହେଲେ ବର୍ତ୍ତମାନ ହିଁ ତାହାଙ୍କୁ ଗ୍ରହଣ କରି ନିଅନ୍ତୁ ।

261 ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ବୋଲି ଅଙ୍ଗୀକାର କରୁଛନ୍ତି ଏବଂ ସେହିପରି ରହିନାହାଁନ୍ତି, ଆପଣ ଏବେ ସୁଦ୍ଧା ଜଣେ ପାପୀ ଅଟନ୍ତି, ତାହାହେଲେ ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ—ଆପଣ ଜୀବନରେ କଅଣ କରିଛନ୍ତି, କିମ୍ବା ଆପଣ ନିଜକୁ କିପରି ଭାବରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛନ୍ତି । ଆପଣ ଯାହା କରନ୍ତି ତାହା ଗ୍ରହଣୀୟ ନୁହେଁ । ଏହା ତ ତାହା ଅଟେ ଯାହା ସେ କରିଛନ୍ତି। ଆପଣଙ୍କର ନିଜର ଧାର୍ମିକତା ଗ୍ରହଣ କରାଯିବ ନାହିଁ। ଯଦି ଆପଣ କେବଳ ଏଇଥି ପାଇଁ ଧୂମପାନ ତ୍ୟାଗ କରିଛନ୍ତି ଯେ ଆପଣ ତାହା କହିଥିଲେ, "ତେବେ,

ଉତ୍ତମ ହେବ ଯେ ମୁଁ ଧୂମପାନ ତ୍ୟାଗ କରିଦିଏ କାରଣ ମୁଁ ଖ୍ରୀଷ୍ଟିଆନ ଧର୍ମକୁ ଅଙ୍ଗୀକାର କରୁଅଛି," ପରମେଶ୍ୱର ଏହାକୁ ଗ୍ରହଣ କରନ୍ତି ନାହିଁ। ଯଦି ଆପଣ ସ୍ତ୍ରୀଲୋକମାନଙ୍କ ପ୍ରତି କାମବାସନାରେ ଲୋଭ କରିବା ଛାଡିଦିଅନ୍ତି, କେବଳ ଏହେତୁ ଯେ ଆପଣ ନିଜେ ନିଜ ଦ୍ୱାରା ଏହାକୁ କରାଉଅଛନ୍ତି, ତାହାହେଲେ ପରମେଶ୍ୱର ଏହାକୁ ଗ୍ରହଣ କରନ୍ତି ନାହିଁ। ଏହା ତ ଏପରି କିଛି ଅଟେ ଯାହା ଆପଣ କରୁଛନ୍ତି। ତାହା ତ କର୍ମ ଅଟେ। ଏହା ତ ଅନୁଗ୍ରହ ଅଟେ ଯାହାକି ଆପଣଙ୍କୁ ରକ୍ଷା କରିଥାଏ। କଅଣ ପରମେଶ୍ୱର ଆପଣଙ୍କ ପାଖକୁ ଆସି ସମଗ୍ର ବିଷୟକୁ ଆପଣଙ୍କଠାରୁ ବାହାର କରି ନେଇଛନ୍ତି କି? ତାହାହିଁ ହେଉଛି ପରବର୍ତ୍ତୀ ବିଷୟ।

262 ଆପଣ କୁହନ୍ତି, "ମୁଁ ମଣ୍ଡଳୀରେ ଯୋଗ ଦେଲି, ଏବଂ ତେଣୁକରି ମୋତେ ଏହିସବୁ ବିଷୟକୁ ତ୍ୟାଗ କରିବାକୁ ପଡିଲା।" ପରମେଶ୍ୱର ତାହା ଗ୍ରହଣ କରନ୍ତି ନାହିଁ, ଏପରି କିଛି ଯାହା ଆପଣ ଦେଇପାରନ୍ତି। ସେ ତ କେବଳ ତାହା ଗ୍ରହଣ କରନ୍ତି ଯାହା ଖ୍ରୀଷ୍ଟ ଦିଅନ୍ତି। ସେ ଆପଣଙ୍କୁ ଅନନ୍ତ ଜୀବନ ଦିଅନ୍ତି, ଏବଂ ଏହାକୁ ଆପଣଙ୍କଠାରୁ ନେଇଯାଆନ୍ତି। କଅଣ ଆପଣ ଏହାକୁ ଗ୍ରହଣ କରିବେ କି?

...ଝଡ଼ ତୋଫାନ, ଭୟଙ୍କର ସମୁଦ୍ର ଉପରେ,
ଆସ, ବିଶ୍ରାମସ୍ଥଳରେ ନିଜର ପ୍ରାଣକୁ ଲଙ୍ଗର ଦିଅ,
ଏବଂ କୁହ, "ମୋର ପ୍ରିୟତମ ମୋର ଅଟେ।"

ମୁଁ ମୋର ପ୍ରାଣକୁ ଲଙ୍ଗର ଦେଇଅଛି...

ଠିକ ଅଛି, ଆପଣ ନିଜର ମସ୍ତକକୁ ଉଠାଇ ପାରନ୍ତି। ବାର୍ତ୍ତାଟି ବର୍ତ୍ତମାନ ସମାପ୍ତ ହୋଇଯାଇଛି। ଆସନ୍ତୁ ଆମେମାନେ ବର୍ତ୍ତମାନ କେବଳ ଉପାସନା କରିବା।

ମୁଁ ଆଉ ଅଧିକ ସେହି ଭୟଙ୍କର ସମୁଦ୍ରରେ ଯାତ୍ରା କରିବି ନାହିଁ;
ଅତି ବେଗର ଝଡ଼ ତୋଫାନ ସେହି ଭୟଙ୍କର, ଗଭୀର ସମୁଦ୍ର ଉପର
ଦେଇ ଯାଇପାରେ,
ଯୀଶୁଙ୍କଠାରେ ମୁଁ ସଦାକାଳ ପାଇଁ ସୁରକ୍ଷିତ ଅଟେ।

263 ସମସ୍ତେ ବର୍ତ୍ତମାନ, ଉପାସନାରେ ରୁହନ୍ତୁ।

ମୁଁ ବିଶ୍ରାମସ୍ଥଳରେ ମୋର ପ୍ରାଣକୁ ଲଙ୍ଗର ଦେଇଅଛି,
(ବିଶ୍ରାମବାର।)
ମୁଁ ଆଉ ଅଧିକ ସେହି ଭୟଙ୍କର ସମୁଦ୍ରରେ ଯାତ୍ରା କରିବି ନାହିଁ;
ଅତି ବେଗର ଝଡ଼ ତୋଫାନ ସେହି ଭୟଙ୍କର, ଗଭୀର ସମୁଦ୍ର ଉପର
ଦେଇ ଯାଇପାରେ,
ଯୀଶୁଙ୍କଠାରେ ମୁଁ ସଦାକାଳ ପାଇଁ ସୁରକ୍ଷିତ ଅଟେ।

ମୋ ଉପରେ ଉଜ୍ଜ୍ୱଳ ହେଉ...

କେବଳ ନିଜକୁ ଉନ୍ମୁକ୍ତ କରି ଦିଅନ୍ତୁ । ନିଜର ଆଖିଗୁଡିକୁ ବନ୍ଦ କରନ୍ତୁ । କଅଣ ସେହି ମଧୁର ଆତ୍ମାକୁ ଅନୁଭବ କରୁଛନ୍ତି କି? ତାହା ଉପାସନା ଅଟେ । ବାର୍ତ୍ତାଟି ସମାପ୍ତ ହୋଇଯାଇଛି । ଏହା ଉପାସନା ଅଟେ ।

ସେହି ଆଲୋକଗୃହରୁ ଆଲୋକ ମୋ ଉପରେ ଉଜ୍ଜ୍ୱଳ ହେଉ;
ହେ ପ୍ରଭୁ, ମୋ ଉପରେ ଉଜ୍ଜ୍ୱଳ ହେଉ, ମୋ ଉପରେ ଉଜ୍ଜ୍ୱଳ ହେଉ,
ଓଃ, ସେହି ଆଲୋକଗୃହରୁ ଆଲୋକ ମୋ ଉପରେ ଉଜ୍ଜ୍ୱଳ ହେଉ ।

264 କେତେ ଜଣ ପ୍ରକୃତରେ ଭଲ ଅନୁଭବ କରୁଛନ୍ତି? ନିଜର ହାତ ଉଠାନ୍ତୁ । ସେହି ମଧୁର, ନମ୍ର ଆତ୍ମା, ତାହାହିଁ ଏହା ଅଟେ ।

ଯୀଶୁଙ୍କ ପରି ହେବା, କେବଳ ଯୀଶୁଙ୍କ ପରି ହେବା,
ପୃଥିବୀରେ ମୁଁ ତାହାଙ୍କ ପରି ହେବାକୁ ଇଚ୍ଛା କରେ;
ପୃଥିବୀରୁ ଗୌରବ ପର୍ଯ୍ୟନ୍ତ ଜୀବନର ସମସ୍ତ ଯାତ୍ରା ଦେଇ,
ମୁଁ କେବଳ...ପରି ହେବାକୁ କହୁଛି...

କେବଳ ଉପାସନା କରନ୍ତୁ ।

57-0901E ଏବ୍ରୀ, ଅଧ୍ୟାୟ ଚାରି

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org